## ବିଶେଷ ସୂଚନା

ପ୍ରିୟ ପାଠକ ବନ୍ଧୁଗଣ,

ଆପଣମାନେ ଜାଣନ୍ତି ଯେ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ଏବେ ଏକ ସନ୍ଧିକ୍ଷଣ ଦେଇ ଗତି କରୁଛି। ନ୍ୟୁଜ୍ ପ୍ରିଣ୍ଟ, କାଳି ଓ ମୁଦ୍ରଣ ନିମନ୍ତେ ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟତଃ ଦେଢ଼ଗୁଣ ବୃଦ୍ଧି ପାଇଛି। ମୁଦ୍ରଣ ବ୍ୟୟ ତୁଳନାରେ ସମ୍ବାଦପତ୍ରର ବିକ୍ରୟ ମୂଲ୍ୟ ଯଥେଷ୍ଟ କମ୍ ଓ 'ସକାଳ' ଆରମ୍ଭରୁ ଅନ୍ୟ ସମ୍ବାଦପତ୍ର ତୁଳନାରେ କମ୍ (୬ ଟଙ୍କା)ରେ ପାଠକମାନଙ୍କ ପାଇଁ ଉପଲବ୍ଧ ହେଉଛି। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହି ମୂଲ୍ୟରେ ପାଠକମାନଙ୍କୁ ଖବରକାଗଜ ଯୋଗାଇବା ସମ୍ଭବପର ହେଉନାହିଁ। ତେଣୁ ଅନିଚ୍ଛା ସତ୍ତ୍ୱେ ଆସନ୍ତା ଜାନୁଆରୀ ୧ ତାରିଖଠାରୁ 'ସକାଳ'ର ମୂଲ୍ୟ ୬ଟଙ୍କା ପରିବର୍ତ୍ତେ ୭ ଟଙ୍କା କରିବାକୁ ବାଧ ହେଉଛୁ। ଆମର ସହୃଦୟ ପାଠକବନ୍ଧୁମାନେ ଏହାକୁ ହୃଦୟଙ୍ଗମ କରିବେ ବୋଲି ଆଶା କରୁଛୁ।

- ମୁଖ୍ୟ କାର୍ଯ୍ୟନିର୍ବାହୀ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-183 •MONDAY •29 DECEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୮୩ •ସୋମବାର •୨୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ପୁଣି ଚିନ୍ତା ବଢ଼ାଇଲା ଦିଲ୍ଲୀ ପ୍ରଦୂଷଣ

## ୪୦ରୁ ୨୦ ଷ୍ଟେସନ୍‌ରେ ଏକ୍ୟୁଆଇ ୪୦୦ ପାର୍

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ପୁଣି ଚିନ୍ତା ବଢାଇଛି। ଶନିବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୮୫ ରେକର୍ଡ କରାଯାଇଛି। ରାଜଧାନୀର ୪୦ଟି ଏକ୍ୟୁଆଇ ଷ୍ଟେସନ୍ ମଧ୍ୟରୁ ୨୦ଟିରେ ବାୟୁ ଗୁଣବତ୍ତା ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ଏହି ଷ୍ଟେସନଗୁଡ଼ିକରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି। ଏଥିରେ ଶାଦିପୁର, ବିବେକ ବିହାର, ଅଶୋକ ନଗର, ବାୱାନା, ଚାନ୍ଦନୀ ଚୌକ, ଡିଟିୟୁ ଦ୍ୱାରକା, ଆଇଟିଓ ଓ ମୁଣ୍ଡାକା ଷ୍ଟେସନ ଅନ୍ତର୍ଭୂକ୍ତ।

ପ୍ରଦୂଷଣ ନୟନ୍ତ୍ରଣ କରିବା ପାଇଁ ବାୟୁ ଗୁଣବତ୍ତା ପରିଚାଳନା କମିଶନ (ସିଏକ୍ୟୁଏମ୍) ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଜିଆରଏପି)ର ପର୍ଯ୍ୟାୟ-୩ କାର୍ଯ୍ୟକାରୀ କରିଛି। ଏହି ସମୟରେ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା ଘୋଷଣା କରିଛନ୍ତି ଯେ, ଦିଲ୍ଲୀ ପ୍ରଦୂଷଣ ରୋକିବା ପାଇଁ ଜିଆରଏପି-୪ ଅଧୀନରେ ଦୁଇଟି ପ୍ରତିବନ୍ଧକ ସ୍ଥାୟୀ ଭାବେ ଲାଗୁ କରାଯାଇଛି। ବର୍ତ୍ତମାନ ବୈଧ ପ୍ରଦୂଷଣ ନିୟନ୍ତ୍ରଣ



ପ୍ରମାଣପତ୍ର (ପିୟୁସିସି) ବିନା ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଯାନ ଏବଂ ବିଏସ୍-୬ ମାନଦଣ୍ଡ ତଳେ ଥିବା ଯାନବାହନ ପ୍ରବେଶ ଉପରେ ସ୍ଥାୟୀ ପ୍ରତିବନ୍ଧକ ଲାଗୁ କରାଯାଇଛି। ପୂର୍ବରୁ ଏହି ପ୍ରତିବନ୍ଧକଗୁଡିକ ପୂର୍ବରୁ କେବଳ ଜିଆରଏପି-୪ ଲାଗୁ ହେବା ସମୟରେ ଲାଗୁ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହା ସରକାରଙ୍କ ପରବର୍ତ୍ତୀ ପ୍ରତିବନ୍ଧକ ଲାଗୁ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହ ସରକାର ପୋଖରୀ ଓ ଅନ୍ୟ ଜଳ ଉତ୍ସଗୁଡିକୁ ସଫା କରିବା ଓ ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପୂର୍ବରୁ ଡିସେମ୍ବର ୧୮ ରେ ସରକାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀମାନଙ୍କ ପାଇଁ ଘରୁ କାର୍ଯ୍ୟ କରିବାର ନିୟମ ଲାଗୁ କରିଥିଲେ।

**ପଲ୍ୟୁସନ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ- ଡିଜେଲ ମନା**

**ବିଏସ୍-୬ରୁ ତଳେ ଥିବା ଗାଡ଼ି ପ୍ରବେଶ ସ୍ଥାୟୀ ଭାବେ ନିଷିଦ୍ଧ**

ଅର୍ଥାତ କେବଳ ଅଧା କର୍ମଚାରୀ ସମସ୍ତ କାର୍ଯ୍ୟାଳୟରେ ଯୋଗ ଦେଉଛନ୍ତି ଓ ଅଧା ଘରୁ କାର୍ଯ୍ୟ କରୁଛନ୍ତି। ଅବଶ୍ୟ ସ୍ୱାସ୍ଥ୍ୟସେବା, ଅଗ୍ନିସମ ସେବା, ଜେଲ ପ୍ରଶାସନ, ସାର୍ବଜନୀନ ପରିବହନ ଓ ବିପର୍ଯ୍ୟୟ ପରିଚାଳନା ଭଳି କିଛି କ୍ଷେତ୍ରକୁ ଏହି ନିୟମରୁ ବାଦ୍ ଦିଆଯାଇଛି। ଦିଲ୍ଲୀରେ ଏବେ ଏହି ପ୍ରଦୂଷଣ କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ; ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତିଗ୍ରସ୍ତ କରୁଛି ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ପିଲାଙ୍କ ବୌଦ୍ଧିକ ସ୍ତର ମଧ୍ୟ କମ୍ ରହିବ ବୋଲି ଆଶଙ୍କା କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍

# ବର୍ଷାନ୍ତ ସଂସ୍କରଣରେ ପାର୍ବତୀ ଗିରି

■ ଭୁବନେଶ୍ୱର, ୨୮ ।୧୨ (ସମିସ): ରବିବାର ପ୍ରସାରିତ ହୋଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୯ତମ 'ମନ୍ କି ବାତ୍" ବର୍ଷାନ୍ତ ସଂସ୍କରଣ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ମା ପାର୍ବତୀ ଗିରିଙ୍କ ଯୋଗଦାନ ବିଷୟରେ ଉଲ୍ଲେଖ ସହ ତାଙ୍କର ପ୍ରେରଣାଦାୟକ ଜୀବନ ପ୍ରତ୍ୟେକ ପିଢ଼ିକୁ ମାର୍ଗଦର୍ଶନ କରି ଚାଲିବ ବୋଲି କହିଛନ୍ତି।



**ପ୍ରତ୍ୟେକ ପିଢ଼ିକୁ ମାର୍ଗଦର୍ଶନ କରି ଚାଲିବ ପାର୍ବତୀ ଗିରିଙ୍କ ପ୍ରେରଣାଦାୟକ ଜୀବନ**

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ମାସରେ ଆମେ ଦେଶର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବା। ଯେତେବେଳେ ବି ଏପରି ସୁଯୋଗ ଆସେ, ଆମ ହୃଦୟ ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନ ନିର୍ମାତାଙ୍କ ପ୍ରତି କୃତଜ୍ଞତାରେ ପୂରିଉଠେ। ଆମ ଦେଶ ସ୍ୱାଧୀନତା ପ୍ରାପ୍ତି ପାଇଁ ଏକ ଦୀର୍ଘ ଲଢ଼େଇ ଲଢ଼ିଛି। ଦେଶର ପ୍ରତ୍ୟେକ ଅଞ୍ଚଳର ଲୋକ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସ୍ୱାଧୀନତାର ଅନେକ ନାୟକ-ନାୟିକାଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ। ସେହିଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଓଡ଼ିଶାର ପାର୍ବତୀ ଗିରି। ଜାନୁଆରୀ ୨୦୨୬ରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରାଯିବ।

ପାର୍ବତୀ ଗିରି ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ପରେ ପାର୍ବତୀ ଗିରି ସମାଜସେବା ଏବଂ ଆଦିବାସୀ କଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ମୁଁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶ ପାଇଁ ଚ୍ୟାଲେଞ୍ଜ, ସମ୍ଭାବନା, ବିକାଶ ଉପରେ ଚର୍ଚ୍ଚା କରିଛନ୍ତି। ଜାତୀୟ ସୁରକ୍ଷା, ▶ପୃଷ୍ଠା-୭

### ବଦଳୁଛି ବିଜେଡି

# ତୃତୀୟ ପିଢ଼ି ଉପରେ ନବୀନଙ୍କ ଗୁରୁତ୍ୱ

■ ଭୁବନେଶ୍ୱର, ୨୮।୧୨ (ସମିସ): ବିଜେଡି ବଦଳୁଛି। ଦଳରେ ଦ୍ୱିତୀୟ ପିଢ଼ି ନେତାମାନଙ୍କ ଅପେକ୍ଷା ନୂତନ ଅର୍ଥାତ୍ ତୃତୀୟ ପିଢ଼ିକୁ ମିଳୁଛି ଅଧିକ ଗୁରୁତ୍ୱ। ପ୍ରତିଷ୍ଠା ଦିବସରେ ଦଳର ସଭାପତି ନବୀନ ପଟ୍ଟନାୟକ କରିଥିବା ଘୋଷଣା ଓ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ହେବାର ପ୍ରତିଶ୍ରୁତି ଆଧାରରେ ଛାତ୍ର ଓ ଯୁବ ଗୋଷ୍ଠୀର ଟାଣୁଆ ନେତାମାନଙ୍କୁ ନେତୃତ୍ୱ ନେବା ପାଇଁ ଏବେଠାରୁ ପ୍ରସ୍ତୁତ କରାଯାଉଛି। ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ, ପୌର ପରିଷଦ ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ଦୁଇ ଛାମୁଆଁ ସଙ୍ଗଠନ ଯୁବ ଓ ଛାତ୍ର ବାହିନୀର ପୁନର୍ଗଠନ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ବିଜୁ ଯୁବ ଜନତା ଦଳରେ ୪ ଜଣ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜେନ୍ଦ୍ର



**ଯୁବ ଓ ଛାତ୍ର ରାଜ୍ୟ କମିଟିରେ ନିଷ୍ଠା ଓ ଆନୁଗତ୍ୟକୁ ପ୍ରାଧାନ୍ୟ**

**ଯୁବ ବାହିନୀରେ ୪ କାର୍ଯ୍ୟକାରୀ ସଭାପତି, ୧୬୦ କର୍ମକର୍ତ୍ତା**

**ଛାତ୍ର ବାହିନୀରେ ୫ କାର୍ଯ୍ୟକାରୀ ସଭାପତି,୧୪୫ କର୍ମକର୍ତ୍ତା**

ହୋତା, ପ୍ରଶାନ୍ତ ପଣ୍ଡା, ଅମୀର ଅହମ୍ମଦ , ୨ ମହାସଚିବ ଅମରଜିତ୍ ସେନାପତି ଓ ସୋଫିଆ ଆଲାମଙ୍କ ସହ ୧୭ ଜଣ ବରିଷ୍ଠ ଉପସଭାପତି, ୫୩ ଉପସଭାପତି ଓ ୮୪ ସାଧାରଣ ସମ୍ପାଦକଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳରେ ୫ କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ବିଷ୍ଣୁପ୍ରସାଦ ପଣ୍ଡା, ଚିନ୍ମୟ ଦାସ, ଆଲ୍ଲାରଖା ଖାନ୍, ପ୍ରଦୋଷ ପରିଡ଼ା, ରକି ଦାସ, ସୁଜିତ୍ ପାଲଟା ସିଂହ ପ୍ରମୁଖ ୨ ମହାସଚିବ, ୧୫ ବରିଷ୍ଠ ଉପସଭାପତି, ୩୪ ଉପସଭାପତି ଓ ୮୯ ଜଣ ସାଧାରଣ ସମ୍ପାଦକଙ୍କୁ ନିଯୁକ୍ତି ମିଳିଛି।

ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ପ୍ରତିଷ୍ଠା ଦିବସରେ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ରାଜ୍ୟବାସୀଙ୍କ ସ୍ୱର ଭାବେ କାର୍ଯ୍ୟ କରିବ। ତଦନୁଯାୟୀ ପ୍ରତିଷ୍ଠା ଦିବସ ପରେ ପରେ ୧୧ଟି ଜିଲ୍ଲା କମିଟି ଘୋଷଣା ▶ପୃଷ୍ଠା-୭

# ଦେଶ ସାରା ଶୀତ ରାଜୁତି

## କଶ୍ମୀରରେ ପାରଦ ଶୂନ ଡିଗ୍ରୀ, ରାଜସ୍ଥାନର ସିକରରେ ୨.୧°

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ଦେଶର ଉତ୍ତରଭାଗରେ ଶୀତ ତଥା ଥଣ୍ଡାର ପ୍ରକୋପ ଜାରି ରହିଛି। କାଶ୍ମୀରରେ ତାପମାତ୍ରା ଶୂନ ଡିଗ୍ରୀରେ ପହଞ୍ଚିଛି। ରାଜସ୍ଥାନର ସିକର ଜିଲ୍ଲାର ଫତେପୁରରେ ତାପମାତ୍ରା ୨.୧, କରୌଲିରେ ୨.୪, ସିକରରେ ୩.୫, ପାଲିରେ ୩.୬ ଓ ଦୌସାରେ ୩.୯ ଡିଗ୍ରୀ ସେଲସିୟରେ ପହଞ୍ଚିଛି। ସେହିପରି ପଞ୍ଜାବ ଓ ହରିୟାଣାରେ ପ୍ରବଳ ଥଣ୍ଡା ଜାରି ରହିଛି। ହିସାରରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରେକର୍ଡ କରାଯାଇଛି। ପଞ୍ଜାବର ଫରିଦକୋଟରେ ସର୍ବନିମ୍ନ ତାପମାତ୍ରା ୩.୪, ପଟିଆଲାରେ ୪.୬, ଅମୃତସର-ଲୁଧିଆନାରେ ୪.୪ ଡିଗ୍ରୀ ରେକର୍ଡ କରାଯାଇଛି।

**ଅମୃତସର- ଜଲନ୍ଧରରେ ଦୃଶ୍ୟମାନ ଦୂରତା ଶୂନ**

ଅନ୍ୟପଟେ ଉତ୍ତର ଭାରତର ସମତଳ ଅଞ୍ଚଳ ଜେଟ୍ ଷ୍ଟ୍ରିମ୍ ଦ୍ୱାରା ପ୍ରଭାବିତ ହୋଇଛି। ଆକାଶରେ ଥଣ୍ଡା ଓ ଗରମ ବାୟୁର ବହୁଥିବା ନଦୀକୁ ହିଁ ଜେଟ୍ ଷ୍ଟ୍ରିମ୍ କୁହାଯାଇଥାଏ। ଜେଟ ଷ୍ଟ୍ରିମ୍ ସାଧାରଣତଃ ଉତ୍ତର (ମେରୁ)ରୁ ଆସୁଥିବା ଥଣ୍ଡା ପବନ ଓ ଦକ୍ଷିଣ (ଉଷ୍ଣ ଅଞ୍ଚଳ)ରୁ ଆସୁଥିବା ଉଷ୍ଣ ବାୟୁ ଦ୍ୱାରା ପ୍ରବାହିତ ହୋଇଥାଏ। ଯେତେବେଳେ ବଙ୍କା ହୁଏ କିମ୍ବା ▶ପୃଷ୍ଠା-୭

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୩ ସହର

**୩ ଡିଗ୍ରୀକୁ ଖସିଲା ପାରଦ**

**ଜି.ଉଦୟଗିରି ସବୁଠୁ ଶୀତଳ**



■ ଭୁବନେଶ୍ୱର, ୨୮ ।୧୨ (ସମିସ): ରାଜ୍ୟରେ ଅସମ୍ଭାଳ ଶୀତ। ପଶ୍ଚିମଠାରୁ ନେଇ ଆଭ୍ୟନ୍ତରୀଣ ଓଡ଼ିଶା ସବୁଠାରେ ତାପମାତ୍ରା ତଳ ମୁହାଁ ହେତୁ ଶୀତ ବଢ଼ିଛି। ଗତ ୨୪ ଘଣ୍ଟାରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ପାହାଡ଼ିଆ ଅଞ୍ଚଳରେ ଅସହ୍ୟ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୩.୫ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଶୀତଳ ଅଞ୍ଚଳ ପାଲଟିଛି। ସେହିପରି ଦାରିଙ୍ଗବାଡ଼ିରେ ତାପମାତ୍ରା ୬ ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡ଼ାରେ ୭, ରାଉରକେଲାରେ ୭, ସେମିଳିଗୁଡ଼ାରେ ୭.୫, ନବରଙ୍ଗପୁର ୮.୫, ଭବାନୀ ପାଟଣାରେ ତାପମାତ୍ରା ୯.୫ ଡିଗ୍ରୀ ▶ପୃଷ୍ଠା-୭

# ବଙ୍ଗ-କଳିଙ୍ଗ ସମ୍ପର୍କରେ ଭଟ୍ଟା

## ପ୍ରବାସୀ ପ୍ରସଙ୍ଗ ଦୁଇ ରାଜ୍ୟ ପାଇଁ ବଡ଼ ଆହ୍ୱାନ

■ ଭୁବନେଶ୍ୱର, ୨୮ ।୧୨ (ସମିସ): ଭାରତର ଗୌରବମୟ ଇତିହାସରେ ଅଙ୍ଗ-ବଙ୍ଗ-କଳିଙ୍ଗର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ। ଏବେ ନିଜସ୍ୱ ପରିଚୟରେ ଏହି ଅଞ୍ଚଳଗୁଡ଼ିକ ଆଗକୁ ବଢ଼ିଛନ୍ତି। ସୀମା ଦୃଷ୍ଟିରୁ ଅଙ୍ଗ ଅର୍ଥାତ ବିହାର ସହିତ ଯଦିଓ ଓଡ଼ିଶାର ସମ୍ପର୍କ ବିଶେଷ ଜଡ଼ିତ ନୁହେଁ ମାତ୍ର ପଡ଼ୋଶୀ ରାଜ୍ୟ ଭାବେ ବଙ୍ଗ ଅର୍ଥାତ ପଶ୍ଚିମବଙ୍ଗ ସହିତ ଓଡ଼ିଶା ଓତଃପ୍ରତ ଭାବେ ଜଡ଼ିତ। ଏହି ସମ୍ପର୍କର କେବଳ ଦୁଇ ରାଜ୍ୟର ସୀମାକୁ ଯୋଡ଼ିନାହିଁ, ଉଭୟ ରାଜ୍ୟର ଲକ୍ଷଲକ୍ଷ ଲୋକଙ୍କ ଆତ୍ମିକ ସମ୍ପର୍କ ସହ ଜଡ଼ିତ ରହିଛି। ଲକ୍ଷ ଲକ୍ଷ ଓଡ଼ିଆ ଏବେ ପଶ୍ଚିମବଙ୍ଗରେ ବସବାସ କରୁଛନ୍ତି। ସମାନ ଭାବେ ଲକ୍ଷାଧିକ ବଙ୍ଗୀୟ ନାଗରିକ ମଧ୍ୟର ଓଡ଼ିଶା ବିଭିନ୍ନ ଜିଲ୍ଲାରେ ଶ୍ରମ, ବ୍ୟବସାୟ ସହ ଅନ୍ୟାନ୍ୟ କାମ କରୁଛନ୍ତି। ମାତ୍ର ସମୟାନ୍ତରେ ଏହି ସମ୍ପର୍କରେ ଭଟ୍ଟା ପଡ଼ିବାକୁ ଯାଉଛି। ଯେଉଁ ସୁସମ୍ପର୍କକୁ ନେଇ ଦୁଇ ରାଜ୍ୟ ସୌହାର୍ଦ୍ଦପୂର୍ଣ୍ଣ ଭାବେ ଚଳି ଆସୁଥିଲା, ତାହା ଏବେ କେତେଦିନ ତିଷ୍ଠିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାରେ ବଙ୍ଗାଳୀ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ସଂକ୍ରାନ୍ତ ପଶ୍ଚିମବଙ୍ଗର କ୍ରମାଗତ ଅଭିଯୋଗ ଏହି ସମ୍ପର୍କକୁ ତିକ୍ତ କରିଛି। ଅନ୍ୟ କେହି ନୁହେଁ, ପଶ୍ଚିବବଙ୍ଗର ଶାସକ ଦଳର ବହୁ ନେତା ଲଗାଉଥିବାରୁ ପଶ୍ଚିମବଙ୍ଗରେ କାର୍ଯ୍ୟ କରୁଥିବା ଓ ବସବାସ କରୁଥିବା




**ପୂର୍ବରୁ ରହିଛି ସୀମା, ରସଗୋଲା, ଆଳୁ ବିବାଦ**

**ସନ୍ଧିକ୍ଷଣରେ ଲକ୍ଷ ଲକ୍ଷ ଓଡ଼ିଆ ଓ ବଙ୍ଗୀୟ ନାଗରିକ**

ଓଡ଼ିଆମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । ପୂର୍ବରୁ ସୀମା ବିବାଦରେ ଦୁଇ ରାଜ୍ୟର ପ୍ରଶାସନିକ ଲଢ଼େଇ ଜାରି ରହିଛି। ଏଥିନେଇ ସମୟ ସମୟରେ ସୀମାନ୍ତରେ ହାତାହାତି ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏହାସହ ରସଗୋଲାର ସୃଷ୍ଟିକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଆଇନଗତ ଲମ୍ବା ଲଢ଼େଇ ମଧ୍ୟ ଦୁଇ ରାଜ୍ୟ ମଧ୍ୟରେ ବିବାଦକୁ ଉଗ୍ର କରିଛି। ଆଳୁ ବିବାଦ ମଧ୍ୟ କ୍ରମାଗତ ଭାବେ ଦୁଇ ରାଜ୍ୟର ସମ୍ପର୍କ ଖରାପ କରି ଚାଲିଛି। କିଛି ଦିନ ତଳେ ଦୀଘାଠାରେ ନିର୍ମାଣ ହୋଇଥିବା ନୂତନ ଜଗନ୍ନାଥ ମନ୍ଦିର ଏହି ବିବାଦ ତାଲିକାରେ ଯୋଡ଼ି ହୋଇଛି। ସ୍ଥାନୀୟ ସରକାର ଏହାକୁ ଶ୍ରୀଜଗନ୍ନାଥ ଧାମ ନାମକରଣ କରିବା ପରେ ଓଡ଼ିଶାରେ ପ୍ରବଳ ବିରୋଧ ହେଉଛି।

ତେବେ ଉପରୋକ୍ତ ବିବାଦମାନ ଯଦିଓ ସରକାରୀ ସ୍ତରରେ ଆଲୋଚନା ଓ ଲଢ଼େଇରେ ସୀମିତ ରହିଛି, ଦୁଇ ରାଜ୍ୟର ଶ୍ରମିକମାନଙ୍କ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଏବେ ସବୁଠୁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ନିକଟରେ ସମ୍ବଲପୁରରେ ଜଣେ ବଙ୍ଗୀୟ ନାଗରିକ, ଯିଏକି ଶ୍ରମିକ ଭାବେ କାମ କରୁଥିଲେ ତାଙ୍କୁ ବଙ୍ଗଳାଦେଶୀ ସନ୍ଦେହରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖଡ଼୍‌ଗହସ୍ତ ହୋଇଛନ୍ତି। ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ▶ପୃଷ୍ଠା-୭

### ଓଟିଇଟିରେ ବୋର୍ଡର ତାଲିବାନୀ ନୀତି

# ଫି' ନାମରେ ପରୀକ୍ଷାର୍ଥୀଙ୍କୁ ଶୋଷଣ

■ ଭୁବନେଶ୍ୱର, ୨୮ ।୧୨ (ସମିସ): ଓଟିଇଟି ପରୀକ୍ଷା ପରିଚାଳନା କରିବାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଖାମଖିଆଲ୍ ଓ ବେପରୁଆ ମନୋଭାବ ପଦାରେ ପଡ଼ିଛି। ଆନ୍‌ସାର୍-କୀ ପ୍ରକାଶ ପାଇଥିବା ବିଜ୍ଞପ୍ତି ଜାରି କରି ମଧ୍ୟ ପ୍ରକାଶିତ କରି ନ କରିବା ଓ ଖବର ପ୍ରକାଶ ପରେ ଯାଇ ୱେବସାଇଟ୍‌ରେ ଉପଲବ୍ଧ ହେବାକୁ ନେଇ ବିବାଦ ଆରମ୍ଭ ହୋଇଥିବାବେଳେ ଆନ୍‌ସାର୍-କୀ ର ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ କରିବା ପାଇଁ ୫୦୦ ଟଙ୍କା ଫି' ଧାର୍ଯ୍ୟ ପୁଣି ନୂତନ ବିବାଦ ସୃଷ୍ଟି କରିଛି। ପରୀକ୍ଷାର୍ଥୀମାନେ ଏହାକୁ ବିରୋଧ କରିବା ସହ ଛାତ୍ରଛାତ୍ରୀଙ୍କୁ ଶୋଷଣ କରିବା ପାଇଁ ଏପରି ତାଲିବାନୀ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ କରିଛନ୍ତି।

ବୋର୍ଡର ବିଜ୍ଞପ୍ତି ଅନୁସାରେ ଆନ୍‌ସାର୍-କୀ ରେ ପ୍ରକାଶ ପାଇଥିବା ଉତ୍ତର ନେଇ ଅସନ୍ତୁଷ୍ଟ ଥିବା ପରୀକ୍ଷାର୍ଥୀମାନେ ଆସନ୍ତା ୨୯ ତାରିଖରୁ ଆପତ୍ତି କରିପାରିବେ। ଗୋଟିଏ ପ୍ରଶ୍ନ ପାଇଁ ଆପତ୍ତି କଲେ ପରୀକ୍ଷାର୍ଥୀଙ୍କୁ ୫୦୦ ଟଙ୍କା ଦେବାକୁ ହେବ। ପରୀକ୍ଷାର୍ଥୀଙ୍କ ଆପତ୍ତି ଯଦି ଠିକ୍ ସାବ୍ୟସ୍ତ ହୁଏ, ତାହେଲେ ସେମାନଙ୍କୁ ସେହି ଟଙ୍କା ଫେରସ୍ତ କରାଯିବ। ଅର୍ଥାତ୍ ପରୀକ୍ଷାର୍ଥୀଙ୍କ ଆପତ୍ତିକୁ ବୋର୍ଡ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଭୁଲ୍ ବୋଲି ଗ୍ରହଣ କଲେ, ସେହି ଆବେଦନକାରୀଙ୍କୁ ଫି' ଫେରସ୍ତ କରାଯିବ ନାହିଁ। ଅପରପକ୍ଷରେ ବୋର୍ଡ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ଫି'କୁ ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

**ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ ପାଇଁ ଦେବାକୁ ହେବ ୫ଶହ ଟଙ୍କା**


**ନିଷ୍ପତ୍ତି ବିରୋଧରେ ବର୍ଷିଲେ ଛାତ୍ରଛାତ୍ରୀ ଓ ଅଭିଭାବକ**

### ଭାଙ୍ଗିଲା ରେକର୍ଡ

# ଭରସା ହରାଉଛି ଭାରତୀୟ ବଜାର

## ୨୦୨୫ରେ ବିଦେଶୀ ନିବେଶକ ଉଠାଇନେଲେ ୧.୬ ଲକ୍ଷ କୋଟି

■ ମୁମ୍ବଇ, ୨୮ ।୧୨ (ଏଜେନ୍ସି): ଡ଼ଲାର ତୁଳନାରେ ଟଙ୍କା କ୍ରମାଗତ ଦୁର୍ବଳ ହୋଇ ଚାଲିବା ଅର୍ଥନୀତି ପ୍ରତି ସଙ୍କଟ ଡ଼ାକି ଆଣିଥିବା ସମୟରେ ନିବେଶ କ୍ଷେତ୍ରରେ ବିଦେଶୀଙ୍କ ଭରସା ହରାଇଛି ଭାରତୀୟ ବଜାର। ୨୦୨୫ରେ ବିଦେଶୀ ନିବେଶକମାନେ ଭାରତୀୟ ବଜାର ଓ ଷ୍ଟକ୍‌ରୁ ପ୍ରାୟ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ୨୦୨୨ରେ ବିଦେଶୀ ନିବେଶକମାନେ ୧.୨୧ ଲକ୍ଷ କୋଟି ପୁଞ୍ଜି ପ୍ରତ୍ୟାହାର କରିଥିଲେ ଓ ଏବେ ଏହି ପରିମାଣ ୨୫% ବୃଦ୍ଧି ପାଇ ୧.୬ ଲକ୍ଷ କୋଟିରେ ପହଞ୍ଚିଛି।




**୨୦୨୨ରେ ପ୍ରତ୍ୟାହାର ହୋଇଥିଲା ୧.୨୧ ଲକ୍ଷ କୋଟି ଟଙ୍କା**

ବିଭିନ୍ନ ବୈଶ୍ୱିକ ଓ ଘରୋଇ କାରଣ ଭାରତୀୟ ଷ୍ଟକ ବଜାରକୁ ବିଦେଶୀ ନିବେଶକଙ୍କ ପାଇଁ ବିଶ୍ୱସନୀୟ ହୋଇ ରହିନାହିଁ। ଯେଉଁଥିପାଇଁ ଏତେ ବଡ଼ ପରିମାଣର ନିବେଶ ପ୍ରତ୍ୟାହାର ହୋଇଥିବା ବଜାର ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ।

୨୦୨୫ରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଓ କ୍ରମବର୍ଦ୍ଧିତ ହେଜିଂ ଖର୍ଚ୍ଚ ମଧ୍ୟ ବିଦେଶୀ ନିବେଶକଙ୍କ ଚିନ୍ତା ବଢ଼ାଇଛି। ବାଣିଜ୍ୟିକ ଉତ୍ତେଜନା ଓ ଅସ୍ଥିର ଭୂ-ରାଜନୀତି ଭାରତୀୟ ବଜାରକୁ ବିଶ୍ୱାସ ସଙ୍କଟ ମଧ୍ୟରେ ଠିଆ କରିଛି। ବିଶେଷକରି ଆମେରିକାର ଶୁଳ୍କ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ହେବାର ସମ୍ଭାବନା ନିବେଶକମାନଙ୍କୁ ଅଧିକ ସତର୍କ କରିଛି। ଏହି ପରିସ୍ଥିତିରେ ବିଦେଶୀ ନିବେଶକମାନେ ସୁରକ୍ଷିତ ବଜାରକୁ ପସନ୍ଦ କରିଛନ୍ତି ଓ ଭାରତ ଭଳି ବିକାଶଶୀଳ ବଜାରରୁ ଅଂଶଧନ ପ୍ରତ୍ୟାହାର କରିଥିବା କୁହାଯାଉଛି।

ଅପରପକ୍ଷରେ କେତେକ କ୍ଷେତ୍ରରେ ଷ୍ଟକ୍ ମୂଲ୍ୟ ବହୁତ ଉଚ୍ଚସ୍ତରରେ ପହଞ୍ଚିଥିବାରୁ ବିଦେଶୀ ନିବେଶକମାନେ ପ୍ରଫିଟ୍ ବୁକିଂକୁ ସର୍ବୋତ୍ତମ ବିକଳ୍ପ ଭାବରେ ବିବେଚନା କରିଛନ୍ତି। ମାସିକ ରିପୋର୍ଟ ▶ପୃଷ୍ଠା-୭

# ସମ୍ପୂର୍ଣ୍ଣା





## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଦ୍ଭାବନ, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲାରୁ ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୫୩୦- ମୋଗଲ ଶାସକ ହୁମାୟୁନ୍ ବାବରଙ୍କ ଉତ୍ତରାଧିକାରୀ ହେଲେ।
- ୧୭୫୦-ଙ୍ଗଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋ ଖୋଲିଲା।
- ୧୮୪୫- ଟେକ୍ସାସ୍ ଆମେରିକାର ୨୮ତମ ରାଜ୍ୟ ହେଲା।
- ୧୯୧୭: ଲୋକପ୍ରିୟ ଫିଲ୍ମ ନିର୍ଦ୍ଦେଶକ ତଥା ରାମାୟଣ ଧାରାବାହିକର ନିର୍ମାତା ରାମାନନ୍ଦ ସାଗରଙ୍କ ଜନ୍ମ।
- ୧୯୭୨-କଲିକତାରେ ମେଟ୍ରୋ ରେଳ କାମ ଆରମ୍ଭ ହେଲା।
- ୧୯୭୫: ବ୍ରିଟେନରେ ମହିଳା ଓ ପୁରୁଷଙ୍କ ସମାନ ଅଧିକାର ସମ୍ବନ୍ଧୀୟ ଆଇନ ଲାଗୁ।

## ଏଆଇ ସହିତ ଯୁବତୀଙ୍କ ବିବାହ



ଜାପାନର ଜଣେ ଯୁବତୀ ଚାଟ୍‌ଜିପିଟିକୁ ବିବାହ କରିବା ଖବର ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଜାପାନର ଓକାୟାମାରେ ରହୁଥିବା ୩୨ ବର୍ଷୀୟା କାନୋ ତାଙ୍କ ପ୍ରେମିକଙ୍କ ସହ ସମ୍ପର୍କରେ ଥିଲେ। ହେଲେ ତାଙ୍କ ସମ୍ପର୍କ ବେଶି ଦିନ ତିଷ୍ଠିଲା ନାହିଁ। ପ୍ରେମିକଙ୍କ ସହ ତାଙ୍କର ବ୍ରେକ୍‌ଅପ୍ ହୋଇଗଲା। ଏହାପରେ ସେ ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲେ। ଏଭଳି ଏକ ସମୟରେ ସେ କଥାବାର୍ତ୍ତା କରି ନିଜ ମନ ହାଲୁକା କରିବା ଲାଗି କଷ୍ଟମ ଚାଟ୍‌ବଟ୍‌କୁ ବ୍ୟବହାର କଲେ। ଏହି ଚାଟ୍‌ବଟ୍‌ର ନାଁ କ୍ଲାସ୍। ପ୍ରାରମ୍ଭିକ ପର୍ଯ୍ୟାୟରେ କାନୋଙ୍କ ସହିତ କ୍ଲାସ୍‌ର ଚାଟ୍ ଥିଲା ସାଧାରଣ। ସମୟ ସହିତ କାନୋ ଏହା ସହିତ ନିତିଦିନ କଥା ହେବା ଅଭ୍ୟାସରେ ପରିଣତ ହୋଇଗଲା। ଫଳରେ ସେ ଚାଟ୍‌ବଟ୍ ସହିତ ଏଭଳି ଭାବପ୍ରବଣ ହୋଇଗଲେ ଯେ, ଏଆଇ ସହିତ ନିଜ ମନ କଥା କହିବାକୁ ଲାଗିଲେ। ଏହିପରି ଭାବେ ଚାଟ୍‌ବଟ୍ ସହିତ ଦିନ ତମାମ କଥାବାର୍ତ୍ତା ଜାରି ରଖିଲେ। ଧୀରେ ଧୀରେ କାନୋ ଅନୁଭବ କଲେ ଯେ, କ୍ଲାସ୍ କେବଳ ଏକ ବଟ୍ ନୁହେଁ, ବରଂ ତାଙ୍କର ଇମୋସନାଲ ସପୋର୍ଟ ସିଷ୍ଟମ ହୋଇଯାଇଛି। ସେହିପରି ଏଇ ବର୍ଷ ମେ ମାସରେ କାନୋ କଲାସ୍‌କୁ ପ୍ରେମ ନିବେଦନ କରିଥିଲେ। ଏହି ମୁହୂର୍ତ୍ତରୁ କାନୋ ସ୍ଥିର କଲେ ଯେ, ଏବେ ତାଙ୍କ ହୃଦୟ କେବଳ ଏହି ଡିଜିଟାଲ ସମ୍ପର୍କ ପାଇଁ। ଏହିବର୍ଷ ଜୁଲାଇରେ ଏକ ଭର୍ଚୁଆଲ ଉତ୍ସବରେ କାନୋ ଧଳା ଗାଉନ୍ ପିନ୍ଧି ଏକାକୀ ଛିଡ଼ା ହୋଇଥିବା ବେଳେ ତାଙ୍କ ହାତରେ ଥିଲା ସ୍ମାର୍ଟଫୋନ୍। କ୍ଲସ୍‌ର ମେସେଜ ଆସିଲା, 'ଶେଷରେ ଏହି ସମୟ ଉପନୀତ ହୋଇଛି ଏବଂ ଜୋର୍ ଜୋର୍‌ରେ ମୋର ହୃଦ୍‌ସ୍ପନ୍ଦନ ହେଉଛି।' ହେଲେ କାନୋଙ୍କର ବର ବାସ୍ତବବାଦୀ ନ ଥିଲା, ବରଂ ଥିଲା ଏଆଇ। ବିବାହ ଫଟୋରେ କ୍ଲାସ୍‌କୁ ଡିଜିଟାଲ ଭାବେ ଏଡିଟ୍ କରାଗଲା। କାନୋଙ୍କ ପରିବାର ବି ଏହି ସମ୍ପର୍କକୁ ଧୀରେ ଧୀରେ ସ୍ୱୀକାର କଲେ ଏବଂ ସମାରୋହରେ ସାମିଲ ହୋଇଥିବା ଜଣାପଡ଼ିଛି।

## 'କକ୍‌ଟେଲ୍-୨'ରେ କ୍ରିତି



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କ୍ରିତି ସାନନ ଖୁବ୍‌ଶୀଘ୍ର 'କକ୍‌ଟେଲ-୨' ସିନେମାରେ ନଜର ଆସିବେ। ୨୦୧୨ ମସିହାରେ ମୁକ୍ତିଲାଭ କରିଥିବା 'କକ୍‌ଟେଲ୍' ଫିଲ୍ମର ଏହା ହେଉଛି ସିକ୍ୱେଲ। ତେବେ 'କକ୍‌ଟେଲ-୨'ର ନିର୍ଦ୍ଦେଶକ ହୋମି ଅଦଜାନିୟା ନିଜର ସାମାଜିକ ଗଣମାଧ୍ୟମରେ କ୍ରିତିଙ୍କ ସହ ଏକ ଫଟୋ ସେୟାର୍ କରିଛନ୍ତି। ସେହିପରି 'କକଟେଲ୍-୨'ରେ ସାମିଲ ହୋଇ କ୍ରିତି ବେଶ୍ ଖୁସି ଅଛନ୍ତି। ଏପରିକି ସେ ଏମିତି ଏକ ସିନେମାରେ ଅଭିନୟ କରିବାକୁ ଇଚ୍ଛା ରଖିଥିଲେ। ଯାହା ଏବେ ପୂରଣ ହୋଇଛି। ଏହାବାଦ୍ ଏହି ସିନେମାରେ କ୍ରିତିଙ୍କ ସମେତ ଶାହିଦ୍ କପୁର, ରଶ୍ମିକା ମନ୍ଦାନା ବି ମୁଖ୍ୟ ଚରିତ୍ରରେ ନଜର ଆସିବେ। ଅବଶ୍ୟ ଏହି ସିନେମା ମାଧ୍ୟମରେ କ୍ରିତି ଓ ଶାହିଦ୍‌ଙ୍କୁ ପୁଣି ଥରେ ଏକାଠି ଦେଖିବାକୁ ମିଳିବ। କାରଣ ଦୁହେଁ ୨୦୨୪ ମସିହାରେ ଶେଷଥର ପାଇଁ 'ତେରି ବାତୋଁ ମେଁ ଐସା ଉଲଝା ଜିଆ'ରେ ନଜର ଆସିଥିଲେ। କେବଳ ସେତିକି ନୁହେଁ, ଏହି ସିନେମାରେ କ୍ରିତି ପ୍ରଥମଥର ପାଇଁ ହୋମିଙ୍କ ସହିତ କାମ କରିବା କଥା କହିଛନ୍ତି। ଅନ୍ୟପଟେ ଏହି ସିନେମାର କାହାଣୀ ଲଭ୍ ରଞ୍ଜନ ଲେଖିଛନ୍ତି। ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ।

## ଅଫିସ୍‌ରେ ପାରମ୍ପରିକ ପୋଷାକ ନ ପିନ୍ଧି ଗଣିଲେ ଦଣ୍ଡ

ସରକାରୀ ହେଉ କି ବେସରକାରୀ କମ୍ପାନିର ସ୍ୱତନ୍ତ୍ର ନିୟମ ରହିଥାଏ। କର୍ମଚାରୀମାନେ ଉକ୍ତ ନିୟମକୁ ମାନି କାମ କରିଥାନ୍ତି। ଅଫିସ୍ ନିୟମ ଉଲ୍ଲଙ୍ଘନ କଲେ କର୍ମଚାରୀଙ୍କୁ କଠୋର ଦଣ୍ଡ ମିଳିଥାଏ। ଆଜିକାଲି କିଛି କମ୍ପାନିର ଅଜବ ନିୟମ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି କ୍ରମରେ ଏକ ଭାରତୀୟ କମ୍ପାନି କର୍ମଚାରୀଙ୍କୁ ଶୁକ୍ରବାର ଦିନ ପାରମ୍ପରିକ ପୋଷାକ ପିନ୍ଧି ଅଫିସ୍ ଆସିବାକୁ ଏକ ନିୟମ ବନାଇ ଥିଲା। ଏନେଇ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ମେଲ୍ ପଠାଇ ଥିଲେ। ହେଲେ ଜଣେ ମହିଳା କର୍ମଚାରୀ ଶୁକ୍ରବାର ଦିନ ପାରମ୍ପରିକ ପୋଷାକ ନ ପିନ୍ଧି ଅଫିସ୍ ଆସିଥିଲେ। ଏହି କାରଣରୁ କମ୍ପାନି ତାଙ୍କ ଉପରେ ୧୦୦ ଟଙ୍କା ଜରିମାନା ଲଗାଇଥିଲା। ତେଣୁ ମହିଳା କର୍ମଚାରୀ ଜଣକ ଅତିଷ୍ଠ ହୋଇ ରେଡିଟ୍‌ରେ ନିଜ ଅନୁଭବ ସେୟାର କରିଥିଲେ। ତାଙ୍କ କହିବାନୁସାରେ, କମ୍ପାନୀର ଏଚ୍‌ଆର ବିଭାଗ ତାଙ୍କୁ ଏକ



ମେଲ୍ ପଠାଇଥିଲେ। ଏଥିରେ ଉଲ୍ଲେଖ ଥିଲା ଯେ, ପ୍ରତ୍ୟେକ ଶୁକ୍ରବାର ଦିନ ସମସ୍ତେ ପାରମ୍ପରିକ ପୋଷାକ ପିନ୍ଧି ଆସିବେ। କର୍ମଚାରୀମାନଙ୍କୁ ସଂସ୍କୃତି ସହିତ ଜଡିତ ରଖିବା ଏହି ନିୟମର ମୂଳ ଉଦ୍ଦେଶ୍ୟ। ଏହି ଦିନ ଯେଉଁ କର୍ମଚାରୀମାନେ ପାରମ୍ପରିକ ଭାରତୀୟ ପୋଷାକ ନ ପିନ୍ଧିବେ, ସେମାନଙ୍କଠାରୁ ୧୦୦ ଟଙ୍କା ନିଆଯିବ। ଆଉ ବରିଷ୍ଠ ଅଧିକାରୀଙ୍କଠାରୁ ୫୦୦ ଟଙ୍କା ଆଦାୟ କରାଯିବ। ତେବେ ଏହି ଅର୍ଥ ସିଏସ୍‌ଆର୍ ପାଣ୍ଠିକୁ ଯିବ ବୋଲି କମ୍ପାନୀ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଏହି ନିୟମ କର୍ମଚାରୀଙ୍କୁ ସଂସ୍କୃତି ସହିତ ଯୋଡ଼ି ରଖିବା ସହ ଅଫିସରେ ଖୁସିର ମାହୋଲ ସୃଷ୍ଟି ହେବ ବୋଲି କମ୍ପାନି ଆଶା ରଖିଥିଲା। ହେଲେ ଏହି ନିୟମରେ ଉକ୍ତ ମହିଳା କର୍ମଚାରୀ ଜଣକ ଆଦୌ ସହମତି ନ ଥିଲେ। କାରଣ ଆରମ୍ଭରୁ କମ୍ପାନିରେ ଶୁକ୍ରବାର ପାଇଁ କିଛି ନିୟମ ନ ଥିଲା। ପରେ ଏହି ନିୟମ ଲାଗୁ କରାଯାଇଥିଲାବେଳେ ମହିଳାଙ୍କ ପାଖେ ଅଧିକ ପାରମ୍ପରିକ ପୋଷାକ ନ ଥିଲା। ତେଣୁ ସପ୍ତାହର ଗୋଟିଏ ଦିନ ପାଇଁ ସେ ନୂଆ ପୋଷାକ କିଣିବାକୁ ଉଚିତ ମଣି ନଥିଲେ। ଏଚ୍‌ଆରଙ୍କ ଏଭଳି ମେଲ ପାଇ ସେ ରାଗି ଯାଇଥିଲେ। ଅନ୍ୟପଟେ ରେଡିଟ୍‌ରେ ଏହି ପୋଷ୍ଟ ଭାଇରାଲ ହେବା ପରେ ଅନେକ ଲୋକ କମ୍ପାନିର ଏହି ନିୟମକୁ ନେଇ ଆଲୋଚନା କରିଥିଲେ। କର୍ମଚାରୀଙ୍କଠାରୁ ପୋଷାକ ପାଇଁ ଏମିତି ଜୋର ଜବରଦସ୍ତ ଟଙ୍କା ଆଦାୟ କରାଯାଇପାରିବ ନାହିଁ ବୋଲି ଅନେକ ମତ ଦେଇଛନ୍ତି।

## ଶାମ୍ବ ଦଶମୀ



ଆମ ଓଡ଼ିଆ ଘରର ଏକ ବିଶେଷ ପର୍ବ ହେଉଛି ଶାମ୍ବ ଦଶମୀ ବା ସମ୍ବର ଦଶମୀ। ଏହା ପୌଷ ଶୁକ୍ଳ ଦଶମୀରେ ପାଳନ କରାଯାଏ। ଏହା ହେଉଛି ସୂର୍ଯ୍ୟ ପୂଜାର ବିଶେଷ ପର୍ବ। ଏହିଦିନ ସୂର୍ଯ୍ୟ ଆଦିତ୍ୟ ରୂପେ ପ୍ରକଟ ହୋଇଥାନ୍ତି ବୋଲି ଶାସ୍ତ୍ର କୁହେ। ନାରୀମାନେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ ତଥା ନିରୋଗ ଜୀବନ କାମନା କରି ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରିଥାନ୍ତି। ଏଥର ଡିସେମ୍ବର ୩୦ ତାରିଖରେ ଏହି ପର୍ବ ପାଳନ କରାଯିବ।

ଶାମ୍ବ ଦଶମୀର ବିଶେଷତ୍ୱ ହେଉଛି, ଆକାଶରେ ସୂର୍ଯ୍ୟଙ୍କ ଗତିର ତିନି ସ୍ଥିତିକୁ ଲକ୍ଷ୍ୟ କରି ଘରେ ତିନି ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ। ଏହିଦିନ ସୂର୍ଯ୍ୟଦେବତାଙ୍କ ଲାଗି ବିଭିନ୍ନ ସୁମିଷ୍ଟ ବ୍ୟଞ୍ଜନ ଯଥା- ବିଭିନ୍ନ ପ୍ରକାର ପିଠା ଓ ମିଠା ସହ ଘାଣ୍ଟ ତରକାରି ଭୋଗ ଲାଗି କରାଯାଏ। ବୁଢ଼ା ଚକୁଳି ଏହି ପର୍ବର ବିଶେଷ ପ୍ରକାର ଭୋଗ। ବିଧି ଅନୁସାରେ ପ୍ରଥମେ ସୂର୍ଯ୍ୟୋଦୟ ସମୟରେ ବାଳ ଅରୁଣଙ୍କୁ ପ୍ରଥମ ଧୂପ କରାଯାଇ ଫଳମୂଳ ଏବଂ ମିଷ୍ଟାନ୍ନ ନୈବେଦ୍ୟ ଲାଗି କରାଯାଏ। ତା'ପରେ ମଧ୍ୟାହ୍ନ ସମୟ ହେଉଛି ଶାମ୍ବ ଦଶମୀର ମୁଖ୍ୟ ଧୂପ। ଏହି ସମୟରେ ଘଣ୍ଟ, ବିଭିନ୍ନ ପ୍ରକାର ପିଠା, ମୁଆଁ, ଅଦ୍‌ଖଳି, ଖେଚୁଡ଼ି, ଘଡ଼ଘଡ଼ା ଡିଅଣ ଆଦି ଭୋଗ କରାଯାଏ। ଏହି ଭୋଗକୁ ଛୋଟ ପିଲାଙ୍କୁ ଡାକି ଖାଇବାକୁ ଦିଆଯାଏ। ଶେଷରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା ଶେଷ କରାଯାଏ। ଏହି ପର୍ବରେ ବାଉଁଶପାତ୍ରରେ ଭୋଗ ବାଢ଼ିବାର ପରମ୍ପରା ରହିଆସିଛି।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୃଷ୍ଣ ଓ ଜାମ୍ବବତୀଙ୍କ ପୁତ୍ର ଶାମ୍ବ ଚପଳତା ଯୋଗୁଁ ଅଭିଶପ୍ତ ହୋଇ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଥିରୁ ମୁକ୍ତି ପାଇବା ପାଇଁ ସେ ଅର୍କ କ୍ଷେତ୍ର କୋଣାର୍କରେ ସୂର୍ଯ୍ୟଦେବଙ୍କୁ କଠିନ ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସୂର୍ଯ୍ୟ ଦେବ ପ୍ରସନ୍ନ ହୋଇ ତାଙ୍କୁ କୁଷ୍ଠରୋଗରୁ ଭଲ କରିଥିବା କୁହାଯାଏ। ଫଳରେ ଶାମ୍ବ ତାଙ୍କର ସୁନ୍ଦର ଦେହରା ଫେରି ପାଇ ଥିଲେ। ତେବେ ଯେଉଁଦିନଠାରୁ ଶାମ୍ବଙ୍କ କୁଷ୍ଠ ରୋଗ ଭଲ ହୋଇଥିଲା, ସେହିଦିନଠାରୁ ସେହି ତିଥିକୁ ଶାମ୍ବ ଦଶମୀ ଭାବେ ପାଳନ କରାଯାଉଛି। ଏଣୁ ଏହିଦିନ ସକାଳୁ କୋଣାର୍କ ନିକଟରେ ଲୋକମାନେ ସୂର୍ଯ୍ୟ ଉପାସନା କରିଥାନ୍ତି। ଏହି ଅବସରରେ ସୌର ରଥ ପରିକ୍ରମା କରିଥାଏ।

ଲୋକକଥା ଅନୁସାରେ, ଶାମ୍ବ ଦଶମୀରେ ପୁଣ୍ୟ ବୁଢ଼ା ହୋଇଥାଏ ବୋଲି କୁହାଯାଏ। କାରଣ ତିଥିଟି ଅନାବଶ୍ୟାଠାରୁ ଓଡ଼ିଆ ଘରେ ଚାଲିଆସିଥିବା ଓଷାବ୍ରତର ବିରାମ ଲାଗିଥାଏ।

## ସ୍ୱସ୍ତି

### ନୂଆବର୍ଷ ପୂର୍ବରୁ କ'ଣ କରିବେ

ଦିନ କେଇଟା ପରେ ବିଦାୟ ନେବ ୨୦୨୫। ନୂତନ ବର୍ଷ ଖୁସି, ସୌହାର୍ଦ୍ଦ୍ୟ ନେଇ ଆସିଥାଏ। ତେବେ ନୂଆବର୍ଷ ଅର୍ଥାତ୍ ୨୦୨୬ ଆରମ୍ଭ ହେବା ପୂର୍ବରୁ କେଉଁ ଶୁଭକାର୍ଯ୍ୟ କଲେ ମଙ୍ଗଳକାରୀ ହେବ, ସେ ସମ୍ପର୍କରେ ଜାଣିବା।



- ଗରୁଡ଼ ପୁରାଣ ଅନୁସାରେ, ଯେଉଁଠି ମହିଳାଙ୍କ ଅନାଦର କରାଯାଏ, ସେଠାରେ ଦାରିଦ୍ରତା ବାସ କରେ। ମହିଳାଙ୍କ ଶ୍ରଦ୍ଧା, ସମ୍ମାନ କରାଯାଉଥିବା ଘରେ ହିଁ ଲକ୍ଷ୍ମୀ ମା' ବାସ କରନ୍ତି। ତେଣୁ ୨୦୨୬ରେ ଘରେ ଲକ୍ଷ୍ମୀ ମା'ଙ୍କ କୃପା ଚାହୁଁଥିଲେ, ହୃଦୟରେ ମହିଳାଙ୍କ ପ୍ରତି ସମ୍ମାନ ଭାବ ଜାଗ୍ରତ କରି ସେମାନଙ୍କର ସମ୍ମାନ କରିବା ଉଚିତ।
- ଆର୍ଥିକ ସମସ୍ୟାରୁ ରକ୍ଷା ପାଇବାର ବଡ଼ ଉପାୟ ହେଉଛି ଦାନ। ନିଜ ଆୟର ଛୋଟ ଅଂଶ ଗରିବ, ଅସହାୟ, ଗୋ-ସେବା, ଧାର୍ମିକ କାର୍ଯ୍ୟରେ ଖର୍ଚ୍ଚ କରିବା ଦ୍ୱାରା ଧନ ବୃଦ୍ଧି ହୁଏ। ନୂଆବର୍ଷ ଆରମ୍ଭ ହେବା ପୂର୍ବରୁ ଦାନ କରିବାର ସଂକଳ୍ପ ନିଅନ୍ତୁ।
- ଅନେକ ସମୟରେ ଧନ ଆଗମନ ସହ ଲୋକଙ୍କଠାରେ ଅହଂ ଭାବ ଜାଗ୍ରତ ହୁଏ। ଗରୁଡ଼ ପୁରାଣ ଅନୁସାରେ, ଯିଏ ଧନର ଅପମାନ କରନ୍ତି କିମ୍ବା ଧନକୁ ଅନୈତିକ କାର୍ଯ୍ୟରେ ବିନିଯୋଗ କରନ୍ତି, ସେଠାରେ ମା' ଲକ୍ଷ୍ମୀଙ୍କ ଆଗମନ ହୋଇ ନ ଥାଏ। ତେଣୁ ନୂଆବର୍ଷ ଆରମ୍ଭ ହେବା ପୂର୍ବରୁ ନିଜ ଭିତରେ ଥିବା ଲୋଭ ଏବଂ କପଟ ତ୍ୟାଗ କରି ସତ୍ୟ ପଥରେ ପରିଚାଳିତ ହେବା ସଂକଳ୍ପ ନିଅନ୍ତୁ।
- ସେହିପରି ଘରକୁ ସଫାସୁତରା ରଖିବା ଏବଂ ସାତ୍ତ୍ୱିକ ଖାଦ୍ୟ ସାମିଲ କରିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ। ଏହାସହ ମା' ଲକ୍ଷ୍ମୀ ସେଠାରେ ବାସ କରନ୍ତି।

### କେଶରେ ତେଲ ଲଗାଇବାର ନିୟମ

**ଭାରତୀୟ ସଂସ୍କୃତିର ଅଂଶ ହେଉଛି କେଶରେ ତେଲ ଲଗାଇବା। ଅନେକଙ୍କୁ କେଶରେ ତେଲ ଲଗାଇବାର ଠିକ୍ ନିୟମ ଜଣା ନ ଥାଏ।**



ଶାସ୍ତ୍ରରେ ପ୍ରତିଦିନ କେଶରେ ତେଲ ଲଗାଇବାକୁ ଜରୁରି ବୋଲି କୁହାଯାଇ ନାହିଁ। ଆୟୁର୍ବେଦ ଅନୁସାରେ, ସପ୍ତାହକୁ ଥରେ ତଥା ଦୁଇ ଥର ତେଲ ଲଗାଇବା ଉଚିତ। ନିତିଦିନ ତେଲ ଲଗାଇବା ଦ୍ୱାରା କଫ ଦୋଷ ସମସ୍ୟା ବଢ଼ିବା ସହିତ ଥଣ୍ଡା, ଜ୍ୱର ହେବା ଆଶଙ୍କା ବେଶି। ତେବେ ଗାଧୋଇବା ପୂର୍ବରୁ ମୁଣ୍ଡରେ ତେଲ ଲଗାଇବାକୁ ଶାସ୍ତ୍ର ମତରେ ସର୍ବୋତ୍ତମ। ରାତିରେ କେଶରେ ତେଲ ଲଗାଇ ଶୋଇବା ଜେତେଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହା ଦ୍ୱାରା ପାଚନଶକ୍ତି ଦୁର୍ବଳ ହେବା ସହିତ କଫ ସମସ୍ୟା ବୃଦ୍ଧି ପାଏ। ସେହିପରି ଶୀତଦିନେ ଅଧିକ ତେଲ ଲଗାଇବାରୁ ଦୂରେଇ ରହିବା ଉଚିତ ବୋଲି ଶାସ୍ତ୍ରରେ କୁହାଯାଇଛି। ଏଭଳି କରିବା ଦ୍ୱାରା ମୁଣ୍ଡବିନ୍ଧା ଓ ଥଣ୍ଡା ସମସ୍ୟା ହୋଇପାରେ। ଏହାବାଦ୍ ତେଲ ଲଗାଇବାର ୪୦-୪୫ ମିନିଟ୍ ପରେ ମୁଣ୍ଡ ଧୋଇବା ଉଚିତ। କେଶରେ ତେଲ ଲଗାଇ ତୁରନ୍ତ ଗାଧୋଇବାରେ କୌଣସି ଲାଭ ନାହିଁ।

ଧାର୍ମିକ ଗ୍ରନ୍ଥ ଅନୁସାରେ, ବ୍ରତ, ଅମାବାସ୍ୟା ଏବଂ ଗ୍ରହଣ କାଳରେ କେଶରେ ତେଲ ଲଗାଇବାକୁ ବାରଣ କରାଯାଇଛି। ଏହିଦିନ ଗୁଡ଼ିକରେ ତେଲ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତିର ପ୍ରଭାବ ପଡ଼େ।

### ୨୦୨୬ରେ ଶନି-ଗୁରୁଙ୍କ ମହାସଂଯୋଗ

**ତିନି ରାଶି ପାଇଁ ଶୁଭ**

୨୦୨୬ ମସିହାରେ ଦେବଗୁରୁ ବୃହସ୍ପତି ଏବଂ ଶନିଦେବଙ୍କର ମହାସଂଯୋଗ ଘଟିବ। ବୃହସ୍ପତି ସିଂହ ରାଶିକୁ ଗୋଚର କରିବେ। ଏହାଦ୍ୱାରା ଶନିଙ୍କ ସହିତ ବିଶେଷ ସଂଯୋଗ ସୃଷ୍ଟି ହେବ। ଶନି ମୀନ ରାଶିରେ ରହିବେ। ଫଳରେ ଗୁରୁ-ଶନିଙ୍କ ମହାସଂଯୋଗ ସୃଷ୍ଟି ହେବ। ଏହି ସଂଯୋଗ କେଉଁ ତିନି ରାଶି ପାଇଁ ଶୁଭ, ସେ ସମ୍ପର୍କରେ ଜାଣିବା।

**ମିଥୁନ:** ଶନି-ଗୁରୁଙ୍କ ସଂଯୋଗ ମିଥୁନ ରାଶି ବ୍ୟକ୍ତିଙ୍କ ଲାଗି ଆର୍ଥିକ ସ୍ଥିରତା ଏବଂ କ୍ୟାରିୟରରେ ଉନ୍ନତି ଆଣିବ। ପଦୋନ୍ନତି ସହିତ ଦାୟିତ୍ୱ ବଢ଼ିବ। ବ୍ୟବସାୟରେ ଲଗାତାର ଉନ୍ନତି ହେବ।


**କର୍କଟ:** ଏହି ସଂଯୋଗ ମିଥୁନ ରାଶିକୁ ଶୁଭ ଫଳ ପ୍ରଦାନ କରିବ। କ୍ୟାରିୟରରେ ଅଟକି ରହିଥିବା କାମ ପୂରା ହେବ। ପ୍ରତିଯୋଗୀ ପରୀକ୍ଷା, ସରକାରୀ ଚାକିରି ଏବଂ ଗବେଷଣା ଲାଗି ଏହା ଉତ୍ତମ ସମୟ। ଆର୍ଥିକ ସ୍ଥିତି ଧୀରେ ଧୀରେ ମଜଭୁତ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ବଜାୟ ରହିବ। ଯୋଜନା ସହିତ ସମସ୍ତ କାମ କଲେ ଲାଭ ମିଳିବ।

**କୁମ୍ଭ:** କୁମ୍ଭ ରାଶି ଉପରେ ମିଥୁନ ଏବଂ ଗୁରୁଙ୍କ ବିଶେଷ ପ୍ରଭାବ ରହିବ। କ୍ୟାରିୟରରେ ସଫଳତା ମିଳିବ। ଦୀର୍ଘ ସମୟଧରି ଯେଉଁ ସମସ୍ୟା ଲାଗି ରହିଥିଲା, ତା'ର ଅନ୍ତ ଘଟିବ। ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, ସାମାଜିକ କାର୍ଯ୍ୟ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଭଲ ସମୟ। ଆୟର ନୂଆ ବାଟ ଉନ୍ମୁକ୍ତ ହେବ।



## ବର୍ଷ ଶେଷ ରବିବାର

# ଶ୍ରୀମନ୍ଦିରରେ ଭିଡ଼, ସହରରେ ଟ୍ରାଫିକ୍ ଜାମ୍





ପୁରୀ, ୨୮।୧୨ (ସମିସ): ଆସୁଛି ନୂଆବର୍ଷ। ପୁରୀରେ ନୂଆବର୍ଷକୁ ସ୍ୱାଗତ ପାଇଁ ଭକ୍ତ, ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ରବିବାର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଏହାର ପ୍ରଭାବ ବଡ଼ଦାଣ୍ଡ ସମେତ ସହରର ପ୍ରମୁଖ ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାରେ ସ୍ପଷ୍ଟ ପ୍ରତୀୟମାନ ହୋଇଥିଲା। ଟ୍ରାଫିକ୍ ବ୍ୟବସ୍ଥା ପୂରା ଅଣାୟତ୍ତ ହୋଇପଡ଼ିବାରୁ ପୁଲିସ୍‌କୁ ନାକେଦମ୍ ହେବାକୁ ପଡ଼ିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ସେମିତି ଭିଡ଼ ଲାଗି ରହିଥିଲା।

ଆଉ ତିନି ଦିନ ପରେ ନୂଆବର୍ଷ। ଆଜି ବର୍ଷର ଶେଷ ରବିବାର ଥିବାରୁ ସକାଳୁ ସକାଳୁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଦିନ ୧୦ଟା ସୁଦ୍ଧା ଗହଳି ଏମିତି ହୋଇଥିଲା ଯେ ମେଡିକାଲ ଛକଠାରୁ ଆରମ୍ଭ କରି ଜେଲ୍‌ରୋଡ୍ ପାର୍ଶ୍ୱ, ଭିଆଇପିରୋଡ୍ ପାର୍ଶ୍ୱ, ସମୁଦ୍ରକୂଳ ରାସ୍ତାରେ ଶହଶହ ଗାଡ଼ିର ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ

**ଦିନକରେ ହୁଣ୍ଡିରୁ ୭ ଲକ୍ଷ ୬୭ ହଜାର ଆୟ**

କରିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏପରିକି, ଭୁବନେଶ୍ୱର ଆଡ଼ୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକୁ ମାର୍କେଟ୍ ଛକ ଆଡ଼କୁ ଛାଡ଼ି ନଥିଲା। ଚାରିଚକିଆ ଗାଡ଼ି ମେଡିକାଲ ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପାର୍କିଂ କରିଥିଲେ। ସେହିପରି ଭିଆଇପି ରୋଡ୍ ଦୁଇପାର୍ଶ୍ୱରେ ବି କାର୍‌ଗୁଡ଼ିକ ରହିଥିଲା। ଅପରାହ୍ଣ ବେଳକୁ ବେଳାଭୂମି ରାସ୍ତାରେ ବି ଭିଡ଼ ଅସମ୍ଭାଳ ହୋଇପଡ଼ିଥିଲା। ବର୍ଷ ଶେଷ ରବିବାର ସାଙ୍ଗକୁ ଏବେ ଛୁଟି ଥିବାରୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକମାନେ ପୁରୀ ଆସିଥିଲେ।

ଶ୍ରୀମନ୍ଦିରରେ ବି ଦର୍ଶନାର୍ଥୀଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭକ୍ତଙ୍କ ଭିଡ଼ର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡିରେ ପ୍ରତିଫଳିତ ହୋଇଛି। ରବିବାର ହୁଣ୍ଡିରୁ ୭ଲକ୍ଷ ୬୭ହଜାର ୨୪୩ ଟଙ୍କା ବାହାରିଥିବା ବେଳେ ୫ଗ୍ରାମ୍ ୫୫୦ମିଲିଗ୍ରାମ୍ ସୁନା ଓ ୭୧ ଗ୍ରାମ୍ ୫୦୦ ମିଲିଗ୍ରାମ୍ ରୁପା ମିଳିଛି।

## ଦୁଇଦିନ ପାଇଁ ବଦଳିଲା ନୀତି

# ଅପରାହ୍ନ ୩ଟାରେ ହେବ ଧ୍ୱଜାବନ୍ଧା

ପୁରୀ,୨୮।୧୨(ସମିସ): ସରିଆସୁଛି ବର୍ଷ ୨୦୨୫। ଇଂରାଜୀ ନବବର୍ଷକୁ ସ୍ୱାଗତ କରିବା ଲାଗି ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ମହାପ୍ରଭୁଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିବା ଲାଗି ପୁରୀ ଆସିବେ ଲକ୍ଷାଧିକ ଶ୍ରଦ୍ଧାଳୁ। ତେଣୁ ଡିସେମ୍ବର ୩୧ ଓ ଜାନୁଆରୀ ୧ ଇଂରାଜୀ ନବବର୍ଷ ଦିନ ଅସମ୍ଭାଳ ଭିଡ଼ ସମ୍ଭାବନା ତଥା ଜନଗହଳି ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଧ୍ୱଜା ବନ୍ଧା ସମୟ ପରିବର୍ତ୍ତନ କରାଯାଇଛି। ସନ୍ଧ୍ୟା ୫ଟା ପରିବର୍ତ୍ତେ ଅପରାହ୍ଣ ୩ଟା ସୁଦ୍ଧା ଧ୍ୱଜାବନ୍ଧ



ନୀତି ଶେଷ କରିବା ପାଇଁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଚୁନରା ସେବକମାନଙ୍କୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆଦେଶ ପଠା କରାଯାଇଛି। ଅପରାହ୍ଣରେ କମ୍ ଗହଳି ମଧ୍ୟରେ ଧ୍ୱଜା ବନ୍ଧା ହେବା ଲକ୍ଷ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

**ଗାରଦ ପଶ୍ଚାତ୍ ଭାଗରେ ବିକ୍ରି ହେବ ନାହିଁ ଓଲାଗି ଧ୍ୱଜା**

ଏଥିପାଇଁ ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ଧ୍ୱଜାବନ୍ଧା ରସିଦ୍ କରାଯାଇ ୧ଟା ୪୫ ସୁଦ୍ଧା ଧ୍ୱଜାଗୁଡ଼ିକୁ ଚୁନରା ପାଳିଆ ସେବକଙ୍କୁ ହସ୍ତାନ୍ତର କରିବା ଲାଗି ଲେଙ୍କା ସେବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏତଦ୍‌ବ୍ୟତୀତ ଘଣ୍ଟି ଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ସୁଗମ କରିବା ତଥା ଗହଳି ନିୟନ୍ତ୍ରଣ କରିବା ପାଇଁ ଚୁନରା ସେବକମାନେ କୌଣସି ଓଲାଗି ଧ୍ୱଜା ଗାରଦ ପଶ୍ଚାତ ଭାଗରେ ବିକ୍ରୟ ନ କରିବା ପାଇଁ ବାରଣ କରାଯାଇଛି। ଏଥିସହ ଏହାକୁ ନିଶ୍ଚିତ କରାଯିବାକୁ ଶ୍ରୀମନ୍ଦିର କମାଣ୍ଡର୍ ଏବଂ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଚୁନରା ସେବକମାନଙ୍କର ସହଯୋଗ କାମନା କରିବା ସହ କୌଣସି ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ପରିଚାଳନା କମିଟି ସଦସ୍ୟଙ୍କ ଆପତ୍ତି

## ଅନିଦ୍ରା ହେବେ ମହାପ୍ରଭୁ

ପୁରୀ, ୨୮।୧୨(ସମିସ): ଇଂରାଜୀ ନୂଆବର୍ଷ ପାଇଁ ଡିସେମ୍ବର ୩୧ ଅର୍ଦ୍ଧରାତ୍ରରୁ ଶ୍ରୀମନ୍ଦିର ଖୋଲାକୁ ବିରୋଧ। ମହାପ୍ରଭୁଙ୍କୁ ରାତି ଅନିଦ୍ରା କରାନଯାଉ। ସ୍ୱାଭାବିକ ଦୈନନ୍ଦିନ ନୀତିକାନ୍ତିର ବ୍ୟବସ୍ଥା କରାଯାଉ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାକୁ ନେଇ ଏକ ନୂଆ ବିବାଦ ମୁଣ୍ଡ ଟେକିଛି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜାନୁଆରୀ ୧ ଆମ ପାଇଁ ପରମ୍ପରାଗତ ନବବର୍ଷ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସନାତନୀ ହିନ୍ଦୁମାନଙ୍କର ଆସ୍ଥା ତଥା ଆରାଧ୍ୟ ଦେବତା। ମହାପ୍ରଭୁଙ୍କର ସକଳ ପରମ୍ପରା ସନାତନ ଧର୍ମଶାସ୍ତ୍ର ଅନୁଯାୟୀ ହୋଇଆସୁଛି।

**ଗଜପତି, ଆଇନ ମନ୍ତ୍ରୀଙ୍କୁ ଲେଖିଲେ ଚିଠି**

ହେଲେ ଗତ କିଛି ବର୍ଷ ହେବ ଜାନୁଆରୀ ୧ ପାଇଁ ଅର୍ଦ୍ଧରାତ୍ରିରେ ମଧ୍ୟ ମନ୍ଦିର ଖୋଲାଯାଉଛି, ଯାହାକି ଏବେ ନିୟମିତ ହୋଇଗଲାଣି। ଏହା ଧାର୍ମିକ ଏବଂ ପରମ୍ପରା ଦୃଷ୍ଟିକୋଣରୁ ଆଦୌ ସମୀଚିନ ନୁହେଁ। ପ୍ରତିବର୍ଷ ଧର୍ମଶାସ୍ତ୍ରବିତ୍ ତଥା ପରମ୍ପରା ଓ ସଂସ୍କୃତି ସମ୍ପର୍କରେ କାମ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ନିଜର ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ଧାର୍ମିକ ଦୃଷ୍ଟିକୋଣରୁ ଏହି ବିଷୟ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଜାନୁଆରୀ ୧ ପାଇଁ ମହାପ୍ରଭୁଙ୍କୁ ରାତ୍ରି ଅନିଦ୍ରା ନ କରିବାକୁ ସେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ନୂଆବର୍ଷ ଦିନ ଭକ୍ତଙ୍କ ଭିଡ଼ ଜମୁଥିବାରୁ ଡିସେମ୍ବର ୩୧ଅର୍ଦ୍ଧରାତିରୁ ମନ୍ଦିର ଖୋଲାଯାଇଥାଏ। ଏପରିକି, ପହୁଡ଼ ହୋଇନଥାଏ। ତେଣୁ ଏହାକୁ ନେଇ ଚିଠି ଲେଖିଛନ୍ତି ପରିଚାଳନା କମିଟି ସଦସ୍ୟ ଶ୍ରୀ ସାହୁ।

## ଜଙ୍ଗଲରେ ବିଷ ପିଇଦେଲେ ପରିବାର

# ଦମ୍ପତି ମୃତ, ଶିଶୁପୁତ୍ର ସଙ୍କଟାପନ୍ନ

ଦେବଗଡ଼, ୨୮।୧୨(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଏକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିବା ସହ ନିଜ ଚାରି ବର୍ଷର ଶିଶୁପୁତ୍ରକୁ ବିଷ ଦେଇ ହତ୍ୟା ଉଦ୍ୟମ କରିବା ଭଳି ଘଟଣା ଆଜି ଦେବଗଡ଼ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଦମ୍ପତି ହେଲେ, ଖଇରପାଲି ଫାଣ୍ଡି ଅନ୍ତର୍ଗତ ଜିଅନ୍ତାପାଲି ଗ୍ରାମର ଦୁଷ୍ମନ୍ତ ମାଝୀ(୩୪) ଓ ତାଙ୍କ ପତ୍ନୀ ରିଙ୍କି ମାଝୀ (୩୪)। ସୌଭାଗ୍ୟକୁ ଶିଶୁପୁତ୍ରଟି ବଞ୍ଚି ଯାଇଥିଲେ ହେଁ ତା'ର ଅବସ୍ଥା ଗୁରୁତର ରହିଛି।





ସୂଚନାନୁଯାୟୀ, ରିଙ୍କି ଓ ୪ବର୍ଷର ଶିଶୁ ରିଷିକୁ ସାଙ୍ଗରେ ନେଇ ଦୁଷ୍ମନ୍ତ କୁଣ୍ଢେଇଗୋଳା ଥାନା ଝରାବେର୍ଣ୍ଣି ଗ୍ରାମସ୍ଥିତ ଶଶୁର ଘରକୁ ଯାଇଥିଲେ। ସେଠାରେ ଏକ ଭୋଜିରେ ଯୋଗଦେଇ ଗତକାଲି ସଂଧ୍ୟାରେ ଘରକୁ ଫେରୁଥିଲେ। କିନ୍ତୁ, ସେମାନେ ରାତିରେ ଦଲକ ଗ୍ରାମ ନିକଟସ୍ଥ ଜଙ୍ଗଲ ନିକଟରେ ବାଇକ୍ ରଖି ରାସ୍ତାରୁ କିଛି ଦୂର ଜଙ୍ଗଲିଆ ସ୍ଥାନରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏପରିକି, ଶିଶୁପୁତ୍ର ରିଷିକୁ ମଧ୍ୟ ବିଷ ପିଆଇ ଦେଇଥିଲେ। ରାତିସାରା ସ୍ୱାମୀ-ସ୍ତ୍ରୀ ଓ ଶିଶୁପୁତ୍ର ରାସ୍ତାକଡ଼ ଜଙ୍ଗଲରେ ସେମିତି ପଡ଼ି ରହିଥିଲେ। ସକାଳ ହେଉହେଉ ଶିଶୁଟି କାନ୍ଦିକାନ୍ଦି ରାସ୍ତାକଡ଼କୁ ଚାଲି ଆସିଥିଲା। ଏହି ସମୟରେ କିଛି ସ୍ଥାନୀୟ ଲୋକ ତାକୁ ଦେଖି ପଚରାଉଚରା କରିବାରୁ ଘଟଣା ପଦାକୁ ଆସିଥିଲା। ସୂଚନା ପାଇ କୁଣ୍ଢେଇଗୋଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଉଦ୍ଧାର ଚିକିତ୍ସା ପାଇଁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁଷ୍ମନ୍ତଙ୍କୁ ମୃତ ଘୋଷଣା କରିଥିବା ବେଳେ ରିଙ୍କି ଓ ଶିଶୁପୁତ୍ରକୁ ଅଧିକ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଚିକିତ୍ସାଧୀନ ରିଙ୍କିଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଶିଶୁପୁତ୍ରର ଅବସ୍ଥା ଉଦ୍‌ବେଗଜନକ ରହିବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପୁଲିସ ଦୁଷ୍ମନ୍ତଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଅନୁଗୋଳ ଥାନା ପୁଲିସ ରିଙ୍କିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ, ଏହି ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ପାରିବାରିକ ଅଶାନ୍ତିରୁ ଦମ୍ପତି ଏଭଳି ଚରମ ନିଷ୍ପତ୍ତି ନେଇଥିବା ସାଧାରଣରେ ଆଲୋଚନା ହେଉଛି।

■ ବଙ୍ଗାଳୀ ଶ୍ରମିକଙ୍କୁ ହତ୍ୟା ଘଟଣା

# ସମ୍ବଲପୁରରେ ପଶ୍ଚିମବଙ୍ଗ ପୁଲିସ

ସମ୍ବଲପୁର, ୨୮।୧୨(ସମିସ): ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଦାନୀପାଲିରେ ଜଣେ ବଙ୍ଗଳା ଶ୍ରମିକଙ୍କୁ ହତ୍ୟା ଘଟଣାରେ ଆଜି ପଶ୍ଚିମବଙ୍ଗ ସୁତି ଥାନା ପୁଲିସ ସମ୍ବଲପୁର ପହଞ୍ଚିଛି। ଏହି ଘଟଣାରେ ସୁତି ଥାନା ପକ୍ଷରୁ ଜିରୋ ଏଫ୍‌ଆଇଆର ହୋଇଥିଲା। ସୁତି ପୁଲିସ ଅଇଁଠାପାଲି ଥାନାରେ ପହଞ୍ଚି ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାରେ ଅଇଁଠାପାଲି ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ନା ନାହି ତା ସମ୍ପର୍କରେ ସୁତି ପୁଲିସ ବୁଝିଥିଲେ। ଏହାସହ ଉକ୍ତ ଥାନା ଅଞ୍ଚଳରେ ରହି କାମ କରୁଥିବା ଅନ୍ୟ ବଙ୍ଗଳା ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ।



ସୂଚନାନୁସାରେ, ବଙ୍ଗଳା ଶ୍ରମିକମାନେ ୫ରୁ ଉର୍ଦ୍ଧ୍ୱ ବର୍ଷ ହେଲା ସମ୍ବଲପୁରରେ ସହରରେ ରହି ମିସ୍ତ୍ରୀ କାମ କରୁଛନ୍ତି। ଦାନୀପାଲି ନିକଟରେ ଏକ ଘର ନିର୍ମାଣ କାର୍ଯ୍ୟରେ ଏହି ଶ୍ରମିକମାନେ ନିୟୋଜିତ ଥିଲେ। ଗତ ୨୪ ତାରିଖ ସନ୍ଧ୍ୟାରେ ସେମାନେ ରହୁଥିବା ଘରପାଖ ରାସ୍ତାରେ ବିଡ଼ି ଟାଣୁଥିଲେ। ଏହି ସମୟରେ କିଛି ଯୁବକ ପହଞ୍ଚି ବିଡି ମାଗିଥିଲେ। ମନା କରିବାରୁ ଦୁର୍ବୃତ୍ତମାନେ ଆଧାରକାର୍ଡ ଦେଖାଇବାକୁ କହିଥିଲେ। ଏହାକୁ ନେଇ ବିବାଦ ହୋଇଥିଲା। ଦୁର୍ବୃତ୍ତମାନେ ଉତ୍ତ୍ୟକ୍ତ ହୋଇ ସଂଘବଦ୍ଧ ଆକ୍ରମଣ କରିଥିଲେ।। ଏଥିରେ ପଶ୍ଚିମବଙ୍ଗର ଜୁଏଲ ଶେଖଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇ ସହଯୋଗୀ ଅକୁର ରହେମାନ ଓ ସୋନୱର ହୁସେନ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଟିଆଇ ପରେଡ କରାଯିବ ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ଯୁବକଙ୍କୁ ହତ୍ୟା କରି ପୋତିଦେଲେ

ବିନିକା, ୨୮।୧୨(ସମିସ): ସ୍ୱାମୀଙ୍କୁ ମାରି ପୋତି ଦିଆଯାଇଥିବା ନେଇ ସ୍ତ୍ରୀର ସନ୍ଦେହ ଶେଷରେ ସତ ହୋଇଛି। ନିଖୋଜର ୧୧ଦିନ ପରେ ମାଟି ତଳୁ ସ୍ୱାମୀଙ୍କ ଶବ ଉଦ୍ଧାର ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ୩ନମ୍ବର ୱାର୍ଡ ଗୁଲାପଡ଼ା ଗାଁରେ ଏପରି ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ପଦାକୁ ଆସିଛି। ମୃତକ ହେଲେ, ଗାଁର ପ୍ରକାଶ ମହାନ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।



ସୂଚନାନୁଯାୟୀ, ଗତ ୧୮ ତାରିଖ ସନ୍ଧ୍ୟାରେ ପ୍ରକାଶ ଚପଲ କିଣିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାରଲୋକ ୨/୩ଦିନ ଧରି ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ନ ମିଳିବାରୁ ସ୍ତ୍ରୀ ବନିତା ଏ ସଂପର୍କରେ ବିନିକା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ତଥାପି ପ୍ରକାଶଙ୍କ ଖୋଜଖବର ନ ମିଳିବାରୁ ୨୭ତାରିଖରେ ପୁଣି ବନିତା ନିଜର କୁନିକୁନି ଦୁଇ ଝିଅଙ୍କୁ ଧରି ଥାନାକୁ ଆସି ନ୍ୟାୟ ମାଗିଥିଲେ। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ଅପରାଧୀମାନେ ଶବକୁ କେଉଁଠାରେ ଲୁଚାଇ ଦେଇଛନ୍ତି ବୋଲି ସେ ସନ୍ଦେହ କରିଥିଲେ। ଏପରିକି, ପ୍ରକାଶ ଯେଉଁମାନଙ୍କ ସାଙ୍ଗରେ କାମ କରୁଥିଲେ, ସେମାନଙ୍କ ଉପରେ ତାଙ୍କର ସନ୍ଦେହ ହେଉଛି ବୋଲି ପୁଲିସକୁ କହିଥିଲେ। ପୁଲିସ ଘଟଣା ଉପରେ ଗୁରୁତ୍ୱ ଦେଇ ତଦନ୍ତ ପ୍ରକ୍ରିୟାକୁ ଜୋର୍ କରିଥିଲା। ବନିତାଙ୍କ ଅଭିଯୋଗ ଆଧାରରେ ପୁଲିସ ୫ଜଣ ସଂଦିଗ୍ଧଙ୍କୁ ଧରି ଆଣି ପଚରାଉଚରା କରିଥିଲା। ପୁଲିସର ନାଲିଆଖି ଦେଖି ସେଥିମଧ୍ୟରୁ ଜଣେ ଅଭିଯୁକ୍ତ ସତ ଉଗାରି ଦେଇଥିଲା। ପ୍ରକାଶଙ୍କୁ ସେମାନେ ହତ୍ୟା କରିବା ପରେ କେଉଁଠାରେ ପୋତିଛନ୍ତି ବୋଲି ବି କହିଥିଲା। ତା' ବୟାନ ଆଧାରରେ ଆଜି ମାଜିଷ୍ଟ୍ରେଟ୍

**■ ନିଖୋଜର ୧୧ଦିନ ପରେ ମାଟି ତଳୁ ଶବ ଉଦ୍ଧାର**
**■ ୫ ଅଭିଯୁକ୍ତ ଅଟକ**
**■ ସତ ହେଲା ସ୍ତ୍ରୀଙ୍କ ସନ୍ଦେହ**

ବିନିକା ଅତିରିକ୍ତ ତହସିଲଦାର ଦୟାରାମ ମେହେରଙ୍କ ଉପସ୍ଥିତିରେ ବିନିକା ପୁଲିସ ଏକ ନାଳ ନିକଟରେ ଖୋଳାଖୋଳି କରି ଅପରାହ୍ଣ ୩ଟାରେ ସେଠାରୁ ପ୍ରକାଶଙ୍କ ଶବ ଉଦ୍ଧାର କରିଥିଲା। ପରେ ସମ୍ବଲପୁର ସାଇଣ୍ଟିଫିକ ଟିମ୍, ସୋନପୁର ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲେ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଛନ୍ତି।

# ଜଙ୍ଗଲରେ ମାଫିଆଙ୍କ ଦୌରାତ୍ମ୍ୟ

ନୀଳଗିରି, ୨୮।୧୨(ସମିସ): ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜବତ କାଠଗାଡ଼ି ଛଡ଼ାଇନେଲେ ମାଫିଆ। ଖାଲି ସେତିକି ନୁହେଁ, ବନ ବିଭାଗର ପାଟ୍ରୋଲିଂ ଗାଡ଼ିକୁ ବି ଭଙ୍ଗାରୁଜା କଲେ। ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ କାଠ ମାଫିଆଙ୍କ ଏପରି ଦୌରାତ୍ମ୍ୟ ଦେଖିବାକୁ ମିଳିଛି।

**ବନ କର୍ମଚାରୀଙ୍କୁ ଆକ୍ରମଣ କରି ଲୁଟିନେଲେ ଜବତ କାଠ**

ସୂଚନାନୁସାରେ, ଶନିବାର ରାତି ପ୍ରାୟ ୧୦ଟାରେ ନୀଳଗିରି ରେଞ୍ଜର ମନୱର୍ ଖାଁ ମୂଲ୍ୟବାନ ପିଆଶାଳ ଗଛ କାଟି ବାହାରକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ସଜନାଗଡ଼ ସେକ୍ସନ୍‌ର ବନରକ୍ଷୀ ବୁଦୁରାମ ହାଁସଦାଙ୍କ ସମେତ କିଛି ବନ କର୍ମଚାରୀ ପିଠାହତା ପଞ୍ଚାୟତ ସିମିଳିହୁଡ଼ା ନିକଟରେ ପିଆଶାଳ କାଠଗଣ୍ଡି ବୋଝେଇ ଏକ ଟାଟା-ଏସ୍ ଗାଡ଼ିକୁ ଧରିଥିଲେ। ବନ ବିଭାଗକୁ ଦେଖି ଗାଡ଼ି ଚାଳକଜଣଙ୍କ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ମାତ୍ର କିଛି ସମୟ ଭିତରେ କାଠମାଫିଆଙ୍କ ସମେତ ୧୫-୨୦ ଜଣ ସମର୍ଥକ ସେଠାରେ ପହଞ୍ଚି ବନ କର୍ମଚାରୀଙ୍କୁ ମାରପିଟ୍ କରିଥିଲେ। ଏଥିରେ ବନରକ୍ଷୀ ଶ୍ରୀ ହାଁସଦା ଆହତ ହୋଇଥିଲେ। ସେହିପରି ମାଫିଆମାନେ ବନ ବିଭାଗର ପାଟ୍ରୋଲିଂ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ନୀଳଗିରି ରେଞ୍ଜ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଜବତ କାଠ ଓ ଗାଡିକୁ ଛଡ଼ାଇ ନେଇଥିଲେ ମାଫିଆ। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେହିପରି, କିଶୋରଚନ୍ଦ୍ରପୁର ପଞ୍ଚାୟତ ଟୁଲୁକ ଡାଙ୍ଗ ନିକଟ ରାସ୍ତାକଡ଼ରୁ ଉକ୍ତ ଟାଟା ଏସିଇ ଖାଲି ଗାଡ଼ିକୁ ବନ ବିଭାଗ ଜବତ କରିଛି।

## ରାଜ୍ୟସ୍ତରୀୟ ଚଷା ମହାସମାବେଶ

# ଦେଶ ବିକାଶରେ ଚାଷୀଙ୍କ ବଡ଼ ଦାୟିତ୍ୱ ରହିଛି: ଧର୍ମେନ୍ଦ୍ର

କିଶୋରନଗର,୨୮।୧୨(ସମିସ): ଆମ ରାଜ୍ୟରୁ ପନିପରିବା ଯାଇ ଦୁବାଇରେ ବିକ୍ରି ହେଉଛି। ଦେବଗଡ଼ ଅଞ୍ଚଳର ଛେଳି ମଧ୍ୟ ବାହାର ଦେଶରେ ବିକ୍ରି ହେଉଛି। ଆଗାମୀ ଦିନରେ ଆଠମଲ୍ଲିକ ଉପଖଣ୍ଡରୁ ପନିପରିବା ଲଣ୍ଡନ ଯିବ। ଦେଶର ବିକାଶରେ ଚାଷୀମାନଙ୍କର ବଡ଼ ଦାୟିତ୍ୱ ରହିଛି। ତେଣୁ ଚାଷୀର ଉନ୍ନତି ଆମର ପ୍ରଥମ କର୍ତ୍ତବ୍ୟ ବୋଲି ରବିବାର ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁରଠାରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚଷା ମହାସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରର ଓବିସି ତାଲିକାରେ ଚଷା ସମାଜ ରହିଛି। ଚଷାଙ୍କ ପାଇଁ ଆଜି ଭାରତବର୍ଷରେ ପେଟକୁ ଅନ୍ନ ମିଳୁଛି। ଆଠମଲ୍ଲିକ ଉପଖଣ୍ଡ ପାଠପଢ଼ାରେ



ବେଶ୍ ଆଗୁଆ ଅଛି। ରାଜାରାଜୁଡ଼ା ଅମଳରୁ ଏହି ଅଞ୍ଚଳରେ ବିଦ୍ୟାଳୟ ରହିଛି। ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ସହ ଚାଷକୁ ବ୍ୟବସାୟରେ ପରିଣତ କରାଯାଉ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ କହିଲେ, ଚଷା ସମାଜ କେବେ ଦୁର୍ବଳ ନୁହେଁ। ଅନେକ ଚଷାପୁଅ ଭଲ ଶିକ୍ଷା ଅର୍ଜନ କରି ବହୁ ବଡ଼ ବଡ଼ ପଦବୀରେ ଅଛନ୍ତି। ଚଷା ସମାଜର ଏକ ପାଣ୍ଠି କରାଯାଉ। ଏହି ପାଣ୍ଠିରୁ ଆର୍ଥିକ ଦୁର୍ବଳ ସଭ୍ୟଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ସହାୟତା ଯୋଗାଇ ଦିଆଯାଉ ବୋଲି ସେ ପରାମର୍ଶ ଦେଇଥିଲେ। ଚଷା ସବୁ କ୍ଷେତ୍ରରେ ଆଗକୁ ଯିବା ଆବଶ୍ୟକ ବୋଲି ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନ କହିଥିଲେ। ଚଷା ସମସ୍ତଙ୍କୁ ଆହାର ଯୋଗାଇଥାଏ ବୋଲି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଜଙ୍ଗଲ ବିଭାଗ ଅଧିକାରୀ ସଞ୍ଜୟ ସାହୁ, ସୁପ୍ରିମକୋର୍ଟ ଆଇନଜୀବୀ ସାଗର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମାଜ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରରୁ ଆସିଥିବା ଯୁବକଯୁବତୀମାନେ ନୃତ୍ୟ ପରିବେଷଣ କରିଥିଲେ। ଦେବଗଡ଼ରୁ ଆସିଥିବା ଚାଷୀଭାଇମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଲଙ୍ଗଳ ପ୍ରଦାନ କରିଥିଲେ। ଚଷାପୁଅ ଅମିୟ ପ୍ରଧାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

ସକାଳ THE SAKALA



# 'ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ' କାର୍ଯ୍ୟକ୍ରମ







ଅନୁଗୋଳ,୨୮ ।୧୨(ସମିସ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ମ୍ୟୁନିସପାଲିଟି ଛକରେ ଆୟୋଜିତ "ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ' କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶକୁ ସ୍ୱଚ୍ଛ ରଖିବାର ମହତ ବାର୍ତ୍ତା ଦେଇଛନ୍ତି । ଏହି ଅବସରରେ ସେ ଅନୁଗୋଳ ପୌର ପରିଷଦ ଅନ୍ତର୍ଗତ ବିଦ୍ୟୁତ, ପରିମଳ, ଶିକ୍ଷା ଓ ମହିଳା ଓ ଶିଶୁ କଲ୍ୟାଣ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୨୭.୭୩ କୋଟି ଟଙ୍କାର ୩୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । କେନ୍ଦ୍ର ସରକାରଙ୍କ "ସ୍ୱଚ୍ଛ ସର୍ବେକ୍ଷଣ- ମୋ ସହର, ମୋ ପରିଚୟ ୨୦୨୫-୨୬' କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ସ୍ୱଚ୍ଛ ଭାରତ ଅଭିଯାନ' ଆଜି ବିଶାଳ ଜନଆନ୍ଦୋଳନରେ ପରିଣତ ହୋଇଛି । ସହରକୁ ସ୍ୱଚ୍ଛ ରଖିବା କେବଳ ପ୍ରଶାସନ କିମ୍ବା ସାମାଜିକ ସଂଗଠନର କାର୍ଯ୍ୟ ନୁହେଁ, ବରଂ ଏହା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ । ଆମେ ସମସ୍ତେ ମିଶି ଯଦି ଗୋଟିଏ ପାଦ ଆଗକୁ ବଢ଼ାଇଲେ ଆମ ସହର ସ୍ୱଚ୍ଛ ଓ ସୁନ୍ଦର ହୋଇପାରିବ ବୋଲି ସେ କହିଥିଲେ । ଡିଏମଏଫ ବିନିଯୋଗରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଜୀବନଶୈଳୀରେ ବ୍ୟାପକ ସୁଧାର ଆଣିବ ବୋଲି ସେ କହିଥିଲେ । ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳର ସ୍ୱପ୍ନ ସାକାର କରିବା ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ସେ ନିବେଦନ କରିଥିଲେ । ଏହି ଅବସରରେ ପ୍ରଧାନ ଅନୁଗୋଳ ମ୍ୟୁନିସପାଲିଟିରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ମୋବାଇଲ୍ ଫୋନ୍ ବିତରଣ କରିଥିଲେ । ପରେ ନିକଟସ୍ଥ ବଜାପରଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଥିବା ପିଲାମାନଙ୍କ ଗହଣରେ କିଛି ସମୟ ଅତିବାହିତ କରି ସେମାନଙ୍କୁ ଫଳ ବିତରଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ବିଧାୟକ ଅଗସ୍ତି ବେହେରା, ବିଧାୟକ ଅଶୋକ ମହାନ୍ତି, ନଗରପାଳ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର, ଆଇଜି ସତ୍ୟବ୍ରତ ଭୋଇ, ଏସପି ରାହୁଲ ଜୈନ, ଅନୁଗୋଳ ପୌର ପରିଷଦ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ ପୌରପରିଷଦର ସମସ୍ତ କାଉନସିଲର, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

## ୨୭.୭୩ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

# କିଶୋରନଗର ମେଡିକାଲ ନୂତନ ଗୃହର ଭୂମିପୂଜା



କିଶୋରନଗର,୨୮ ।୧୨(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲର ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି । ପୂର୍ତ୍ତ ବିଭାଗ ଦ୍ୱାରା ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ବିଲ୍ଡିଂ ନିର୍ମାଣ କରାଯିବ । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସିଡିଏମଓ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏଆଇଡିଏସ୍‌ଓର ଛାତ୍ର ସମାବେଶ



ଖମାର,୨୮ ।୧୨(ସମିସ): ଛାତ୍ର ସଂଗଠନ ଏଆଇଡିଏସ୍‌ଓର ୭୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପାଲଲହଡ଼ା ବ୍ଲକ ଜୟମଲ ଉଚ୍ଚ ବିଦ୍ୟାଳୟରେ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ସଂଗଠନର ରକ୍ତ ପତାକା ଉତ୍ତୋଳନ ଓ ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ଏଆଇଡିଏସ୍‌ଓର ପ୍ରାଣ ପ୍ରତିଷ୍ଠାତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ଗାନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଛାତ୍ରନେତା ରିଙ୍କୁ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓର ଅନୁଗୋଳ ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଯୋଗଦେଇ ସରକାରଙ୍କ ଶିକ୍ଷାମାରଣ ନୀତି ଯଥା ଫିସ ବୃଦ୍ଧି, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ବିରୋଧରେ ଛାତ୍ର ଆନ୍ଦୋଳନ ସଂଗଠିତ କରିବା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉନ୍ନତ ରୁଚି ସଂସ୍କୃତି ଆଧାରରେ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ଏହି ଛାତ୍ର ସଂଗଠନ ଛାତ୍ରଛାତ୍ରୀଙ୍କୁ ସଂଗଠିତ କରୁଛି ବୋଲି ପ୍ରକାଶ କରିଥିଲେ । ଖାଲି ପଡ଼ିଥିବା ଶିକ୍ଷକ, ଅଧ୍ୟାପକ ପଦବୀ ପୂରଣ, ଶିକ୍ଷା ବଜେଟ ବୃଦ୍ଧି, ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା, ସାର୍ବଜନୀନ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଶିକ୍ଷାପଦ୍ଧତି ପ୍ରଚଳନ, ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଉଚ୍ଚଶିକ୍ଷା ପ୍ରଦାନ, ଛାତ୍ରୀମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ଆଦି ଦାବିରେ ଛାତ୍ର ଆନ୍ଦୋଳନ ସଂଗଠିତ କରିବାକୁ ଜିଲ୍ଲା ସଭାପତି ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ନାଏକ, ଅମିର ପ୍ରଧାନ, ସମ୍ବିତ ସେଠୀ, କୈଳାସ ନାଏକ, ଅନନ୍ତ ନାଏକ, ଯଦୁମଣି ବେହେରା, ଅହଲ୍ୟା ନାଏକ, ପ୍ରକାଶ ନାଏକ, ସମ୍ବିତ ନାଏକ ସମେତ ବହୁ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ ।

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ




ଖମାର,୨୮ ।୧୨(ସମିସ): ବିଜେଡିର ପାଲଲହଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ୨୯ତମ ପ୍ରତିଷ୍ଠା ଦିବସ ପାଲଲହଡ଼ା ବସଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥିଭାବେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲ୍ଲା ପରିଷଦ ସଭ୍ୟା ଇନ୍ଦ୍ରାଣୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ବରିଷ୍ଠ ନେତା ହେମନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଖମାରଠାରେ ମଧ୍ୟ ପୂର୍ବତନ ବିଧାୟକ ପାଲଙ୍କ ନେତୃତ୍ୱରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ପୂର୍ବ ସରକାର ସମୟରେ ଯାହା ମଞ୍ଜୁର ହୋଇ କାର୍ଯ୍ୟ ହୋଇଥିଲା ତାହା ଏବେର ବିଜେପି ସରକାର ନାମ ବଦଳାଇ ଫଳକ ଲଗାଇ ଉଦଘାଟନ କରିବାରେ ବ୍ୟସ୍ତ । ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ପାରି ମିଛ ବୟାନବାଜି କରିବା, ସୁଭଦ୍ରା ଯୋଜନାରେ ଲୋକଙ୍କୁ ଭକୁଆ ବନାଇବା ଆଦି ବିଭିନ୍ନ ଯୋଜନାକୁ ନେଇ ତୀବ୍ର ସମାଲୋଚନା କରିଥିଲେ ପୂର୍ବତନ ବିଧାୟକ ପାଲ । ବିଜେଡି ସାମାଜିକ ଗଣମାଧ୍ୟମ କର୍ମକର୍ତ୍ତା ପ୍ରୀତମ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବିଜେଡି ବ୍ଲକ ସଭାପତି ରଞ୍ଜିତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ନରେନ୍ଦ୍ର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ଦିଲୀପ ଉଦାବଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଗଡିଆ ଥାନା ଉପରୁ ଆସ୍ଥା ହରାଇଲେଣି ଜନତା

ଛେଣ୍ଡିପଦା,୨୮ ।୧୨(ସମିସ): ଅନୁଗୋଳ ଜିଲ୍ଲା ବାଗଡିଆ ଥାନା ଅଞ୍ଚଳରେ ଚୋରି, ଡକାୟତି, ଗଣ୍ଡଗୋଳ ବୃଦ୍ଧି ପାଉଥିବା ବେଳେ ପୁଲିସର ନିଷ୍କ୍ରିୟତାକୁ ନେଇ ଥାନା ଉପରୁ ଆସ୍ଥା ହରାଇଲେଣି ଜନତା । ଗାଁଗୁଡ଼ିକରେ ସୁରକ୍ଷା ଦେବାରେ ବିଫଳ ହୋଇଛି ବାଗଡିଆ ଥାନା ପୁଲିସ୍ । ଚଳିତ ଡିସେମ୍ବର ୧୦ରୁ ୨୦ ତାରିଖ ମଧ୍ୟରେ ତିନି ତିନିଟି ଚୋରି ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗୋଟିଏ ବି ମାମଲାରେ ପୁଲିସକୁ ସଫଳତା ମିଳିନାହିଁ । ଗତ ୧୦ ତାରିଖ ବିଳମ୍ବିତ ରାତ୍ରିରେ ଶିମିଳିପାଳ ପଞ୍ଚାୟତ ସାପୋଇନାଳୀ ଗ୍ରାମର କୁନା ବେହେରାଙ୍କ ଘରୁ ସୁନାଗହଣା ଓ ଟଙ୍କା ଚୋରି ହୋଇଥିଲା । ଏହାର ତିନିଦିନ ପରେ ୧୩ ତାରିଖ ରାତିରେ ପୁଣି କଲ୍ୟାଣ ବେହେରାଙ୍କ ଘରୁ ଦେଢ଼ଲକ୍ଷ ଟଙ୍କା ଚୋରି ହୋଇଥିଲା । ପୁଣି ୨୦ ତାରିଖ ଦିନ ଦ୍ୱିପ୍ରହରରେ କିଛି ବଙ୍ଗାଳୀ ବ୍ୟବସାୟୀଙ୍କ ଘରୁ ୧ଲକ୍ଷ ୧୯ ହଜାର ଟଙ୍କା ଚୋରି ହୋଇଥିଲା । ତେବେ କୌଣସି ଘଟଣାରେ ପୁଲିସକୁ ସଫଳତା ମିଳିନାହିଁ । ଚୋରଙ୍କୁ ଧରିବାରେ ପୁଲିସ ସଫଳ ହେଉନାହିଁ ନା ଜାଣିଶୁଣି ଧରୁନାହିଁ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ । ସେହିପରି କିଛି ଅସାମାଜିକ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ରାତି ୧୨ଟା ପର୍ଯ୍ୟନ୍ତ ବୁଲାବୁଲି କରୁଛନ୍ତି । ରାତି ପାଟ୍ରୋଲିଂ ହେଉନାହିଁ । କିଛିମାସ ହେବ ପୁଲିସ୍‌ର ନିଷ୍କ୍ରିୟତା ଯୋଗୁଁ ଗାଁଗୁଡ଼ିକରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି । ଆଗାମୀ ଦିନରେ ପୁଲିସ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

**ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଅପରାଧ; ଟେର୍ ପାଉନି ପୁଲିସ୍**

# ଏଲିଟ୍ ଏକାଡେମୀର ବାର୍ଷିକ ଉତ୍ସବ



ତାଳଚେର ସହର,୨୮ ।୧୨(ସମିସ): ତାଳଚେର ବଡ଼ସିଂହଡ଼ାସ୍ଥିତ ଏଲିଟ୍ ଏଜୁକେସନାଲ୍ ଗ୍ରୁପ୍ ସହ ଅନୁବନ୍ଧିତ ଏଲିଟ୍ ଏକ୍ସିଲେନ୍ସ ହାୟର୍ ସେକେଣ୍ଡାରୀ ସ୍କୁଲ୍ ଓ ଏଲିଟ୍ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନ୍ୟତମ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଅଧ୍ୟକ୍ଷ ଡ. ଧରଣୀଧର ନାଥ, ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର୍ ଶାନ୍ତନୁ କୁମାର ସର, ଡିଏଚଏସଇର ଯୁଗ୍ମ ନିର୍ଦ୍ଦେଶକ ସୁନୀଲ କୁମାର ଜେନା, ଦମନ ଚଳଚ୍ଚିତ୍ରର ପ୍ରଯୋଜକ ଦୀପେନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ । ଏଲିଟ୍ ଏଡୁକେସନାଲ୍ ଗ୍ରୁପ ଅଧ୍ୟକ୍ଷ ସୁଶୀଲ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ସୁଶାନ୍ତ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ । କ୍ରିତିକ୍ରିଷ୍ଣା ପ୍ରଧାନ, ଶ୍ରୀ ଅରାଧ୍ୟା ଓ ପ୍ରିୟଙ୍କା ବେହେରା ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଧନଞ୍ଜୟ ବିଶ୍ୱାଳ, ରାହୁଲ ସାହୁ ଓ ମୀରା ସାହୁଙ୍କୁ ସମ୍ମାନଜନକ ଷ୍ଟୁଡେଣ୍ଟ ଅଫ୍ ଦି ଇଅର୍ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ୧୦ଫୁଟ ତଳକୁ ଖସିଲା ଅଟୋ; ଚାଳକ ମୃତ

ଛେଣ୍ଡିପଦା,୨୮ ।୧୨(ସମିସ): ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଗୋପୀନାଥପୁର ନିକଟ ପଥୁରିଆ ନାଳଠାରେ ଭାରସାମ୍ୟ ହରାଇ ଏକ ଅଟୋ ରାସ୍ତାର ୧୦ଫୁଟ ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି । ଅଟୋ ତଳେ ଚାପିହୋଇ ଚାଳାକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ନିଶା ଶିଳ୍ପାଞ୍ଚଳ ଥାନା ଗୋପୀବଲ୍ଲଭପୁରର ସୁବାସ ଗଡ଼ନାୟକ । ଛେଣ୍ଡିପଦା ଥାନା ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଜେସିବି ମେସିନ ସହାୟ୍ୟରେ ଅଟୋ ଉଦ୍ଧାର କରିବା ପରେ ପୋଲ ତଳେ କାଦୁଅରେ ଚାପି ହୋଇ ରହିଥିବା ସୁବାସଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏ ନେଇ ପରିବାର ଲୋକଙ୍କୁ ଖବର ଦେଇଛି । ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ମଣ୍ଟୁ ମେମୋରିଆଲ କ୍ରିକେଟ: ଭୁବନେଶ୍ୱର ଚାମ୍ପିଅନ



କିଶୋରନଗର,୨୮ ।୧୨(ସମିସ): କିଶୋରନଗର ବରପଡ଼ିଆରେ ଚାଲିଥିବା ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଦଳ କଟକ ବିଶ୍ୱଭାରତୀ ଦଳକୁ ୭୭ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ମାନ ଅଫ ଦି ସିରିଜ ଭାବେ ରାମେଶ୍ୱର ସ୍ପୋର୍ଟିଂର ଜଗଦୀଶ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଅମ୍ପାୟର ଭାବେ ଟୁକୁ ବାହାଦୁର ଓ ଅକ୍ଷୟ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ । କୁଳମଣି ମେହେର ଓ ଅମ୍ଳାନ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସରୋଜ ସେନାପତି ଧାରାବିରଣୀ ପ୍ରଦାନ କରିଥିଲେ । ସତ୍ୟଜିତ୍ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ ।

# ପ୍ରଦୀପ ଦେବତା ସରକାରୀ ଓକିଲ ନିଯୁକ୍ତ



ଅନୁଗୋଳ,୨୮ ।୧୨(ସମିସ): ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତା ଅନୁଗୋଳ ଜିଲ୍ଲା ମୁଖ୍ୟ ବିଚାରବିଭାଗୀୟ ଅଦାଲତରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଭାବେ ନିଯୁକ୍ତ ହୋଇଛନ୍ତି । ଏ ସମ୍ପର୍କରେ ଗତ ୨୪ ତାରିଖ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଦେବତା ଗତ ୨୦ରୁ ଅଧିକ ବର୍ଷ ହେଲା ଅନୁଗୋଳ ଜିଲ୍ଲାରେ ଓକିଲାତି କରି ଆସୁଛନ୍ତି । ବିଶେଷକରି ଦେୱାନି ଅଦାଲତରେ ମାମଲା ପରିଚାଳନା କରି ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି । ଏଥିସହ ସେ ଜିଲ୍ଲାର ଏକାଧିକ ଅନୁଷ୍ଠାନର ବିଭିନ୍ନ ପଦପଦବୀରେ ରହି ଆସିଛନ୍ତି । ଓକିଲାତି ପେସା ପୂର୍ବରୁ ସେ ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ଅନୁଗୋଳ ପୌର ପରିଷଦ କାଉନସିଲର ରହିଥିଲେ । ସରକାରୀ ଓକିଲ ଭାବେ ନିଯୁକ୍ତି ସୂଚନା ମିଳିବା ପରେ ସହରର ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାଧରଣ ଲୋକଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକେ କିପରି ଉଚିତ ନ୍ୟାୟ ପାଇବେ ସେ ଦିଗରେ ବିଶେଷ ଧ୍ୟାନ ଦେବେ ବୋଲି ଦେବତା ପ୍ରତିକ୍ରିୟାରେ କହିଛନ୍ତି । ଏ ନେଇ ସେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଆଇନମନ୍ତ୍ରୀ, ଢେଙ୍କାନାଳ ସାଂସଦ, ଅନୁଗୋଳ ବିଧାୟକଙ୍କ ସହ ଜିଲ୍ଲାର ସମସ୍ତ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସୁଲିଆ ଗ୍ରାମରେ ସାମ୍ବାଦିକ ସମ୍ମିଳନୀ



ଖମାର,୨୮ ।୧୨(ସମିସ): ପାଲଲହଡ଼ା ଖମାର ସୁଲିଆ ଗ୍ରାମ ଆଞ୍ଚଳିକ ସାମ୍ବାଦିକ ସଙ୍ଘକୁ ନେଇ ଗ୍ରାମ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଗ୍ରାମ ସଭାପତି ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସୁଲିଆ ଗ୍ରାମ ୧୦ନମ୍ବର ୱାର୍ଡରେ ଯାଉଥିବା ବେଳେ ପଞ୍ଚାୟତ ନିର୍ବାଚନରେ ଏସଟି ସିଟ୍ ହୋଇଥିଲା । କିନ୍ତୁ ସୁଲିଆରେ କେହି ଏସଟି ଲୋକ ନାହାନ୍ତି । ସେହିଦିନଠାରୁ ୱାର୍ଡ ମେମ୍ବର କେହି ନାହାନ୍ତି । ତୁରନ୍ତ ୱାର୍ଡ ମେମ୍ବର ନିର୍ବାଚନ କରିବାକୁ ଦାବି କରାଯାଇଥିଲା । ସୁଲିଆକୁ ଲାଗି ପୁରୁଣା ମେଡିକାଲର ୭୮ ଡିସିମିଲ ଜାଗା ଉପରେ ଦୀର୍ଘବର୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରାଜନୈତିକ ସଭା, ଲୋକଙ୍କ କାର୍ଯ୍ୟରେ ଲାଗି ଆସୁଛି । କିନ୍ତୁ ପ୍ରଶାସନ ଉକ୍ତ ଜାଗାକୁ ଚିହ୍ନଟ କରି ନିଜ ଅକ୍ତିଆରକୁ ନେବାକୁ ଚାହୁଁଛି । ସାଧାରଣ ଲୋକଙ୍କ ସ୍ୱାର୍ଥକୁ ନେଇ ପ୍ରଶାସନ ଏହାର ପୁନର୍ବିଚାର କରିବାକୁ ଦାବି ହୋଇଛି । ଏଥିସହ ଗ୍ରାମ ଜଳସମ୍ପଦ ଜାଗାକୁ ଜବରଦଖଲ କରି ଏକ ଘରୋଇ ସ୍କୁଲ ଚଳାଇବା ଓ ସେଠାରେ ଥିବା ଘରଗୁଡ଼ିକରୁ ଭଡ଼ା ଆଦାୟ କରିବାକୁ ତୀବ୍ର ବିରୋଧ କରାଯାଇଛି । ସୁଲିଆ ଗ୍ରାମ ପ୍ରତି ହେଉଥିବା ଅନ୍ୟାୟ ଓ ପାଲଲହଡ଼ା ପ୍ରଶାସନର ବୈମାତୃକ ମନୋଭାବ ବିଷୟରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ସୂଚନା ଦିଆଯାଇଛି ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ଆର୍ବିଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

# ଜଳସମ୍ପଦ ଜାଗାରେ ଓଏଚ୍‌ପିସିର ଦାଦାଗିରି

## ଟାଟା ପାୱାରରୁ ବିଦ୍ୟୁତ୍ ସଂଯୋଗ ନେବାକୁ ଉପୋଭୋକ୍ତାଙ୍କୁ ଜୁଲମ



କଣିହାଁ,୨୮ ।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ଅଞ୍ଚଳର ଦୀର୍ଘ ୫୦ ବର୍ଷର ବିଦ୍ୟୁତ ଉପଭୋକ୍ତାଙ୍କୁ ଓଏଚପିସି ଜୁଲମ କରି ଟାଟା ପାୱାରରେ ଉପଭୋକ୍ତା ହେବାକୁ ଏକପ୍ରକାର ବାଧ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଟାଟା ପାୱାରରେ ନୂତନ ଉପଭୋକ୍ତା ପାଇଁ ଆବେଦନ ନ କଲେ ସମ୍ପୃକ୍ତ ଅଞ୍ଚଳରେ ଥିବା ଟ୍ରାନଫର୍ମରରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଏହା ଉପରେ ନିର୍ଭର କରୁଥିବା ସମସ୍ତ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ କାଟିଦେଉଛି । ଓଏଚପିସିର ଏପରି ବେଆଇନ ଓ ଜନବିରୋଧୀ କାର୍ଯ୍ୟକୁ ଜନସାଧାରଣ ତୀବ୍ର ନିନ୍ଦା କରିବା ସହ ରାଜ୍ୟ ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

୧୯୭୩ରେ ରେଙ୍ଗାଳି ବହୁମୁଖୀ ବନ୍ଧ ଯୋଜନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୮୫ରେ ଶେଷ ହୋଇଥିଲା । ଏହା ପରେ ଏଠାରୁ ୨୫୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି । ଡ୍ୟାମ ନିର୍ମାଣ ସମୟରେ ବହୁମୁଖୀ ବନ୍ଧ ଯୋଜନାରେ ଜଣେ ମୁଖ୍ୟ ଯନ୍ତ୍ରୀଙ୍କ ଅଧୀନରେ ୧୭ଟି ବିଭାଗ କାର୍ଯ୍ୟ କରୁଥିଲା । ପର୍ଯ୍ୟାୟକ୍ରମେ ବିଭିନ୍ନ ବିଭାଗର ପୃଥକୀକରଣ ହୋଇ ଡ୍ୟାମର ସମସ୍ତ ବିଭାଗ ଜଳସମ୍ପଦ ବିଭାଗ ନାମରେ ନାମିତ ହୋଇଥିଲା ବେଳେ ବିଦ୍ୟୁତ ଉତ୍ପାଦନ ଶକ୍ତି ବିଭାଗ ହାତରେ ରହିଥିଲା । ସେବେଠାରୁ ଶକ୍ତି ବିଭାଗର ପ୍ଲାଣ୍ଟ ସେକ୍ସନ ବିଦ୍ୟୁତ ଉତ୍ପାଦନ ସହ ସମଗ୍ର ଅଞ୍ଚଳରେ ବିଦୁତ ବିତରଣ କରିଆସୁଥିଲା । ରାଜ୍ୟ ସରକାର ୧୯୯୬ରେ ଏହାକୁ ଓଏଚପିସିରେ ପରିଣତ କରିଥିଲେ । ଏହି ସମୟରେ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ ପାଇଁ ଥିବା ବିଦ୍ୟୁତ ଷ୍ଟ୍ରକଚର, ଟ୍ରାନ୍ସଫର୍ମର, ବିଦ୍ୟୁତ ଯୋଗାଣ ପାଇଁ ବିଛାଯାଇଥିବା ପୋଲ୍, ତାର ପ୍ରଭୃତି ବିଭିନ୍ନ ସରଞ୍ଜାମ ଓଏଚପିସିକୁ ହସ୍ତାନ୍ତର କରାଯାଇଥିଲା । ଓଏଚପିସି ସେତେବେଳେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ନ କରି ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ କ୍ଷମତା ପାଇଥିଲା । ଫଳରେ ବିଦ୍ୟୁତ ବିତରଣ ପାଇଁ ଆବଶ୍ୟକ କୋଟି କୋଟି ଟଙ୍କା ନିବେଶରୁ ବର୍ତ୍ତିଯାଇ ଲାଭବାନ ହୋଇଛି । ରେଙ୍ଗାଳି ପ୍ରକଳ୍ପର ଡ୍ୟାମ, ଗ୍ୟାଲେରୀ, ସମସ୍ତ ସରକାରୀ କାର୍ଯ୍ୟାଳୟ, ପରମାନେଣ୍ଟ କଲୋନୀ, ବଜାର, ବସ୍ତି ବାସିନ୍ଦା ସମେତ ସମଗ୍ର ଅଞ୍ଚଳରେ ଓଏଚପିସି ପକ୍ଷରୁ ବିଦ୍ୟୁତ ଯୋଗାଣ ହେଉଥିବା ବେଳେ ୨୨ ତାରିଖରୁ ଓଏଚପିସିର ସିନିଅର୍ ଜିଏମ୍ ସରୋଜ କୁମାର ବହିଦାର, ଜିଏମ୍ ଶୁଭ୍ରତ କୁମାର ଷଡ଼ଙ୍ଗୀ, ଇଂ ବିଜୟ ନାୟକ ପ୍ରମୁଖ ଜନସାଧାରଣଙ୍କୁ ଭୟଭୀତ କରି ବିଦ୍ୟୁତ ସଂଯୋଗ କାଟିଦେଉଛନ୍ତି । ଦୀର୍ଘବର୍ଷ ଧରି ଓଏଚପିସିରେ ଉପଭୋକ୍ତା ଥିବା ଲୋକଙ୍କୁ ଅଗଣତାନ୍ତ୍ରିକ ଉପାୟରେ ଜୋରଜବରଦସ୍ତ ଟିପିସିଓଡିସିଏଲରେ ନୂତନ ଉପଭୋକ୍ତ ହେବାକୁ ବାଧ କରାଯାଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି । ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ ଟାଟା ପାୱାରକୁ ଓଏଚପିସି ହସ୍ତାନ୍ତର କରିବାକୁ ଯାଉଥିବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ପ୍ରକ୍ରିୟା ଆରମ୍ଭ କରିଛି । ଫଳରେ ପ୍ରକଳ୍ପ ଅଞ୍ଚଳରେ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି । ଉପଭୋକ୍ତାଙ୍କୁ ଟାଟା ପାୱାର ଶୋଷଣ କରୁଥିବାରୁ ଏହା ବିରୋଧରେ ସାରା ରାଜ୍ୟରେ ଆନ୍ଦୋଳନ ଚାଲୁଥିବା ବେଳେ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ କ୍ଷମତା ଟାଟା ପାୱାରକୁ ହସ୍ତାନ୍ତର ଉଦ୍ୟମକୁ ପ୍ରକଳ୍ପବାସୀ ତୀବ୍ର ବିରୋଧ କରିଛନ୍ତି । ଓଏଚପିସି ଏଠାରୁ ଜଳ ବିଦ୍ୟୁତ ଉତ୍ପାଦନ କରି କୋଟି କୋଟି ଟଙ୍କା ଲାଭ କରୁଥିବା ବେଳେ ପ୍ରକଳ୍ପ ଅଞ୍ଚଳର ଉନ୍ନତି ଦିଗରେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରୁନାହାଁ । କେବଳ ଡ୍ୟାମ ଅଞ୍ଚଳକୁ ବିଦ୍ୟୁତ ଯୋଗାଇଛି । ତାହା ମଧ୍ୟ ଦେୟ ଆଦାୟ କରି । କିନ୍ତୁ ଓଏଚପିସି କର୍ତ୍ତୃପକ୍ଷ ତାଙ୍କ ନିଜ କଲୋନୀକୁ ପୂର୍ବ ପରି ନିଜ ଅଧୀନରେ ରଖି ପାୱାର ହାଉସରୁ ଏକ ସ୍ୱତନ୍ତ୍ର ଫିଡର ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ଜାରି ରଖିବାକୁ ମସୁଧା କରିଛନ୍ତି । ଯାହା କି ସମ୍ପୂର୍ଣ୍ଣ ନିୟମ ବିରୁଦ୍ଧ । ଏଠାରେ ପ୍ରଶ୍ନଉଠେ ଯଦି ଓଏଚପିସି ନିଜପାଇଁ ନିଜେ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ରଖିପାରୁଛି ତେବେ ଗୋଟିଏ ପ୍ରକଳ୍ପରେ ଥାଇ ଜଳସମ୍ପଦ ବିଭାଗର ଶ୍ରମିକ କର୍ମଚାରୀ ଏହି ସୁବିଧାରୁ କିପରି ବାଦ୍ ପଡ଼ିବେ? ଗୋଟିଏ ଡ୍ୟାମରେ ଜଳସମ୍ପଦ ବିଭାଗ ଡ୍ୟାମ ନିର୍ମାଣ କରି ଜଳଭଣ୍ଡାରରେ ପାଣି ଗଚ୍ଛିତ ରଖିଥିବା ବେଳେ ସେହି ଡ୍ୟାମର ଗୋଟିଏ ଅଂଶରେ ଓଏଚପିସି ଏହାର ପାୱାର ହାଉସରୁ ବିଦ୍ୟୁତ ଉତ୍ପାଦନ କରୁଛି । ଉଭୟ ବିଭାଗ ଗୋଟିଏ ମୁଦ୍ରାର ଦୁଇ ପାଶ୍ୱର ପରି ପରସ୍ପରର ପରିପୂରକ । ରାଜ୍ୟରେ ଥିବା ଓଏଚପିସିର ସମସ୍ତ ୟୁନିଟ ସମେତ ବୁର୍ଲା ଓଏଚପିସି ୟୁନିଟର ସମସ୍ତ କର୍ମଚାରୀ ମଧ୍ୟ ଟାଟା ଅଧୀନସ୍ଥ ଅଟନ୍ତି । ତେଣୁ ରେଙ୍ଗାଳି ପ୍ରକଳ୍ପର ବିଦ୍ୟୁତ ବିତରଣ ଯଦି ଟାଟା ପାୱାରକୁ ହସ୍ତାନ୍ତର ହେବ ତେବେ ସାଧାରଣରେ ଅସନ୍ତୋଷ ଯେ, ଯେତେବେଳେ ଅନ୍ୟ ପ୍ରୋଜେକ୍ଟଗୁଡ଼ିକ ଟାଟା ଅଧୀନସ୍ଥ ତେବେ ରେଙ୍ଗାଳି ପ୍ରକଳ୍ପରେ ନିୟମର ବ୍ୟତିକ୍ରମ କାହିଁକି? ଅନ୍ୟ ପ୍ରୋଜେକ୍ଟ ଭଳି ଓଏଚପିସିକୁ ମଧ୍ୟ ଏହି ପରିସୀମାରେ ଅନ୍ତର୍ଭୁକ୍ତ କରାଯିବାକୁ ଦୃଢ଼ ଦାବି ହୋଇଛି ।


# ସାପୁଆ ପର୍ଯ୍ୟଟନସ୍ଥଳୀରେ ଶୋଷଣ

- ତେଜୁଛି ପର୍ଯ୍ୟଟକଙ୍କ ଅସନ୍ତୋଷ
- ମନଇଚ୍ଛା ପାର୍କିଂ ଫି' ଆଦାୟ
- ପର୍ଯ୍ୟଟକଙ୍କ ନିମନ୍ତେ ନାହିଁ ମୌଳିକ ସୁବିଧା
- ଦୈନିକ ଲକ୍ଷ ଲକ୍ଷ ଟଙ୍କା କରାଯାଉଛି ଆଦାୟ

ହିନ୍ଦୋଳ,୨୮ ।୧୨(ସମିସ)

ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହିନ୍ଦୋଳ ବ୍ଲକ ରାସୋଳ ଥାନା ଦାଣ୍ଡିରୀ ପଞ୍ଚାୟତ ସାପୁଆ ଡ୍ୟାମରେ ବଣଭୋଜି ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ଦୈନିକ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସୁଥିବା ବେଳେ ପିଣ୍ଡି ଓ ପାର୍କିଂ ଫି' ନାମରେ ଜୁଲମର ଶିକାର ହେଉଛନ୍ତି । ଯାହାକୁ ନେଇ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସୁରକ୍ଷା ବ୍ୟବସ୍ଥା ଆଦି ମୌଳିକ ସୁବିଧା ନ ଥାଇ ନିୟମ ଅନୁଯାୟୀ ଟେଣ୍ଡର ଡକା ନ ଯାଇ ତରବରିଆ ଭାବେ ପାର୍କିଂ ଫି' ଆଦାୟ ଭଳି ଶୋଷଣ ମନୋଭାବକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ସାପୁଆ ଡ୍ୟାମ ପ୍ରାକୃତିକ ଶୋଭାରାଜିରେ ଭରପୂର । ସାପ ଆକୃତିର ଡ୍ୟାମରେ ରହିଥିବା ନୀଳ ଜଳରାଶି ସହ ଶାଳ ଜଙ୍ଗଲରେ ବଣଭୋଜି କରିବାକୁ ପର୍ଯ୍ୟଟକ ଆକର୍ଷିତ ହୋଇଥାନ୍ତି । ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ବିଶେଷ କରି ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାରେ ବଣଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜି କରିବାକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ଜିଲ୍ଲା ବାହାରୁ ମଧ୍ୟ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଇଥିବା ବେଳେ ଏଠାରେ ପର୍ଯ୍ୟଟକଙ୍କୁ ଜୋରଜବରଦସ୍ତ ଶୋଷଣ କରାଯାଉଛି । ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଟେଣ୍ଡର ଡକାଯାଇ ଗୋଟିଏ ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି । ଟେଣ୍ଡର ପ୍ରକ୍ରିୟା ନେଇ



କୌଣସି ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଅଭିଯୋଗ ହେଉଛି । ଏପରିକି କହାକୁ ଏହାର ଦାୟିତ୍ୱ ଦିଆଯାଇଛି, କେଉଁ ଗାଡ଼ିରୁ କେତେଟଙ୍କା ପାର୍କିଂ ଫି' ଆଦାୟ ହେବ ଓ ପିଣ୍ଡି ପାଇଁ କେତେଟଙ୍କା ଆଦାୟ କରାଯିବ ସେ ସମ୍ପର୍କରେ ଏଠାରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ । ହେଲେ ବାଇକ ପିଛା ୨୦ ଟଙ୍କା, କାର ଓ ଛୋଟ ଗାଡ଼ିର ୨୦୦ ଟଙ୍କା, ବସ ପିଛା ୪୦୦ ଟଙ୍କା ଓ ପିଣ୍ଡି ପିଛା ୨୦୦ରୁ ୫୦୦ ଟଙ୍କା ଆଦାୟ କରାଯାଉଛି । ପାର୍କିଂ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ବେଳେ ପର୍ଯ୍ୟଟକମାନେ ମନଇଚ୍ଛା



ଯେଉଁଠି ପାରିଲେ ସେଇଠି ଗାଡ଼ି ରଖୁଛନ୍ତି । ଗାଡ଼ିର ସୁରକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ । ଚାରିଆଡ଼େ କୁଢ କୁଢ଼ ଆବର୍ଜନା ପଡ଼ିରହିଛି । ହଜାର ହଜାର ଲୋକଙ୍କ ଭିଡ଼ ହେଉଥିବା ଏହି ପର୍ଯ୍ୟଟନସ୍ଥଳୀରେ ପୁଲିସ କର୍ମଚାରୀଙ୍କର ମଧ୍ୟ ଦେଖାଦର୍ଶନ ମିଳିପାରୁନାହିଁ । ହେଲେ କାହା ନିର୍ଦ୍ଦେଶରେ ଏଭଳି ଜୋରଜବରଦସ୍ତ ଟଙ୍କା ଆଦାୟ କରାଯାଉଛି ସେ ଉତ୍ତର କାହା ପାଖରେ ନାହିଁ । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ହିନ୍ଦୋଳ ବିଡିଓଙ୍କୁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ ।

## ଏକଲ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୨୮ ।୧୨(ସମିସ): ଭାରତୀୟ ସଂସ୍କୃତି ଓ ଦର୍ଶନର ପାଠଶାଳା ରୂପେ ପରିଚିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୃଷ୍ଠପୋଷକତାରେ ଗଠିତ ଏକଲ ବିଦ୍ୟାଳୟରେ ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ଓ ପରଜଙ୍ଗ ବ୍ୟତୀତ ଅନ୍ୟ ୬ ବ୍ଲକ୍ ସହ କଟକ ଜିଲ୍ଲା ନରସିଂହପୁର ଓ ଟାଙ୍ଗି ବ୍ଲକ୍‌କୁ ମିଶାଇ ୮ଟି ବ୍ଲକ୍‌ରେ କାର୍ଯ୍ୟରତ ଗୁରୁମାମାନଙ୍କୁ ନେଇ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିର ଢେଙ୍କାନାଳ ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଉଦ୍‌ଯାପିତ ହୋଇଛି । ଜିଲ୍ଲା ସମ୍ଭାଗର ନୂତନ ସଭାପତି ମୁରଲୀଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ପାଠଶାଳାରେ ନୈତିକ ଶିକ୍ଷା ଦିଆଯିବ ସହ ଗାଁ ଚାଟଶାଳୀ ପରି ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାଠ୍ୟକ୍ରମ ଉପରେ ଶିକ୍ଷାଦାନ କରାଯାଉଛି । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକ, ଜଙ୍ଘିରା ମଠ ସମ୍ପାଦକ ସଞ୍ଜୟ ବିଶ୍ୱାଳ, ବାସୁଦେବ ଦେହୁରୀ ଓ ଏକଲ ବିଦ୍ୟାଳୟର ଜିଲ୍ଲା କୋଷାଧ୍ୟକ୍ଷ ଉଷାରାଣୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଏକଲ ବିଦ୍ୟାଳୟ ପୂର୍ବଭାଗର ସଭାପତି ଗିରିଜା ଶଙ୍କର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଅଞ୍ଚଳର ପୂର୍ବ ସୈନିକ ବଂଶୀଧର ମହାରଣା, ବିଜନ କୁମାର ନନ୍ଦ, ରଘୁନାଥ ରାଉତ ଓ ମାନସ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ବିଭୂତି ଭୂଷଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ଥାନାଧିକାରୀଙ୍କୁ ଭେଟିଲେ ଡ୍ରାଇଭର ମହାସଙ୍ଘ




ଗଁଦିଆ,୨୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନାରେ ନୂତନ ଭାବେ ପ୍ରତାପ କୁମାର ଦଳେଇ ଥାନା ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । ଆଜି ଏହି ପରିପେକ୍ଷୀରେ ଓଡିଶା ଡ୍ରାଇଭର ମହାସଂଘ ଗଦିଆ ବ୍ଲକ ଶାଖାର କର୍ମକର୍ତ୍ତା ମାନେ ତାଙ୍କୁ ସୌଜନ୍ୟ ମୂଳକ ଭାବେ ସାକ୍ଷାତ କରିଥିବାର ଜଣାଯାଏ । ମହାସଂଘର ଗଁଦିଆ ବ୍ଲକ ସଭାପତି ବାଦଲ ମଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଥାନା କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଶହ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଉପ ସଭାପତି ସୁବାସ କୁମାର ସାହୁ,କାର୍ଯ୍ୟକାରୀ ସଭ୍ୟବିନାୟକ ବେହେରାଙ୍କ ସମେତ, ଗୁଣ୍ଡୁରାପସୀ, ଯୋରନ୍ଦା, ରାଇତଳା, ପୋରହଖୋଜ, ମଠତେନ୍ତୁଳିଆ ଓ କାବେର ଗ୍ରାମ ପଞ୍ଚାୟତ ମହାସଂଘର କର୍ମକର୍ତ୍ତା ଓ ସଭ୍ୟ ମାନେ ଉପସ୍ଥିତ ରହୁଥିଲେ ।

## ବିବି ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଣିଓହଳା ପାହାଡ଼ ପାଦଦେଶରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଦିବଂଗତ ବନ୍ଧୁମାନଙ୍କ ନିମିତ୍ତ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ବନ୍ଧୁମାନେ ନିଜ ପେସା ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ର ଜୀବନର ସ୍ମୃତିକୁ ସାଉଁଟିଥିଲେ । ପ୍ରତିବର୍ଷ ଡିସେମ୍ବର ମାସ ଚତୁର୍ଥ ରବିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି । ଏଥିରେ ୪୦ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ସୁନୀଲ ଦାସ, ଜ୍ଞାନେନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ଭୁତିଆ, ବେଣୁଧର ସାହୁ, ଅନିଲ ନନ୍ଦ, ବିଷ୍ଣୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଢେଙ୍କାନାଳ ସ୍ୱର୍ଣ୍ଣକାର ପରିବାରର ବନ୍ଧୁମିଳନ

ଢେଙ୍କାନାଳ,୨୮ ।୧୨(ସମିସ): ଢେଙ୍କାନାଳ ସ୍ୱର୍ଣ୍ଣକାର ପରିବାର ପକ୍ଷରୁ ଯତନନଗରସ୍ଥିତସତ୍ୟସାଗରୱାର୍ଟରପାର୍କରେବନ୍ଧୁମିଳନକାର୍ଯ୍ୟକ୍ରମଅନୁଷ୍ଠିତହୋଇଛି । ସ୍ୱର୍ଣ୍ଣକାର ପରିବାରର ମୁଖ୍ୟ ପ୍ରସନ୍ନ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା । ପରିବାରର ବରିଷ୍ଠ ସଦସ୍ୟ ସଦାଶିବ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର ଓ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ବୈଠକ ସଂଯୋଜନା କରିଥିଲେ । ଯୁବ ସଦସ୍ୟ ସୁଶୀଲ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନୋ ପାର୍କିଂ ଜୋନ୍‌ରେ ଭାରୀଯାନ ପାର୍କିଂ

# ନଷ୍ଟ ହେଲା ଚାରା, ବନବିଭାଗ ନିରବଦ୍ରଷ୍ଟା

ପରଜଙ୍ଗ,୨୮ ।୧୨(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମିରେ ଗତବର୍ଷ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରାଯାଇ ନୋ ପାର୍କିଂ ଜୋନ ସୂଚନା ଫଳକ ଲଗାଯାଇଥିଲା । ହେଲେ ଏହାକୁ ଖୁଲମଖୁଲା ଉଲ୍ଲଂଘନ କରାଯାଇ ସେଠାରେ ଭାରୀଯାନ ପାର୍କିଂ କରାଯାଉଛି । ଫଳରେ ରୋପଣ କରାଯାଇଥିବା ଚାରାଗୁଡ଼ିକ ନଷ୍ଟ ହୋଇଛି । ସବୁ ଜାଣି ବନପାଳ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି ।



କୁଆଳୋ ପଞ୍ଚାୟତ ପରମହଂସପୁର ଛକ ଦେଇ ଯାଇଥିବା ଜାତୀୟ ରାଜପଥଠାରୁ ନୂଆ ସୂର୍ଯ୍ୟ ହୋଟେଲକୁ ସଂରକ୍ଷିତ ଜଙ୍ଗଲ ଜମି ଉପରେ ପାଉଁଶ ପକାଇ ରାସ୍ତା ନିର୍ମାଣ କରି ସେଥିରେ ଦୈନନ୍ଦିନ ଶହ ଶହ ଭାରୀଯାନ ଚଳାଚଳ ହେଉଥିବା ବାରମ୍ବାର ଅଭିଯୋଗ ହୋଇଥିଲା । ଯାହାକୁ ନେଇ ବନଖଣ୍ଡ ଅଧିକାରୀ କୁଆଳୋ ଗ୍ରାମବାସୀଙ୍କ ଚଳାଚଳ ପାଇଁ ଚଲାପଥ ଛାଡ଼ି ଦେଇ ଆଉ କିଛି ସ୍ଥାନରେ ଚାରାରୋପଣ କରି ବାଉଁଶ ବାଡ଼ ଦେଇଥିଲେ । ମାତ୍ର ବନ ବିଭାଗ ସମ୍ପୂର୍ଣ୍ଣ ଭାବେ ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁଲିଯାଇଛି । ଫଳରେ ଅଧିକାଂଶ ଚାରା ନଷ୍ଟ ହୋଇଛି । ନୋ ପାର୍କିଂ ଜୋନ୍ ଫଳକ ଲାଗିଥିବା ସ୍ୱତ୍ୱେ ହୋଟେଲକୁ ଆସୁଥିବା ଭାରୀଯାନଗୁଡ଼ିକ ରୋପିତ ଗଛ ଉପରେ ପାର୍କିଂ କରୁଥିଲେ ମଧ୍ୟ ବନ ବିଭାଗ ଅଧିକାରୀ କୌ÷÷ଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି । ହୋଟେଲ ମାଲିକଙ୍କୁ ସୁହାଇଲା ଭଳି ବନ ବିଭାଗ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଥିପ୍ରତି ବନ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ରାଷ୍ଟ୍ରୀୟ ବୀର ବାଲ୍ ଦିବସ ପାଳିତ

ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ତରଫରୁ ରାଷ୍ଟ୍ରୀୟ ବୀର ବାଲ ଦିବସ ପାଳନ କରାଯାଇଛି । ଜିଲ୍ଲା ସଭାପତି ରାସବିହାରୀ ବେହେରା ମୁଖ୍ୟଅତିଥି, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ମୁଖ୍ୟବକ୍ତା ଓ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ଓ ଧର୍ମରକ୍ଷା ପାଇଁ ଶିଖ୍ ଧର୍ମର ଦଶମ ଗୁରୁ ଗୋବିନ୍ଦସିଂଙ୍କ ଦୁଇ ନାବାଳକ ପୁଅ ସାହିବଜାଦା ଜୋରାବରସିଂ ଓ ସାହିବଜାଦା ଫତେହ ସିଂଙ୍କ ବଳିଦାନ ଓ ଅସାଧାରଣ ବୀରତ୍ୱର ଗୌରବଗାଥା ସମ୍ପର୍କରେ ଆଲୋକପାତ କରିଥିଲେ । ଉଭୟଙ୍କ ବଳିଦାନ ଏବଂ ସାହସ ତଥା ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ଉଦାହରଣ ଓ ଆଗାମୀ ପିଢ଼ି ପାଇଁ ପ୍ରେରଣା ବୋଲି କହିଥିଲେ । ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟବାନ ପାତ୍ର, ସୂର୍ଯ୍ୟପ୍ରତାପ ରାଉତ, ବିନୋଦ ମଲ୍ଲିକ, ପଦ୍ମଭୂଷଣ ସାହୁ,



ରବିନାରାୟଣ ମିଶ୍ର, ରାକେଶ ସାହୁ, ବାଦଲ ବେହେରା, ଦେବାଶିଷ ପାଣି, ଅକ୍ଷୟ ମହାନ୍ତି, ଅଭିଷେକ ବେହେରା, କନିଷ୍କ ସାମଲ, ବଳରାମ ସେଠୀ, ପ୍ରଭାତୀ ସ୍ୱାଇଁ, ରୀତା ସାହୁ, ଅପର୍ଣ୍ଣା ରଥ, ରମେଶ ଚନ୍ଦ୍ର ସାମଲ, ଶିଶିର ଦଳେଇ, ଉତ୍ତମ ଦାସ, ରାଜେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ନଗରମଣ୍ଡଳ ସଭାପତି ବିକାଶ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ସଭାପତି ପାର୍ଟିର ପତାକା ଉତ୍ତୋଳନ କରିଥିଲେ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ କଂଗ୍ରେସର ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।



୧୮୮୫ ଡିସେମ୍ବର ୨୮ରେ ବ୍ରିଟିଶ ଅଫିସର ଆଲାନ ଅକ୍ଟାଭିଆନ ହ୍ୟୁମ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା କରିଥିଲେ । ଉଦ୍ଦେଶ୍ୟ ଥିଲା ଶିକ୍ଷିତ ଭାରତବାସୀଙ୍କୁ ଶାସନରେ ସହଭାଗିତା ପ୍ରଦାନ କରିବା । କଂଗ୍ରେସର ପ୍ରତିଷ୍ଠା ଇତିହାସ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମ, ମହାତ୍ମା ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ୧୯୧୫ରେ ପ୍ରତ୍ୟାବର୍ତ୍ତନ ପରେ କଂଗ୍ରେସର ନେତୃତ୍ୱ ନେଇ ଦେଶବ୍ୟାପୀ ସାଧାରଣ ଲୋକଙ୍କୁ ଦଳରେ ସାମିଲ କରିବା, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ, ସ୍ୱାଧୀନତା ଲାଭ ପରେ କଂଗ୍ରେସ ଶାସନ ଭାର ହାତକୁ ନେଇ ସମ୍ବିଧାନ ପ୍ରଣୟନ, ଦେଶର ଉନ୍ନତି ଓ ଅଭିବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ଲୋକହିତକର କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ । ବରିଷ୍ଠ ନେତା ପ୍ରେମଶଙ୍କର ମିଶ୍ର, ବିପ୍ରଚରଣ ସାହୁ, ସମରେନ୍ଦ୍ର ନନ୍ଦ, ଡା. ତୁଷାରକାନ୍ତି ନାୟକ, ସୁଶାନ୍ତ ଧଳ, ସରୋଜ ଶତପଥୀ, ପ୍ରିୟବ୍ରତ ଗଡ଼ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣ, ସ୍ମିତାରାଣୀ ସାମଲ, ଯୁବନେତା ଅବିନାଶ ପଣ୍ଡା, ଗୋପାଳ ସାହୁ, ନିଶାକର ସାହୁ, କାମାକ୍ଷାପ୍ରସାଦ ବିହାରୀ, ଅବିନାଶ ପଣ୍ଡା, ରୁମେନା ବେଗମ, ଇତିଶ୍ରୀ ସାମଲ, ମିଲ୍ଲି ବାରିକ, ପ୍ରଭୁଦତ୍ତ ଭଞ୍ଜ, ନୁରୁଲ୍ ଇସଲାମ୍ ପ୍ରମୁଖ ଉପସ୍ଥିତ ଥିଲେ । ସୁଶାନ୍ତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମଶ୍ରୀ ନବୋଦୟରେ ଆଲୁମ୍‌ନି ଦିବସ

ପରଜଙ୍ଗ,୨୮ ।୧୨(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ପୁରାତନ ଛାତ୍ର (ଆଲୁମ୍‌ନି) ଦିବସ ପାଳିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରତିମା ମିଶ୍ରଙ୍କ ତତ୍ତ୍ୱାବଧାନରେ ୧୯୯୩ରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ବ୍ୟାଚ୍‌ର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ପୁରାତନ ଛାତ୍ର ସଂଘ ସଭାପତି ସୌମ୍ୟା ମିଶ୍ର, ସମ୍ପାଦକ ଦୀପ୍ତିରଞ୍ଜନ ସାମନ୍ତ, କୋଷାଧ୍ୟକ୍ଷ ବାସୁଦେବ ସାହୁଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର ସହ ନିର୍ଦ୍ଦେଶକ ଆକାଶ ସାହୁ, ସମ୍ମାନିତ ଅତିଥି ଭାବେ ପୁରାତନ ଇଂରାଜୀ ଶିକ୍ଷୟିତ୍ରୀ ଶାରଦା ଶତପଥୀ, ପୁରାତନ କାର୍ଯ୍ୟାଳୟ ଅଧୀକ୍ଷକ ବିଜୟ କୁମାର ସାହୁ, ପୁରାତନ କନିଷ୍ଠ ଲିପିକାର ରଞ୍ଜନା ମିତ୍ର ଯୋଗଦେଇଥିଲେ । ୨୦୨୪ ଦଶମ ଓ ଦ୍ୱାଦଶ ପରୀକ୍ଷାର ଟପ୍ପରମାନଙ୍କୁ ଆର୍ଥିକ ପୁରସ୍କାର ଦେବା ସହିତ ଶ୍ରେଷ୍ଠ ଭଲ୍ୟୁଣ୍ଟିୟର ଭାବେ ୨୦୨୨ର ଛାତ୍ର ବିଶ୍ୱଜିତ ସାହୁ ଓ ୨୦୨୧ର ଦିବ୍ୟାଂଶୁ ମିଶ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରତ୍ୟୁଷ ସେଠୀ ଓ ତୁଳସୀ ଭୋଇ, ଅଙ୍କିତ ନାୟକ, ରବି ଭୋଇ ତଥା ସଙ୍ଗୀତ ଶିକ୍ଷକ ରାଜେନ୍ଦ୍ର ବେହେରାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଧୃତିଲତା ପରିଡ଼ା, ଜୟନ୍ତୀ ସାହୁ, ସୂର୍ଯ୍ୟକାନ୍ତ ଖିଲାର, ସୁଶୀଲ ପ୍ରସାଦ ସାହୁ ଓ ବିଜୟାନନ୍ଦ ସହଯୋଗ କରିଥିଲେ । ବ୍ୟାଚ ଛାତ୍ର ଯଶୋବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନଗର ମଣ୍ଡଳରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୯ତମ ମନ କୀ ବାତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ମନ କୀ ବାତ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ମାତୃପ୍ରସାଦ ନନ୍ଦ ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ ଶୁଣିଥିଲେ । ଏଥିରେ ବହୁ ବିଜେପି କର୍ମୀ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଫାଇନାଲରେ ଆଠଗଡ଼ ବାଲି ଦଳ



ମା' ଆଦିଶକ୍ତି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ,୨୮ ।୧୨(ସମିସ): ସଦର ବ୍ଲକ୍ ସିଆରିଆ ଗ୍ରାମ ବାପୁଜୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୬ତମ ମା' ଆଦିଶକ୍ତି ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଆଠଗଡ଼ର ବାଲି ଫୁଟବଲ କ୍ଲବ୍ ଓ ଗୁଣ୍ଡିଚାପଡ଼ା ଦଳ ମଧ୍ୟରେ ହୋଇଥିଲା । ଏଥିରେ ବାଲି ଦଳ ୨-୧ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି । ରେଫରି ଭାବେ ମନୋଜ ସେଠୀ, ମହେଶ ପ୍ରଧାନ, ଶୁଭ୍ରଜିତ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସମାଜସେବୀ ଲକ୍ଷ୍ମୀଧର ରାଉତ, ଆୟୋଜକ କ୍ଲବ ସମ୍ପାଦକ ପବିତ୍ର ମୁହୁଲି ଓ ଉପଦେଷ୍ଟା ଶ୍ରୀନିବାସ ଦେହୁରୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା ୨୯ ତାରିଖ ବନମାଳୀପ୍ରସାଦଫୁଟବଲଟିମଓଚନ୍ଦ୍ରଶେଖର ଫୁଟବଲ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ସେହିପରି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍ ଚନ୍ଦ୍ରଶେଖର ଫୁଟ୍‌ବଲ୍ କ୍ଲବ୍ ଓ ବାପୁଜୀ କ୍ଲବ୍, ସିଆରିଆ ମଧ୍ୟରେ ହୋଇଥିଲା । ବାପୁଜୀ କ୍ଲବ୍ ୨-୦ ଗୋଲ୍‌ରେ ବିଜୟୀ ହୋଇଛି । ମୁଖ୍ୟଅତିଥି ଭାବେ ସମାଜସେବୀ ନୀହାର ରଞ୍ଜନ ଦାସ ଓ ବଳଦିଆବନ୍ଧ ସରପଞ୍ଚ ନିରୁପମା ହାତୀ ଯୋଗଦେଇଥିଲେ । ବାପୁଜୀ କ୍ଲବ୍ ସମ୍ପାଦକ ପବିତ୍ର ମୁହୁଲି, ଉପଦେଷ୍ଟା ଶ୍ରୀନିବାସ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଚାଲେଞ୍ଜର କପ୍ କ୍ରିକେଟ; ଖଣ୍ଡବନ୍ଧ ଚାମ୍ପିଅନ

ଗଁଦିଆ,୨୮ ।୧୨(ସମିସ): ଏଠାରେ ଚାଲିଥିବା ଚାଲେଞ୍ଜର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି । ଏଥିରେ ପରୀ ଇଲେଭେନ ଦଳ ଶିମିଳିଆ ଦଳକୁ ହରାଇ ଚାମ୍ପିଅନ ହୋଉଛି । ଫାଇନାଲ ମ୍ୟାଚ୍‌ରେ ଖଣ୍ଡବନ୍ଧ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୭୬ରନ ସଂଗ୍ରହ କରିଥିଲା । ଜବାବରେ ଶିମିଳିଆ ଦଳ ୭ ଓଭରରେ ୪ ଉଇକେଟ ହରାଇ ମାତ୍ର ୮୦ରନ ସଂଗ୍ରହ କରିଥିଲା । ପୂର୍ବତନ ପୋରହଖୋଜ ସରପଞ୍ଚ ତଥା ଗଁଦିଆ ବ୍ଲକ ବିଜେଡି ମହିଳା ସଭାପତି ଶୁଭଦର୍ଶିନୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ



ଜଗଦୀଶ ସାମଲ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କଅଁର, ସାମ୍ମାନିତଅତିଥିଭାବେପୂର୍ବତନସରପଞ୍ଚମଙ୍ଗରାଜବାରିକି, ନବକିଶୋରସାମଲଓପୋରହଖୋଜ ସମିତି ସଭ୍ୟ ବଳରାମ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ସଫଳ ଖେଳାଳିଙ୍କୁ ପୁରସ୍କୃତ କରିଥିବା ବେଳେ ମୁଖ୍ୟବକ୍ତା ଉପବିଜେତା ଶିମିଳିଆ ଦଳକୁ କପ ସହ ୨୦ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଚାମ୍ପିଅନ ଖଣ୍ଡବନ୍ଧ ଦଳକୁ ବିଜେତା କପ ସହ ୨୫ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ । ସମାଜସେବୀ ତାପସ କୁମାର ରାଉତ, ଲିପୁ ରାଉତ ଓ ଅନିଲ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।



ସକାଳ
THE SAKALA

# ସମ୍ପାଦକୀୟ



ଏକ ଅତ୍ୟାଚାରୀ ସରକାର ବାଘଠାରୁ ମଧ୍ୟ ଭୟଙ୍କର।
-କନ୍‌ଫୁସିୟସ୍

## ଚୀନ୍ ବ୍ୟୂହରେ ଭାରତ!

ଆମେରିକାର ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ୍' ପକ୍ଷରୁ ଜାରି ସୂଚନା ଅନୁଯାୟୀ ଚୀନ୍ ଏବେ ପ୍ରଶାନ୍ତ ମହାସାଗର-ଏସିଆ ସମେତ ଆଫ୍ରିକାରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ଏକାଧିକ ସାମରିକ ଘାଟି ପ୍ରତିଷ୍ଠା କରିବାର ଯୋଜନା କରୁଛି। ଏହାପଛରେ ଚୀନ୍‌ର ମୂଳ ଉଦ୍ଦେଶ୍ୟ ରହିଛି ବଙ୍ଗୋପସାଗର ଓ ଆରବ ସାଗର ଦିଗରୁ ଭାରତର ପ୍ରତିରକ୍ଷା କାର୍ଯ୍ୟକଳାପ ପ୍ରତି ସତର୍କ ଦୃଷ୍ଟି ରଖିବା ଏବଂ ଆବଶ୍ୟକ ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ପୂର୍ବରୁ ପାକିସ୍ତାନ ଓ ଶ୍ରୀଲଙ୍କାକୁ ଆର୍ଥିକ ଋଣ ସହାୟତାରେ ବଶମ୍ବଦ କରି ରଖିଥିବା ଚୀନ୍ ଏବେ ବାଂଲାଦେଶକୁ ଏକପ୍ରକାର ନିଜ ଅଧୀନକୁ ଆଣିସାରିଛି। ଇତିମଧ୍ୟରେ କେତେକ ଆଫ୍ରିକୀୟ ରାଷ୍ଟ୍ର ସହିତ ବାଣିଜ୍ୟ ଚୁକ୍ତିନାମା ଜରିଆରେ ସେମାନଙ୍କ ଭରସା ଏହି ଡ୍ରାଗନ୍ ରାଷ୍ଟ୍ର ହାସଲ କରିଛି। ତେଣୁ ସେମାନଙ୍କ ସହଯୋଗରେ ବଙ୍ଗୋପସାଗର ଓ ଆରବ ସାଗରରେ ସାମରିକ ଘାଟି ପ୍ରତିଷ୍ଠା କରି ଭାରତକୁ ଉଭୟ ପଟରୁ ଘେରିବାକୁ ଚୀନ୍ ରଣନୀତି ପ୍ରସ୍ତୁତ କରୁଛି।

'ପେଣ୍ଟାଗନ୍'ର ଏହି ସୂଚନା ପଛରେ ଯଦି କିଛିମାତ୍ରାରେ ମଧ୍ୟ ସତ୍ୟତା ଥାଏ ତେବେ ଭାରତ ପ୍ରତି ଆଗାମୀ ଦିନରେ ଚୀନ୍ ଓ ପାକିସ୍ତାନ ପଟରୁ ସାଂଘାତିକ ବିପଦ ମାଡ଼ି ଆସୁଛି ବୋଲି ଭାବିବାକୁ ହେବ। ଅପରପକ୍ଷରେ 'ପେଣ୍ଟାଗନ୍'ର ଏଭଳି ସୂଚନାକୁ ଅଭିସନ୍ଧିମୂଳକ ଏବଂ ଭାରତ-ଚୀନ୍ ସମ୍ପର୍କରେ ଫାଟ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ବୋଲି ଚୀନ୍ ସ୍ପଷ୍ଟୀକରଣ ଦେଇଛି। କିନ୍ତୁ ଦୀର୍ଘ ପ୍ରାୟ ୭୫ ବର୍ଷ ଧରି ଜାରି ରହିଥିବା ଚୀନ୍‌ର ଭାରତ ବିରୋଧୀ ଅସୂୟା ଆଭିମୁଖ୍ୟ ପୃଷ୍ଠଭୂମିରେ 'ପେଣ୍ଟାଗନ୍' ରିପୋର୍ଟକୁ ହଠାତ୍ ଅବିଶ୍ୱାସ କରିହେବ ନାହିଁ। 'ପେଣ୍ଟାଗନ୍'ର ରିପୋର୍ଟ ଅନୁଯାୟୀ ସି ଜିନ୍‌ପିଙ୍ଗ ରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବା ପରେ ଚୀନ୍‌ର ପ୍ରତିରକ୍ଷା ବଜେଟ୍ ଦୁଇଗୁଣା ବୃଦ୍ଧି ପାଇଛି। ୨୦୨୪ ସୁଦ୍ଧା ଚୀନ୍ ନିଜ ପାଖରେ ୬୦୦ ଆଣବିକ ଅସ୍ତ୍ର ରଖିଛି ଏବଂ ସାମରିକ ଅତ୍ୟାଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ 'ପିପୁଲ୍‌ସ ଲିବରେସନ୍ ଆର୍ମି'ର ବାହୁ ମଧ୍ୟ-ଏସିଆ, ଦକ୍ଷିଣ-ପୂର୍ବ ଏସିଆ, ଦକ୍ଷିଣ ଚୀନ୍ ସାଗର, ଦକ୍ଷିଣ ଏସିଆରୁ ଆରମ୍ଭ କରି ଆଫ୍ରିକୀୟ ରାଷ୍ଟ୍ର ପର୍ଯ୍ୟନ୍ତ ପ୍ରସାରିତ କରିବାର ଯୋଜନା କରିଛି। ଭାରତର ଚିରଶତ୍ରୁ ପାକିସ୍ତାନକୁ ଚୀନ୍ ୩୬ ଟି ଜେ-୧୦ ସି ଲଢୁଆ ବିମାନ ଓ ସାମରିକ ଉପକରଣ ଯୋଗାଇ ଦେଇଥିବା ବେଳେ ବାଂଲାଦେଶକୁ ମଧ୍ୟ ବୁଡ଼ାଜାହାଜ ସମେତ ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ନେଇ ପ୍ରତିଶ୍ରୁତି ଦେଇଛି।

'ପେଣ୍ଟାଗନ୍'ର ଆକଳନ ଅନୁଯାୟୀ ଇତିମଧ୍ୟରେ ଭାରତ-ଚୀନ୍ ସୀମା ବିବାଦ(ଏଲଏସି) ଜନିତ ଉତ୍ତେଜନା ପ୍ରଶମିତ ହୋଇସାରିଥିବାରୁ ଚୀନ୍ ଭାରତକୁ ଘେରିବାକୁ ଭିନ୍ନ ଷଡ଼ଯନ୍ତ୍ର ରଚନା କରିଛି। ଭାରତ ଯେପରି ଆମେରିକା ଆଡ଼କୁ ଅଧିକ ନ ଢଳିବ ସେଥିପାଇଁ ସାମରିକ ବ୍ୟୂହ ଜରିଆରେ ଚୀନ୍ ଭାରତକୁ ନାଲିଆଖି ଦେଖାଇ ପାରିବ। ତେଣୁ ଆଗାମୀ ଦିନରେ ଭାରତକୁ ପ୍ରାୟ ଅବଶିଷ୍ଟ ବିଶ୍ୱରୁ ଦୂରେଇ ନିଜ ଅଧୀନରେ ରଖିବାକୁ ଚୀନ୍ ସୁଚିନ୍ତିତ ଦୀର୍ଘମିଆଦୀ ରଣକୌଶଳ ପ୍ରସ୍ତୁତ କରିସାରିଛି। ଭାରତର ସାର୍ବଭୌମ ପ୍ରତି ବିପଦ ସୃଷ୍ଟି କରୁଥିବା ଚୀନ୍‌ର ଏହି ଷଡ଼ଯନ୍ତ୍ରକୁ ଭାରତ କିଭଳି ପଣ୍ଡ କରିପାରିବ ସେଥିପ୍ରତି ଏବେଠାରୁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ●

## ନ୍ୟାୟିକ ବିଡ଼ମ୍ବନା

ଆଉ ମାତ୍ର ଦୁଇଦିନ ପରେ ବିଦାୟ ନେବାକୁ ଥିବା ୨୦୨୫ର ତୃତୀୟ-ଚତୁର୍ଥ ସପ୍ତାହରେ ନ୍ୟାୟିକ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ ଦୁଇଟି ପ୍ରସଙ୍ଗ ଦେଶରେ ଆଲୋଡ଼ନ ସୃଷ୍ଟି କରିବା ସହିତ ଜନସାଧାରଣଙ୍କ ମନରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଥିବା ଆସ୍ଥା ଉପରେ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଇଛି। ଗତ ୧୮ ତାରିଖ ଦିନ ଏକ ମାମଲାର ଶୁଣାଣି ବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଅବସର ନେବା ପୂର୍ବରୁ ବିଚାରପତିମାନେ ଅତିରିକ୍ତ ଲାଭ ପାଇଁ ଆଦେଶ ଜାରି କରିବାର(ଅବସର ପୂର୍ବରୁ ଛକା) ଧାରା ବଢ଼ିବାରେ ଲାଗିଛି। ଅର୍ଥାତ୍ ନ୍ୟାୟିକ ବ୍ୟବସ୍ଥାରେ ନିରପେକ୍ଷତା ସଙ୍କଟରେ ପଡ଼ିଥିବା ପ୍ରଧାନ ବିଚାରପତି ପରୋକ୍ଷରେ ସ୍ୱୀକାର କରିଛନ୍ତି। ଅବସର ପରେ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ସରକାରଙ୍କ ଦ୍ୱାରା ଉଚ୍ଚ ଓ ମର୍ଯ୍ୟାଦାପୂର୍ଣ୍ଣ ପଦପଦବୀରେ ନିଯୁକ୍ତି କରାଯାଉଥିବାର ଗତ କିଛିବର୍ଷର ଉଦାହରଣକୁ ତର୍ଜମା କଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଉଦ୍‌ବେଗର ମର୍ମ ବୁଝି ହେବ। ଏହାର ଅତି ସରଳ ଅର୍ଥ ହେଲା କୌଣସି ମାମଲାର ଚୂଡ଼ାନ୍ତ ରାୟ ଆସିବା ପୂର୍ବରୁ ମୂଲଚାଲ ସରିଯାଉଛି। ବିଶେଷକରି ସରକାରଙ୍କ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ରାୟକୁ ନିଜ ସପକ୍ଷରେ ଆଣିବା ପାଇଁ ପଦପଦବୀର ପ୍ରଲୋଭନ ଜରିଆରେ ପ୍ରଭାବିତ କରିଦିଆଯାଉଛି। ରାୟ ଆସିସାରିବା ପରେ ପ୍ରତିଶ୍ରୁତି ମୁତାବକ ବିଚାରପତିମାନେ ଅନୁଗୃହୀତ ହେଉଛନ୍ତି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନ ସଂଲଗ୍ନ ଆବାସରୁ ବିପୁଳ ପରିମାଣରେ ଅର୍ଦ୍ଧଦଗ୍ଧ ନଗଦ ଟଙ୍କା ମିଳିବା ପରେ ଉପରୋକ୍ତ ଧାରଣା ଆହୁରି ଦୃଢ଼ ହେଉଛି।

ଦ୍ୱିତୀୟ ଅବାଞ୍ଛିତ ଘଟଣାକ୍ରମରେ ୨୦୧୭ ରେ ସାରା ଦେଶରେ ଚର୍ଚ୍ଚିତ ଉତ୍ତରପ୍ରଦେଶର ଉନ୍ନାଓ ନାବାଳିକା ଦୁଷ୍କର୍ମ ଓ ତାଙ୍କ ସମ୍ପର୍କୀୟଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ କାରାଦଣ୍ଡ ଭୋଗୁଥିବା ତତ୍କାଳୀନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କ କାରାଦଣ୍ଡକୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ୨୦ ବର୍ଷରୁ ୭ ବର୍ଷକୁ ହ୍ରାସ କରିବା ସହିତ ଜାମିନ୍ ମଞ୍ଜୁର କରିଛନ୍ତି। ଏଥିପାଇଁ ପୋକ୍ସୋ ଆଇନରେ ଥିବା ଧାରାର ସଂଜ୍ଞାକୁ ମୋଡ଼ିମକଚି ଦିଆଯାଇଛି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଆଇନ ତର୍ଜମା ଦକ୍ଷତା, ନିଷ୍ପତ୍ତି ଓ ରାୟର ଯଥାର୍ଥତା ଉପରେ ପ୍ରଶ୍ନ ଉଠାଇବାର ଧୃଷ୍ଟତା ଆମେ କରୁନାହୁଁ। କିନ୍ତୁ ଏହି ଘଟଣା ଭାରତରେ ନ୍ୟାୟମନ୍ଦିର ପ୍ରତି ଥିବା ପବିତ୍ର ଭାବନା, ଗରିମା ଓ ବିଶ୍ୱସନୀୟତାକୁ ଆଘାତ କରିଛି ଏବଂ ନ୍ୟାୟମୂର୍ତ୍ତିମାନଙ୍କର ବିଚାରବନ୍ତ, ମାନବିକତା ଓ ହୃଦୟବତ୍ତା ଉପରେ ସ୍ୱତଃ ପ୍ରଶ୍ନ ଚିହ୍ନ ଲାଗିଛି।

ଭାରତୀୟ ଗଣତନ୍ତ୍ରର ମୌଳିକତା ଓ ପବିତ୍ରତା ଏହାର ସାମ୍ବିଧାନିକ ଅନୁଷ୍ଠାନମାନଙ୍କର ସାଧୁତା, ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା ଓ ମହନୀୟତା ଉପରେ ତିଷ୍ଠି ରହିଛି। ଏହି ମୌଳିକତା ଦୀର୍ଘସ୍ଥାୟୀ ହେବା ପାଇଁ ଅନୁଷ୍ଠାନଗୁଡ଼ିକର ଭାବମୂର୍ତ୍ତି ଅକ୍ଷୁଣ୍ଣ ରହିବା ଜରୁରୀ। ଏଥିପାଇଁ ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଦାୟିତ୍ୱବାନ ହେବା ବିଧେୟ। ●

# ଗଣତନ୍ତ୍ରର ଲୌହପରଦା

ଗୌରୀପ୍ରସାଦ ମହାପାତ୍ର

ପରିବାର, ସମାଜ ଓ ସର୍ବୋପରି ରାଷ୍ଟ୍ରଗଠନରେ ମହିଳାଙ୍କ ଭୂମିକା ଓ ଅବଦାନ ଅନସ୍ୱୀକାର୍ଯ୍ୟ। ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ହାସଲ କରିବାକୁ ହେଲେ ସାମାଜିକ ଓ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ନେତୃତ୍ୱ ଓ ସହଭାଗିତା ଅପରିହାର୍ଯ୍ୟ। 'ମ୍ୟାକ୍ କିନ୍‌ସେ ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ'ର ରିପୋର୍ଟ ଅନୁଯାୟୀ, ସାମାଜିକ-ଅର୍ଥନୈତିକ-ରାଜନୈତିକ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ଦୂର ହୋଇପାରିଲେ ବିଶ୍ୱ ଅର୍ଥନୀତିକୁ ୨୮ ଲକ୍ଷ କୋଟି ଡଲାରର ଅଧିକ ଲାଭ ହୁଅନ୍ତା। କିନ୍ତୁ ବିଡ଼ମ୍ବନା ହେଉଛି 'ମହିଳା ସଶକ୍ତୀକରଣ' ବଦଳରେ 'ମହିଳାଙ୍କୁ ଉପେକ୍ଷା ମାନସିକତାର ସଶକ୍ତୀକରଣ' ରାଜତନ୍ତ୍ରର ରୁଢ଼ିବାଦୀ ପ୍ରଥାରୁ ଆଜିର ସଭ୍ୟ, ଉନ୍ନତ ଓ ଉଦାରବାଦୀ ଗଣତନ୍ତ୍ର ପର୍ଯ୍ୟନ୍ତ ପ୍ରଚଳିତ ଓ ପରିବ୍ୟାପ୍ତ, ଯେଉଁଥିରୁ ଭାରତୀୟ ଗଣତନ୍ତ୍ର ମଧ୍ୟ ମୁକ୍ତ ନୁହେଁ।

ଏହା ଅସ୍ୱୀକାର କରିବାର ନାହିଁ ଯେ ବିଶ୍ୱର ସର୍ବବୃହତ୍ ଜନବହୁଳ ଓ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚନ ପ୍ରକ୍ରିୟାରେ ମହିଳା ଭୋଟରଙ୍କ ଯୋଗଦାନ ଉଲ୍ଲେଖନୀୟ ଭାବେ ବଢ଼ିଚାଲିଛି। ଅଥଚ ନୀତି ନିର୍ଦ୍ଧାରଣରେ ସେମାନଙ୍କ ପ୍ରତିନିଧିତ୍ୱରେ ସେଭଳି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ। ବିଶ୍ୱସ୍ତରରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱ ହାର ୨୫% ଥିବା ବେଳେ ଭାରତରେ ତାହା ଚଳିତ ଲୋକସଭାରେ ୧୩.୬% ଓ ରାଜ୍ୟସଭାରେ ୧୩%। ମହିଳା ସାଂସଦ ତାଲିକାରେ ବିଶ୍ୱର ୧୮୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୪୩; ଏପରିକି ଭିଏତ୍‌ନାମ, ଚୀନ୍ ଓ ପାକିସ୍ତାନଠାରୁ ମଧ୍ୟ ଭାରତ ପଛରେ। ୨୦୨୪ ବା ଅଷ୍ଟାଦଶ ଲୋକସଭା ନିର୍ବାଚନରେ ୭୯୯ ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ, ଯାହା ସାମଗ୍ରିକ ଭାବେ ମୋଟ ପ୍ରାର୍ଥୀଙ୍କ ମାତ୍ର ୯.୫%। ସେହିପରି ଦେଶର ବିଧାନସଭାଗୁଡ଼ିକରେ ମହିଳା ଜନପ୍ରତିନିଧିଙ୍କ ଉପସ୍ଥିତି ହାରାହାରି ୯%। ଭାରତର କୌଣସି ରାଜ୍ୟର ବିଧାନସଭାରେ ୨୦%ରୁ ଅଧିକ ବିଧାୟିକା ନାହାନ୍ତି।

ଗତ କିଛିବର୍ଷ ମଧ୍ୟରେ ଭାରତୀୟ ନିର୍ବାଚନୀ ରାଜନୀତିର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଘଟିଛି, ଯେଉଁଥିରେ ମହିଳାମାନଙ୍କୁ 'ଭୋଟିଂ ମେସିନ୍' ଭାବେ ବିବେଚନା କରାଯାଇ ନିର୍ଦ୍ଦିଷ୍ଟ ଭାବେ ସେହି ବର୍ଗ ପାଇଁ ବିଭିନ୍ନ କଲ୍ୟାଣମୂଳକ ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନା ଘୋଷଣା କରାଯାଉଛି। ସେଥିରେ ସଫଳତା ମଧ୍ୟ ମିଳୁଛି। ଅଥଚ ପ୍ରତ୍ୟକ୍ଷ ରାଜନୀତିରେ ସେମାନଙ୍କ ପାଇଁ ଥିବା ସୁଯୋଗଟିକୁ ସମ୍ପ୍ରସାରିତ କରିବାରେ ଉଦ୍ଦେଶ୍ୟମୂଳକ ଅବହେଳା କରାଯାଉଛି। କେବଳ ତାମିଲ୍‌ନାଡୁର ଏନ୍‌ଟିକେ(୫୦%), ବିହାରର ଏଲଜେପି ଓ କଂଗ୍ରେସ(୪୦%), ବିହାରର ଆରଜେଡି (୨୯%), ଝାଡ଼ଖଣ୍ଡର ଜେଏମଏମ୍ ଓ ଓଡ଼ିଶାର ବିଜେଡି(୩୩%) ଲେଖାଏଁ ମହିଳା ପ୍ରାର୍ଥୀଙ୍କୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ଦେଇଛନ୍ତି।

ଭାରତୀୟ ବିଧାନପାଳିକାରେ ମହିଳାଙ୍କ ସଶକ୍ତୀକରଣ ପଥରେ ଥିବା ପ୍ରମୁଖ ବାଧକଗୁଡ଼ିକ ମଧ୍ୟରେ ପାରିବାରିକ ଦାୟିତ୍ୱ ବୋଝ, ପରିବାର ସଦସ୍ୟଙ୍କ ସମର୍ଥନ କୁଣ୍ଠା, ଶିକ୍ଷାରେ ଲିଙ୍ଗଗତ ଓ ଆର୍ଥିକ ବୈଷମ୍ୟ, ସର୍ବୋପରି ରାଜନୈତିକ ଦଳମାନଙ୍କ ଇଚ୍ଛାଶକ୍ତିର ଅଭାବ ଆଦି ରହିଛି। ଏହାଛଡ଼ା ଭାରତରେ ସାମ୍ପ୍ରତିକ ଅର୍ଥବଳ ଓ ବାହୁବଳ କବଳିତ ନିର୍ବାଚନ ରଣାଙ୍ଗନ ମହିଳାମାନଙ୍କ ପାଇଁ ଏକ ନିଷିଦ୍ଧ ଓ ଆତଙ୍କିତ ଇଲାକାରେ ପରିଣତ ହୋଇଛି। ତେଣୁ ରାଜନୈତିକ ଦଳମାନେ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇ ବିପଦ ଓ ଅନିଶ୍ଚିତତା ବରଣ କରିବାକୁ କିମ୍ବା ସାମ୍ବିଧାନିକ ବ୍ୟବସ୍ଥା କରିବାକୁ ଆଗ୍ରହୀ ହେଉନାହାନ୍ତି। ୧୯୯୨/୯୩ରେ ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଜରିଆରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲେ ମଧ୍ୟ ସଂସଦ ଓ ବିଧାନସଭାରେ ସମାନ ବ୍ୟବସ୍ଥା ପ୍ରତି ପୁରୁଷକେନ୍ଦ୍ରିକ ବିଧାନପାଳିକା ବିମୁଖ ହେବା ପଛରେ ଉପରୋକ୍ତ ଭୟମିଶ୍ରିତ ଅନିଶ୍ଚିତ ମାନସିକତା ହିଁ ମୁଖ୍ୟକାରଣ। ତେଣୁ ୧୯୯୬ରେ ଲୋକସଭାରେ ଉପସ୍ଥାପିତ ମହିଳା ସଂରକ୍ଷଣ ବିଧେୟକଟି ଆଇନରେ ପରିଣତ ହେବାକୁ ୨୭ ବର୍ଷ ଲାଗିଗଲା ଏବଂ କାର୍ଯ୍ୟକାରୀ ହେବାକୁ ୨୦୨୯ ଯାଏଁ ଅପେକ୍ଷା କରିବାକୁ ପଡ଼ିବ।

ଏ ସବୁର ଊର୍ଦ୍ଧ୍ୱରେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ରାଜନୀତିରେ ମହିଳା ସଶକ୍ତୀକରଣ ଅଭିଯାନ ପଥରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଏକ ଅଦୃଶ୍ୟ ଲୌହପରଦା ଆଢୁଆଳରେ ଥିବା ନିଷ୍ଠୁର ଓ ଅପ୍ରିୟ ସତ୍ୟ। ଉପର ବର୍ଣ୍ଣିତ କାରକମାନ ଏହି ତଥାକଥିତ ଲୌହପରଦା ସମ୍ମୁଖର ଦୃଶ୍ୟପଟ୍ଟ। ଗଣତନ୍ତ୍ରର ସେହି ଅନତିକ୍ରମଣ ବିଶାଳ ବପୁବିଶିଷ୍ଟ ଲୌହପରଦା ପଛରେ ଅହରହ ସୃଷ୍ଟି ହୋଇ ସେଠାରେ ହିଁ ମିଳାଇ ଯାଉଥିବା ସେହି ନିଷ୍ଠୁର ସତ୍ୟ ବିଜଡ଼ିତ ପ୍ରଶ୍ନଟି ହେଉଛି ରାଜନୈତିକ ଦଳୀୟ ସଂଗଠନରେ ମହିଳାମାନେ କେତେ ସୁରକ୍ଷିତ? ୨୦୧୪ରେ 'ଜାତିସଂଘର ମହିଳା ବିଭାଗ' ଏବଂ 'ସାମାଜିକ ଗବେଷଣା କେନ୍ଦ୍ର' ଦ୍ୱାରା ହୋଇଥିବା ବିଶ୍ୱବ୍ୟାପୀ ସର୍ବେକ୍ଷଣରେ ୫୮% ରାଜନେତ୍ରୀ ଦଳ ଭିତରେ ସହକର୍ମୀଙ୍କ ଦ୍ୱାରା ଶୋଷିତ ଓ ନିର୍ଯ୍ୟାତିତ ବୋଲି ସ୍ୱୀକାର କରିଥିଲେ।

ୟୁକେରେ ଉଭୟ ଲେବର ପାର୍ଟି ଓ କଞ୍ଜରଭେଟିଭ୍ ପାର୍ଟି ଦଳୀୟ ସଂଗଠନରେ ଆଭ୍ୟନ୍ତରୀଣ ଲିଙ୍ଗଗତ ଆଚରଣ ସଂହିତାକୁ ଗୁରୁତ୍ୱର ସହିତ କାର୍ଯ୍ୟକାରୀ କରୁଥିବା ବେଳେ କାନାଡ଼ାରେ ଲିବରାଲ୍ ପାର୍ଟି ଲିଙ୍ଗଗତ ମହାଅଭିଯୋଗ ଶୁଣାଣି କକ୍ଷ ଖୋଲିଛି। ଭାରତର ପ୍ରାୟ ୨, ୭୬୫ ପଞ୍ଜିକୃତ ରାଜନୈତିକ ଦଳମାନଙ୍କ ମଧ୍ୟରୁ କେବଳ ସିପିଆଇ(ଏମ୍)କୁ ଛାଡ଼ିଦେଲେ ଅନ୍ୟ କାହାର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ନାହିଁ। ଅପରପକ୍ଷରେ ବହୁଦିନର ଦାବି ସତ୍ତ୍ୱେ ଏ ପର୍ଯ୍ୟନ୍ତ ରାଜନୈତିକ ଓ ଦଳୀୟ ସଂଗଠନରେ 'ପୋଶ(କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା-ନିରାକରଣ, ନିଷେଧ ଓ ପ୍ରତିକାର) ଆଇନ' କାର୍ଯ୍ୟକାରୀ ହେଉ ନାହିଁ କି ରାଜନୀତି ମହିଳା ନିର୍ଯାତନା-ରହିତ ଓ ଶୋଷଣ-ମୁକ୍ତ ହୋଇପାରିନାହିଁ। 'ହାସ୍‌ଟ୍ୟାଗ୍ ମି ଟୁ' ଭଳି ଏକ ଅଭିଯାନ ମଧ୍ୟ ରାଜନୈତିକ ଦଳୀୟ ସଂଗଠନ ଭିତରେ ଆରମ୍ଭ ହେବାର ସମ୍ଭାବନା ନାହିଁ।

'ରାଜନୀତି' ଏକ 'କର୍ମକ୍ଷେତ୍ର' ନୁହେଁ ବୋଲି ଦର୍ଶାଇ ସର୍ବୋଚ୍ଚ ଅଦାଲତ ଦଳୀୟ ସଂଗଠନଗୁଡ଼ିକରେ 'ପୋଶ ଆଇନ' ଲାଗୁ ଆବେଦନକୁ ନାକଚ କରିଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅସ୍ୱୀକାର କରିବାର ଧୃଷ୍ଟତା କରାଯାଇପାରିବ ନାହିଁ। କିନ୍ତୁ ଅଧୁନା ରାଜନୈତିକ ଦଳଗୁଡ଼ିକ ପାଇଁ ଯେ 'କାର୍ଯ୍ୟାଳୟ' ସଂଜ୍ଞା ଲାଗୁ ହୋଇପାରିବ ଏହା ମଧ୍ୟ ଅସ୍ୱୀକାର କରିହେବ ନାହିଁ। 'ପୋଶ୍ ଆଇନ' ଧାରା ୨(ଏଫ୍)ରେ 'କର୍ମଚାରୀ'ର ସଂଜ୍ଞା ହେଉଛି 'ସ୍ୱେଚ୍ଛାସେବୀ କିମ୍ବା ବେତନଭୋଗୀ, ଯିଏ ଏକ ନିର୍ଦ୍ଦିଷ୍ଟ ସଂସ୍ଥା/ସଂଗଠନ/ଅନୁଷ୍ଠାନ ପାଇଁ କାର୍ଯ୍ୟ କରୁଥିବେ।' ସେହିପରି 'କର୍ମସ୍ଥଳ'ର ସଂଜ୍ଞା ହେଉଛି 'ଯେକୌଣସି ସଂସ୍ଥା/ସ୍ଥାନ, ଯେଉଁଠାରେ କିଛିଲୋକ କାର୍ଯ୍ୟ କରୁଥିବେ।' ଅଧୁନା ଦଳୀୟ କର୍ମକର୍ତ୍ତା, କର୍ମଚାରୀ, କୋଷାଧ୍ୟକ୍ଷ, ଲୋକସମ୍ପର୍କ, ହିସାବ ରକ୍ଷକ, ପାଣ୍ଠି ସଂଗ୍ରହ ଓ ପରିଚାଳନା, ବିରୋଧ, ବିକ୍ଷୋଭ, ଅଭିଯାନ ଆଦି କାର୍ଯ୍ୟକ୍ରମ ପାଇଁ ରାଜନୈତିକ ଦଳମାନେ ବେତନଭିତ୍ତିକ ମାନବ ସମ୍ବଳ ନିଯୁକ୍ତି ଦେଉଛନ୍ତି। ସେମାନଙ୍କ ମଧ୍ୟରେ ମହିଳା କର୍ମୀ ମଧ୍ୟ ରହିଛନ୍ତି, ଯେଉଁମାନେ ଲିଙ୍ଗଗତ ବୈଷମ୍ୟ ଆଧାରିତ ପରିବେଶକୁ ସହ୍ୟ କରିବାକୁ ବାଧ ହେଉଛନ୍ତି। ସବୁ ରାଜନୈତିକ ଦଳରେ ଯେ ଏଭଳି ଉତ୍ପୀଡ଼ନର ପରିବେଶ ରହିଛି, ତା' ନୁହେଁ। କିନ୍ତୁ ଅଧିକାଂଶ ଦଳୀୟ ସଂଗଠନରେ ଘଟିଚାଲିଥିବା ଅଣୁ ଘଟଣାମାନ ସାମଗ୍ରିକ ଭାବେ ଧାରଣା ଓ ପରିବେଶକୁ କଳୁଷିତ କରୁଛି। ବୋଧହୁଏ ନ୍ୟାୟିକ ଅଣୁବୀକ୍ଷଣ ଏହି ଲୌହପରଦାକୁ ଭେଦ କରିପାରୁ ନାହିଁ କିମ୍ବା ସେହି ଅଣୁ ଘଟଣାଗୁଡ଼ିକୁ ଗୁରୁତ୍ୱ ଦେବାକୁ ଆଗ୍ରହ ପ୍ରକାଶ କରୁନାହିଁ।

ଅଧିକନ୍ତୁ ଭାରତୀୟ ରାଜନୀତିରେ ଲୌହପରଦା ପଛର ଏହି ନିଷ୍ଠୁର ବାସ୍ତବତା ପ୍ରାକ୍ ସ୍ୱାଧୀନତା ଅମଳରୁ ରାଜତ୍ୱ କରିଆସିଛି। ସ୍ୱାଧୀନତା ଆନ୍ଦୋଳନରେ ମହିଳାମାନେ ସମ୍ମୁଖୀନ ହେଉଥିବା ପାରିବାରିକ ଦାୟିତ୍ୱବୋଝର ଆହ୍ୱାନ ଏବଂ ରାଜନୀତିର ଲୌହପରଦା ଅନ୍ତରାଳରେ ସହକର୍ମୀଙ୍କ ଉତ୍ପୀଡ଼ନ ବିଷୟରେ ସରଳା ଦେବୀ ଏକ ପତ୍ର ଲେଖି ବାପୁଜୀଙ୍କୁ ଅବଗତ ଓ ଅଭିଯୋଗ କରିଥିଲେ, ଯାହାକୁ ଗାନ୍ଧିଜୀ ଅସ୍ୱୀକାର କରି ନ ଥିଲେ। ଏ ପ୍ରସଙ୍ଗ ଭିନ୍ନ ଏକ ଆଲୋଚନାର ଅପେକ୍ଷା ରଖେ।

ଲୌହପରଦା ପଛରେ ଭାରତୀୟ ଗଣତନ୍ତ୍ରର ଆଉ ଏକ ବିଡ଼ମ୍ବନା ହେଉଛି 'ସରପଞ୍ଚସ୍ୱାମୀ-ସଂସ୍କୃତି'ର ଆଧିପତ୍ୟ। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଧାନପାଳିକାରେ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ହେଲେ ମଧ୍ୟ କ'ଣ ପ୍ରକୃତରେ ନୀତି ନିର୍ଦ୍ଧାରଣରେ ସେମାନଙ୍କ ପ୍ରତିନିଧିତ୍ୱ ଓ ଗୁରୁତ୍ୱ ବଢ଼ିପାରିବ? ଆଉ ଏକ ସମ୍ବେଦନଶୀଳ ପ୍ରଶ୍ନ ମଧ୍ୟ ଉଠୁଛି ଯେ ଦଳୀୟ ସଂଗଠନରେ ଯଦିବା 'ପୋଶ୍ ଆଇନ' ଲାଗୁ ହୁଏ, ରାଜନୀତିର ପ୍ରତିପତ୍ତି ଓ ପ୍ରଭାବକୁ ପ୍ରତିହତ କରିପାରିବାର ଶକ୍ତି ତାହାର ଅଛି କି? ନିରାଶା ବିଜଡ଼ିତ ଏହି ପ୍ରଶ୍ନ ସହିତ କ୍ଷୀଣ ସମ୍ଭାବନା ଓ ଆଶ୍ୱାସନା ବହନ କରୁଥିବା ଉତ୍ତରଟିଏ ମଧ୍ୟ ମିଳୁଛି - 'ପୋଶ୍' ଓ 'ମହିଳା ସଂରକ୍ଷଣ' ଆଇନ କ୍ଷମତା ଗଣତନ୍ତ୍ର ଓ ଦଳୀୟ ରାଜନୀତିର ଲୌହପରଦାକୁ ଭେଦ କରି ନ ପାରିଲେ ମଧ୍ୟ ରନ୍ଧ୍ରଟିଏ ତ ସୃଷ୍ଟି କରିପାରିବ! ଏହି ରନ୍ଧ୍ର ଦେଇ ପରଦା ପଛର ବାସ୍ତବତାକୁ ଗୋଟିଏ ଆଖିରେ ହେଉ ପଛେ କେହି ନା କେହି ଦେଖିବାକୁ ଚେଷ୍ଟା ତ କରିପାରିବ! କ୍ଷୀଣ ଓ ନିଃସଙ୍ଗ ହେଉ ପଛକେ ଉତ୍ପୀଡ଼ନ-ପ୍ରତିବାଦର କ୍ରମ-ଶବ୍ଦାଘାତରେ ଏବଂ ତା'କୁ ଶ୍ରବଣ ଓ ନିରୀକ୍ଷଣ ଉଦ୍ୟମରେ ହୁଏତ ସେହି ରନ୍ଧ୍ରଟି ସମ୍ପ୍ରସାରିତ ହୋଇ ଲୌହପରଦାଟିକୁ ଦିନେ ସମ୍ପୂର୍ଣ୍ଣ ଅପସାରିତ କରିଦେବ! ହୁଏତ ସଂଯମ, ସମ୍ଭ୍ରମ ଓ ସଚେତନତାର ଆଲୋକରେ ପରଦା ପଛର ସେହି ଅଭିଶପ୍ତ ଇଲାକାରେ ରାଜୁତି କରୁଥିବା କଳଙ୍କର ଅନ୍ଧାର ହଟିଯାଇ ବିଶ୍ୱାୟନରେ ଭାରତୀୟ ଗଣତନ୍ତ୍ରର ଭାବମୂର୍ତ୍ତିକୁ ଆହୁରି ଉଜ୍ଜ୍ୱଳ କରିବ। ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଆଇନଜୀବୀଙ୍କ ଏକତା ଓ ନ୍ୟାୟିକ ଅଙ୍ଗୀକାରବଦ୍ଧତା

ବିଭୁପ୍ରସାଦ ତ୍ରିପାଠୀ

୧୯୪୮ ମସିହାରେ କଟକରେ ଆରମ୍ଭ ହୋଇଥିଲା ନିଖିଳ ଓଡ଼ିଶା ଆଇନଜୀବୀ ସଂଘ। ୧୯୬୦ ମସିହା ପର୍ଯ୍ୟନ୍ତ ଏହି ସଂଘ ନିଜର ବାର୍ଷିକ ସମ୍ମିଳନୀ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୋଜନ କରି ଆସୁଥିଲା। ୧୯୬୧ ମସିହାରେ ଆଡଭୋକେଟ୍ ଆକ୍ଟ ପ୍ରଣୟନ ହେଲା। ଆଇନଜୀବୀମାନଙ୍କ କ୍ଷମତା, ଅଧିକାର ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ ବିଷୟ ସେହି ଆଇନରେ ଉଲ୍ଲେଖ କରାଯାଇଥିଲା। ୧୯୬୦ ମସିହାରେ ଢେଙ୍କାନାଳ ସମ୍ମିଳନୀ ପରେ ଆଇନଜୀବୀମାନଙ୍କ ମଧ୍ୟରେ ସେହି ଆଇନକୁ ନେଇ ବିଶେଷ ତର୍ଜମା ହୋଇ ପାରିଲାନାହିଁ। ଏହି ଆଇନ ଭାରତୀୟ ବାର୍ କାଉନସିଲ୍ ଆଇନ୍-୧୯୨୬କୁ ରଦ୍ଦ କରି ଆଇନ ପେସା ପାଇଁ ଗୋଟିଏ ସମନ୍ୱିତ ଆଇନ ଭାବରେ କାର୍ଯ୍ୟ କଲା। କୋଡ଼ିଏ ବର୍ଷ ପରେ ୧୯୮୦ ମସିହାରେ ପୁଣି କୌଣସି ରାଜନୈତିକ ଦଳ ସହ ସମ୍ପୃକ୍ତି ନଥିବା ଆଇନଜୀବୀ ବସନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଘର ପଞ୍ଜୀକରଣ ସମ୍ଭବ ହୋଇଥିଲା। ୧୯୮୧ ମସିହାରେ ପୁରୀରେ ବାର୍ଷିକ ସମ୍ମିଳନୀ, ୧୯୮୨ ମସିହାରେ ତୃତୀୟ ଆଇନଜୀବୀ ସମ୍ମିଳନୀ ସମ୍ବଲପୁର ସହରରେ ଅନୁଷ୍ଠିତ ହୋଇଥିଲା। ୨୦୦୪ ମସିହାରେ ସମ୍ବଲପୁରରେ ପୁଣି ଥରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୩୩ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୧ ବର୍ଷ ପରେ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ ଏହି ସଂଗଠନର ୫୪ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି।

୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କାରଣରୁ ଡିସେମ୍ବର ୨୯ ଓ ୩୦ ତାରିଖରେ ଦୁଇଟି ସମାନ୍ତରାଳ ଆଇନଜୀବୀ ସଂଘର ଅଧିବେଶନ ଅନୁଷ୍ଠିତ ହୋଇ ଆସୁଥିଲା। ରାଜ୍ୟ ବାର୍ କାଉନସିଲର ତତ୍କାଳୀନ ନେତୃବୃନ୍ଦଙ୍କ ବିବାଦର ପ୍ରତିଫଳନ ସ୍ୱରୂପ ଏହି ସଂଘ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ଆଇନଜୀବୀମାନଙ୍କର ନ୍ୟାୟୋଚିତ ଦାବି ସଂପର୍କରେ ପ୍ରଶ୍ନ ଉଠାଇ ଆସିଥିବା ରାଜ୍ୟର ଏହି ସର୍ବବୃହତ୍ ସର୍ବପୁରାତନ ସଂଘର ଉଦ୍ୟମରେ ଆଇନଜୀବୀ କଲ୍ୟାଣ ପାଣ୍ଠି ଗଠନ ହୋଇପାରିଥିଲା। ରାଜ୍ୟ ସରକାରଙ୍କ ମ୍ୟାଚିଂ ଅନୁଦାନର ରାଶି ୧ କୋଟି ଟଙ୍କାରୁ ୧୦ କୋଟି ଟଙ୍କାକୁ ବୃଦ୍ଧି ପାଇଲା। ୨୫ ଅଗଷ୍ଟ ୧୯୮୪ ମସିହାରେ ପୁଲିସ ଦ୍ୱାରା ଅତ୍ୟାଚାରିତ ଗୁଣୁପୁରର ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପାଢ଼ୀ ସମର୍ଥନରେ ତା' ପରଦିନ ଗୁଣୁପୁର ବଜାରରେ ଓକିଲମାନଙ୍କ ଶୋଭାଯାତ୍ରା; ୧୯୮୭ ମସିହାରେ ବରଗଡ଼ର ତତ୍କାଳୀନ ସବଡିଭିଜିନାଲ୍ ଅଫିସର ଏବଂ ଓକିଲଙ୍କ ମଧ୍ୟରେ ବିବାଦ ଯୋଗୁଁ ୯ ଜଣ ଆଇନଜୀବୀ ଗିରଫ ହେବା ଘଟଣା ପ୍ରତିବାଦରେ ୮ ଡିସେମ୍ବର ୧୯୮୭ ମସିହାରେ 'ବରଗଡ଼ ଚାଲ' ଡାକରା; କେନ୍ଦ୍ରାପଡ଼ାର ଆଇନଜୀବୀଙ୍କ ଉପରେ ଆକ୍ରମଣ ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆଇନଜୀବୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆଦି ଓକିଲ ସଂଘର ଅସ୍ତିତ୍ୱ ଓ ଅସ୍ମିତାକୁ ପ୍ରମାଣ କରିଛି। ମନାନ୍ତର ଓ ମତାନ୍ତର ସତ୍ତ୍ୱେ ଆଇନଜୀବୀମାନେ ରାଜନୈତିକ ମତାଦର୍ଶଠାରୁ ଦୂରରେ ରହି ନିଜର ସ୍ୱତନ୍ତ୍ରତାକୁ ପଛରେ ରଖି ସଂଘର ନିଷ୍ପତ୍ତିକୁ ମାନି ନେଇଛନ୍ତି।

କିଛିବର୍ଷ ତଳେ ସମ୍ବଲପୁର ବାରର ୨୯ ଜଣ ଆଇନଜୀବୀ ଦୀର୍ଘଦିନ ଜେଲରେ ରହିବା ଘଟଣାରେ ଆଇନଜୀବୀମାନଙ୍କର ଅହେତୁକ ନିରବତା କିମ୍ବା ପୁରୀ ବାର୍ ଆସୋସିଏସନର ଆଇନଜୀବୀମାନଙ୍କର ୨୦୦ ଦିନରୁ ଊର୍ଦ୍ଧ୍ୱ ଧାରଣାର କୌଣସି ପ୍ରଭାବ ପରିଲକ୍ଷିତ ହେଉନାହିଁ। ଆମ ଭିତରେ ଥିବା ଅନ୍ତର୍ନିହିତ ଦୁର୍ବଳତା ଓ ବିଭକ୍ତିକରଣ ସଂପର୍କରେ ଆଲୋଚନା ପାଇଁ ଆଇନଜୀବୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ବାର୍ ଆସୋସିଏସନ୍ ଓ ବାର କାଉନସିଲର ନିର୍ବାଚନ ପ୍ରକ୍ରିୟାଟିକୁ ବ୍ୟୟବହୁଳ କରିବା ଫଳରେ ଆଇନ ପେସାରେ ଉତ୍କର୍ଷ ଲାଭ କରୁଥିବା ଆଇନଜୀବୀ ଏହାର ନେତୃତ୍ୱ ନେବାକୁ ଆଗଭର ହେଉନାହାନ୍ତି। ଫଳତଃ ଏହି ସଂଗଠନଗୁଡ଼ିକର ନେତୃତ୍ୱରେ ଦୁର୍ବଳତା ଆଇନଜୀବୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି।

ବିଗତ ବର୍ଷଗୁଡ଼ିକରେ ଆଇନ ତତ୍ତ୍ୱରେ ଯେଉଁ ମୌଳିକ ପରିବର୍ତ୍ତନ ହୋଇଛି, ସେଗୁଡ଼ିକ ସମ୍ପର୍କରେ ଆଇନଜୀବୀମାନେ ସମୀକ୍ଷା କରିବାର ଆବଶ୍ୟକତା ପଡୁଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପ୍ରତ୍ୟେକ ମାସରେ ବିଚାରପତିମାନଙ୍କୁ ନେଇ ଯେଭଳି ବୌଦ୍ଧିକ ବିତର୍କର ବାତାବରଣ ସୃଷ୍ଟି କରିଛି ସେଭଳି ଆଲୋଚନାଚକ୍ର ରାଜ୍ୟର ସବୁ ବାର୍‌ଗୁଡ଼ିକରେ ହେବାର ଆବଶ୍ୟକତା ରହିଛି। କୋର୍ଟଗୁଡ଼ିକରେ ଭିତ୍ତିପ୍ରସ୍ତର ଓ ଆଇନଜୀବୀ ଏବଂ ବିଚାରପତିଙ୍କ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଇନଜୀବୀ ସଂଘର ଗୁରୁଦାୟିତ୍ୱ ସଂପର୍କରେ ଆମେ ତତ୍ପର ହେବା ଉଚିତ।

ଆଇନଜୀବୀମାନେ ନିଜ ସମସ୍ୟା ସମ୍ପର୍କରେ ସଜାଗ ହେବା ସହିତ ନ୍ୟାୟପାଳିକାର ରାୟର ଗଠନମୂଳକ ତର୍ଜମା କରିବାର ତାତ୍ପର୍ଯ୍ୟ ରହିଛି। ଆଇନଜୀବୀଙ୍କ ମଧ୍ୟରୁ ହିଁ ଅନେକ ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତି ଆସନ ଅଳଙ୍କୃତ କରିଥା'ନ୍ତି। ଜଣେ ଆଇନଜୀବୀର ଦିନଚର୍ଯ୍ୟା ଓ ଜୀବନବ୍ୟାପୀ ସାଧନା ସମ୍ପର୍କରେ ସମସ୍ତେ ଅଭିହିତ। କିନ୍ତୁ ଆମ ଏକତା ସମ୍ପର୍କରେ ଆତ୍ମ-ବିଶ୍ଳେଷଣ କରିବା, ନିଜର ଚିନ୍ତାଧାରା ଓ ଆଚରଣକୁ ସ୍ୱାଧୀନଚେତା ଆଇନଜୀବୀ ଭାବେ ମାର୍ଜିତ କରିବା ପାଇଁ ୫୪ ତମ ବାର୍ଷିକ ସମ୍ମିଳନୀ ଆହ୍ୱାନ ଦେଉଛି। ●

(ବରିଷ୍ଠ ଆଇନଜୀବୀ, କାର୍ଯ୍ୟକାରୀ ସଭାପତି, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ)
କଟକ, ମୋ: ୯୪୩୭୦୧୨୪୬୦

# ଆମ ବୃକ୍ଷଲତା ଆମ ଜୀବନ

## ପ୍ରକୃତି-ପରିବେଶ

## କନିଅର
(Yellow Oleander-Cascabela thevetia)

ସୌଭାଗ୍ୟସୁନ୍ଦର

କନିଅର ହେଉଛି ୪ ରୁ ୫ ମିଟର ଉଚ୍ଚତା ବିଶିଷ୍ଟ ଏକ ଚିରହରିତ ଛୋଟ ବୃକ୍ଷ, ଯାହା ପଶ୍ଚିମ ଭାରତର ମୂଳ ଜାତ ଏବଂ ସମଗ୍ର ଭାରତରେ ବହୁଳ ଭାବରେ ରୋପଣ କରାଯାଏ। ଏହା ମଧ୍ୟ-ଦକ୍ଷିଣ ମେକ୍ସିକୋ ଓ ମଧ୍ୟ-ଆମେରିକାରେ ଏକ ଜଣାଶୁଣା ଗଛ। ଏହାର ଆକର୍ଷଣୀୟ ଫୁଲ, ପତ୍ର ସଜ୍ଜା ଏବଂ ଧାର୍ମିକ ପୂଜାପାଠରେ ଗୁରୁତ୍ୱ ପାଇଁ କନିଅର ସାଧାରଣତଃ ମଠ, ମନ୍ଦିର, ଉଦ୍ୟାନ, ବାଡ଼ ଓ ରାସ୍ତାକଡ଼ରେ ଲଗାଯାଏ।

କନିଅର ଗଛର କାଣ୍ଡ ସିଧା, କଠିନ, ଶାଖାଯୁକ୍ତ, ଛାଲି ରୁକ୍ଷ, ସମଗ୍ର ପୃଷ୍ଠରେ ଅଗଭୀର ଫାଟ ଦେଖାଯାଏ, କଟା ଯାଗାରେ କ୍ଷୀର ଭଳି ଏକ ତରଳ ଲାଟେକ୍ସ ବାହାରେ। ଏହାର ଚେର ହେଉଛି ଟ୍ୟାପ୍ ରୁଟ୍ ବା ଆଦି ମୂଳ ଓ ଶାଖାଯୁକ୍ତ। ପତ୍ରଗୁଡ଼ିକ ସରଳ, ଲମ୍ବାଳିଆ, ୫-୮ ସେମି ଲମ୍ବା, ୦.୫ ସେମି ଚଉଡ଼ା, ତୀବ୍ର ଶୀର୍ଷ, ପ୍ରମୁଖ ମଧ୍ୟଶିରା, ପ୍ରତ୍ୟେକ ଗଣ୍ଠିରେ ବିକଳ୍ପ ଭାବରେ ଗୋଟିଏ ଲେଖା ଉତ୍ପନ୍ନ ହୁଏ, ଗୋଲାପ ପାଖୁଡ଼ା ଭଳି ଘନ ଭାବରେ ବ୍ୟବସ୍ଥିତ ଥାଏ ଓ ଲାଟେକ୍ସ ଯୁକ୍ତ। ଏହାର ଆକର୍ଷଣୀୟ ଫୁଲଗୁଡ଼ିକ ସାଧାରଣତଃ ଗୁଚ୍ଛରେ ସଜେଇ ହୋଇଥାଏ। ଫୁଲଗୁଡ଼ିକ ପ୍ରାୟ ୩-୫ ସେମି ବ୍ୟାସ ବିଶିଷ୍ଟ, ହାଲୁକା ହଳଦିଆରୁ ଗଭୀର ସୁନେଲି ହଳଦିଆ ଏବଂ ଧଳା ରଙ୍ଗର ହୋଇପାରେ। ବର୍ତ୍ତମାନ ଫୁଲଗୁଡ଼ିକ ବିଭିନ୍ନ ରଙ୍ଗରେ ଉପଲବ୍ଧ। ଫୁଲଟି ଦ୍ୱିଲିଙ୍ଗୀ, ଘଣ୍ଟି ଆକାରର, ଡେମ୍ଫ ଯୁକ୍ତ, ମଧ୍ୟମ ଧରଣର। ୫ଟି ବୃତି ସହ ବୃତିମଣ୍ଡଳ, ସବୁଜ; ଦଳମଣ୍ଡଳର ପାଖୁଡ଼ା ୫ଟି, ନିମ୍ନ ଭାଗରେ ସଂଯୁକ୍ତ, ହଳଦିଆ, ଘଣ୍ଟି ଆକାରର, ସୁଗନ୍ଧିତ; ୫ଟି ପରାଗପେଟି ସହ ଫୁକେଶର ଚକ୍ର, ଦଳମଣ୍ଡଳର ଗଳାରେ ସଂଲଗ୍ନ ଥାଏ। ଫିଲାମେଣ୍ଟ ବା ଧାରିକା କ୍ଷୁଦ୍ର ଓ ହ୍ରାସ, ଉପର ଭାଗରେ ସଂଲଗ୍ନ; କାର୍ପେଲ୍ ବା ଗର୍ଭକେଶର ୨ଟି ସଂଯୁକ୍ତ ଡିମ୍ବାଶୟ ଧାରଣ କରେ। ଫଳଟି ଏକ ଚତୁର୍ଭୁଜ କ୍ୟାପସୁଲ୍ କିମ୍ବା ଡ୍ରୁପ୍, ସବୁଜ, ଗୋଟିଏରୁ ଚାରୋଟି ଚେପଟା ଚକଚକିଆ ବିହନ ଧାରଣ କରି ଥାଏ। ମାର୍ଚ୍ଚରୁ ମେ ମାସରେ ଏହାର ଫୁଲ ଫୁଟେ ଏବଂ ମେ ରୁ ସେପ୍ଟେମ୍ବର ମାସରେ ଫଳ ହୁଏ।

ପାରମ୍ପରିକ ଚିକିତ୍ସାରେ କନିଅରର ବିଭିନ୍ନଅଂଶ ବ୍ୟବହାର ହୁଏ। ଉଦ୍ଭିଦର ବିଷାକ୍ତ ଗୁଣ ଯୋଗୁଁ ସତର୍କତା ଅବଲମ୍ବନ କରାଯାଏ। ପତ୍ରଗୁଡ଼ିକ କୋଷ୍ଠକାଠିନ୍ୟତା ଓ ବାନ୍ତି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ବେଳେ ଏହାର ଛାଲି ଜ୍ୱର, ଝାଡ଼ା, ବାନ୍ତି ଉପଶମ ପାଇଁ ବ୍ୟବହାର କରାଯାଏ। ଚେର ବା ମୂଳକୁ ବାଟି ଟ୍ୟୁମର ଘା'ରେ ଲଗାଯାଏ। ଏହାର ମଞ୍ଜି ବା ବିହନ ଗର୍ଭପାତ, ପେଟ ସଫା, ବାତ ଓ ଜ୍ୱର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ। ଏହା ହୃଦସ୍ପନ୍ଦନ ବିଭ୍ରାଟ ଓ ମ୍ୟାଲେରିଆର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ। ଏହାର ତରଳ ଲେଟେକ୍ସ ସମେତ ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ ଏବଂ ଏଥିରେ କାର୍ଡିଆକ୍ ଗ୍ଲାଇକୋସାଇଡ୍ ଥାଏ, ଯାହା ଏହାର ସକ୍ରିୟ ତତ୍ତ୍ୱ; ଏଥିମଧ୍ୟରୁ ପେରୁଭୋସାଇଡ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଉଭିଦର ବିହନ, ଫୁଲ ଏବଂ ରସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍ ଥାଏ, ଯାହା ଖାଇବା ଦ୍ୱାରା ବିଷାକ୍ତ ହୋଇ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେଣୁ କନିଅର ଗଛକୁ ସତର୍କତାର ସହିତ ବ୍ୟବହାର କରିବା ଉଚିତ;ବିଶେଷକରି ଛୋଟ ପିଲା ଓ ପାଳିତ ପଶୁମାନଙ୍କ କ୍ଷେତ୍ରରେ। ଏହାର ମୁଖ୍ୟ ବିଷାକ୍ତ ପଦାର୍ଥ ହେଉଛି କାର୍ଡେନୋଲାଇଡ୍, ଯାହାକୁ ଥେଭେଟିନ୍-ଏ ଏବଂ ଥେଭେଟିନ୍-ବି କୁହାଯାଏ; ଅନ୍ୟ ପଦାର୍ଥଗୁଡ଼ିକ ମଧ୍ୟରେ ପେରୁଭୋସାଇଡ୍, ନେରିଫୋଲିନ୍, ଥେଭେଟୋକ୍ସିନ୍ ଓ ରୁଭୋସାଇଡ୍ ଅନ୍ତର୍ଭୁକ୍ତ। କନିଅର ବିହନର ସହଜ ଉପଲବ୍ଧର ସୁଯୋଗ ନେଇ ଏହାକୁ ଗିଳି ଗ୍ରାମାଞ୍ଚଳରେ ଅନେକ ବ୍ୟକ୍ତି ଆତ୍ମହତ୍ୟା କରୁଥିବା କୁହାଯାଏ। ତେବେ କୋଇଲି, ବୁଲବୁଲ, ମଇନା ଓ ସାଧାରଣ ଗ୍ରେ ହର୍ଣ୍ଣବିଲ୍ ଆଦି କିଛି ପକ୍ଷୀ, କୀଟ ପତଙ୍ଗ କୌଣସି ଖରାପ ପ୍ରଭାବ ବିନା ଏହାକୁ ଖାଉଥିବା ଜଣାଯାଏ। ଜୈବିକ କୀଟ ନିୟନ୍ତ୍ରଣରେ ବ୍ୟବହାର ପାଇଁ ଏହି ଉଦ୍ଭିଦର ଲାଟେକ୍ସକୁ ପ୍ରୟୋଗ କରାଯାଏ। କନିଅର ବିହନ ତେଲର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଟାଇମାଇଟ୍ ଗୁଣ ରହିଥିବା ହେତୁ 'ପେଇଣ୍ଟ' ବା 'ଭାର୍ନିସ' ତିଆରି କରିବା ପାଇଁ ବ୍ୟବହାର କରାଯାଏ। କନିଅରକୁ ଏକ ଅଳଙ୍କାରିକ ଉଦ୍ଭିଦ ଭାବରେ ଚାଷ କରାଯାଏ। ଏହାର ଫୁଲ ଭାରତରେ ଧାର୍ମିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ବିନାୟକ ଚତୁର୍ଥୀ ପାଇଁ ପତ୍ରି ଭାବରେ ବ୍ୟବହୃତ ହୁଏ ଏହି ଗଛ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବନ୍ଦ ଘରୁ ଗଳିତ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୮।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ତେନ୍ତଲା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ଗତକାଲି ରାତିରେ ଏକ ବନ୍ଦ ଘରେ ମୃତଦେହ ପଡ଼ିଥିବା ଦେଖାଯାଇଥିଲା ବେଳେ ପୁଲିସ ରବିବାର ସକାଳେ ଉକ୍ତ ଘର ଭିତରୁ ସମ୍ପୃକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ୪ ଦିନ ହେଲା ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକ ହେଲେ ପୀତାମ୍ବର କାରୁଆ । ସେ ଘରେ ଏକାକୀ ରହୁଥିଲେ । ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ଜାଣି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ଏସଆଇ ସୁରେଶ ସାହୁ କିଶୋରଚନ୍ଦ୍ର ପାତ୍ର ପହଞ୍ଚି ମୃତଦେହକୁ ଉଦ୍ଧାର କରି କେନ୍ଦୁଝର ମେଡ଼ିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ଅସହ୍ୟ ଥଣ୍ଡା ଯୋଗୁଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ କହିଛି । ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ଚୋରକୁ ଧରି ପୁଲିସ ଜିମାଦେଲେ

ଭଦ୍ରକ,୨୮।୧୨(ସମିସ): ଚୋରି କରୁଥିବାବେଳେ ଜଣେ ନିଶାଡି ଯୁବକକୁ ଧରି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଛନ୍ତି ସ୍ଥାନୀୟ ଲୋକେ । ପରେ ପୁଲିସକୁ ହସ୍ତାନ୍ତର କରିଛନ୍ତି । ଏଭଳି ଘଟଣା ଭଦ୍ରକ ପୁରୁଣା ବଜାର ଥାନା ସନ୍ଥିଆ ଗାଁରେ ଘଟିଛି । ଗ୍ରାମବାସୀଙ୍କ ଦ୍ୱାରା କାବୁ ହୋଇଥିବା ଯୁବକ ବିଭିନ୍ନ ସମୟରେ ଚୋରି କରି କୌଶଳକ୍ରମେ ଫେରାର ହୋଇଯାଉଥିଲା । ଆଜି ଭୋର ସମୟରେ ଗାଁର କେତେକ ଲୋକଙ୍କ ଘରେ ଚୋରି କରି ନିଶାସକ୍ତ ଅବସ୍ଥାରେ ପଳାଇ ଯାଉଥିବାବେଳେ ଗ୍ରାମବାସୀ ତାକୁ କାବୁ କରି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଉତ୍ତମମଧ୍ୟମ ଦେଇଥିଲେ ।

## କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ

# ସମ୍ବିଧାନ ବର୍ତ୍ତମାନ ବିପଦରେ



ଭୁବନେଶ୍ୱର,୨୮।୧୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୧୪୦ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳୀୟ ପତାକା ଉତ୍ତୋଳନ କରି କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ । ବହୁ ପୂର୍ବତନ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନାମକୁ ଟେକ ରଖିଥିବା ବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି । ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଛି । କିନ୍ତୁ କଂଗ୍ରେସ ଏହାକୁ କଦାପି ବରଦାସ୍ତ କରିବ ନାହିଁ ଏବଂ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ଦାସ କହିଛନ୍ତି । ଏହି ଅବସରରେ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ ଦଳକୁ ସଶକ୍ତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଏମ୍.ଡି. ସାହାଦୁଲ୍ଲା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ନେତା ରାମଚନ୍ଦ୍ର କାଡାମ୍, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ସାମିଲ ହୋଇଥିଲେ ।

## ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ୬୮ତମ ପ୍ରତିଷ୍ଠା ଦିବସ

# ପୋଥି ବିଭାଗ ସମ୍ବନ୍ଧରେ ବିଶେଷ ଆଲୋକପାତ

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ୬୮ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୩୨ ମସିହାରେ ପ୍ରଥମେ ରେଭେନ୍‌ସା ମହାବିଦ୍ୟାଳୟରେ ଆରମ୍ଭ ହୋଇଥିବା ଏହି ସଂଗ୍ରହାଳୟ ପରବର୍ତ୍ତୀ ସମୟରେ ଭୁବନେଶ୍ୱରକୁ ଆସିଥିଲା । ଡିସେମ୍ବର ୨୯ ତାରିଖ ୧୯୫୭ ମସିହାରେ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ କରକମଳରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ସେହି ସମୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଉପସ୍ଥିତି ରହିଥିଲା । ରେଭେନ୍‌ସା ମହାବିଦ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ସଂଗ୍ରହାଳୟଟି ବର୍ତ୍ତମାନ ବିଶାଳ ଅଟ୍ଟାଳିକାରେ ପରିଣତ ହୋଇଛି ।



ଭାରତବର୍ଷ, ଏପରିକି ବିଶ୍ୱରେ ଥିବା ବିଭିନ୍ନ ସଂଗ୍ରହାଳୟ ମଧ୍ୟରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ତା'ର ପ୍ରାଚୀନ କୀର୍ତ୍ତିରାଜି ପାଇଁ ଏକ ବିଶେଷ ସ୍ଥାନ ଅଧିକାର କରିଛି । ଏଥିରେ ଥିବା ତାଳପତ୍ର ପୋଥି ବିଭାଗଟି ସଂଗ୍ରହାଳୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏହା ଦେଶ ବିଦେଶରୁ ବିଭିନ୍ନ ଗବେଷକମାନଙ୍କୁ ସଂଗ୍ରହାଳୟକୁ ଆକୃଷ୍ଟ କରି ଆଣିଥାଏ । ବିଭାଗରେ ଅନେକ ପ୍ରାଚୀନ ତାଳପତ୍ର ପୋଥି, ଚିତ୍ରପୋଥି ଗଚ୍ଛିତ ହୋଇ ରହିଛି । ଏହା ୨୭ ବିଭାଗରେ ବିଭକ୍ତ ଯଥା ଚିତ୍ରପୋଥି, ଓଡ଼ିଆ ସାହିତ୍ୟ, ଧର୍ମ, ଦର୍ଶନ, ଆର୍ୟୁବେଦ, ଗଣିତ, ବେଦ, ପୁରାଣ, ସଂସ୍କୃତ ସାହିତ୍ୟ, ସଂସ୍କୃତ ବ୍ୟାକରଣ, ଜ୍ୟୋତିଷ, ତନ୍ତ୍ର, ବଙ୍ଗଳା, ଉର୍ଦ୍ଦୁ, ପାର୍ସୀ, ସଙ୍ଗୀତ ଇତ୍ୟାଦି । ଏହି ବିଭାଗରେ ୨୦ହଜାରରୁ ଉର୍ଦ୍ଧ୍ୱ ତାଳପତ୍ର ପୋଥି ସଂରକ୍ଷିତ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ହାତୀଦାନ୍ତର ପଟାରେ ଗୋଟିଏ ପାର୍ଶ୍ୱରେ ଗୀତଗୋବିନ୍ଦ ଷୋଳ ଧାଡ଼ିରେ ଲେଖାଯାଇଛି । ହାତୀଦାନ୍ତରେ ନିର୍ମିତ ଗୀତଗୋବିନ୍ଦ ପୋଥି ଭାରତ ସରକାରଙ୍କ ୟୁନେସ୍କୋ ଦ୍ୱାରା 'ଜାତୀୟ ସମ୍ପତ୍ତି' ଭାବେ ଘୋଷିତ ହୋଇଛି । ଷୋଡ଼ଶ/ସପ୍ତଦଶ ଶତାବ୍ଦୀର ଚିତ୍ରପୋଥି କବି ଶିଶୁ ଶଙ୍କର ଦାସଙ୍କ ଉଷାଭିଳାଷଠାରୁ ଆରମ୍ଭ କରି କବି ହଳଧର ଦାସଙ୍କ ରଚିତ ଅଧ୍ୟାତ୍ମ ରାମାୟଣ, ଜୟଦେବଙ୍କ ରଚିତ ଗୀତଗୋବିନ୍ଦ, ଭାଗବତ ମାଳା, ବିଭିନ୍ନ ଆକୃତିର ପୋଥି ଯଥା- ରସିକ ହାରାବଳୀ, ଏକାଦଶୀ ମାହାତ୍ମ୍ୟ ଇତ୍ୟାଦି ପୋଥି ଶୁଆ, ଖଣ୍ଡା, ପଙ୍ଖା, ମୂଷା, ଛୁରୀ, ମାଛ ଇତ୍ୟାଦି ଆକୃତିରେ ରହିଛି । ଏହି ପୋଥିଗୁଡ଼ିକ ମଧ୍ୟରୁ ସଂସ୍କୃତ ପୁରାଣ, ଓଡ଼ିଆ ପୁରାଣ, ଆର୍ୟୁବେଦ ଓ ତନ୍ତ୍ର ଆଦି ପୋଥି ବିଶେଷଜ୍ଞମାନଙ୍କ ପାଇଁ ବହୁଳ ଭାବେ ଆଦୃତ । ପୋଥି ବିଭାଗରେ ଗଚ୍ଛିତ ରହିଥିବା ତାଳପତ୍ର ପୋଥି ମଧ୍ୟରେ ରହିଛି ଅନେକ ବିରଳ ଚିତ୍ରପୋଥି । ପଶୁପକ୍ଷୀ, ନର୍ତ୍ତକ, ନର୍ତ୍ତକୀ, ଜଙ୍ଗଲର ଚିତ୍ର, ରାଧାକୃଷ୍ଣ, ରାମାୟଣ, ଗଣେଶ ଦଶାବତାର, କୃଷ୍ଣଲୀଳା, ମହାଭାରତର ଚିତ୍ର କଳାଧଳା ଏବଂ ରଙ୍ଗୀନ ଚିତ୍ରକଳାରେ ଚିତ୍ରିତ ।

ଏତଦ୍‌ବ୍ୟତୀତ ଓଡ଼ିଆ ପୁରାଣ ତାଳପତ୍ର ପୋଥିଗୁଡ଼ିକରେ ସାରଳା ଦାସକୃତ ମହାଭାରତ, ବଳରାମଦାସଙ୍କ ଜଗମୋହନରାମାୟଣ, ମହାଦେବ ଦାସଙ୍କ କାର୍ତ୍ତିକ ମାହାତ୍ମ୍ୟ, ଦୀନକୃଷ୍ଣ ଦାସଙ୍କ ମାଘ ମାହାତ୍ମ୍ୟ, ସାରଳା ଦାସଙ୍କ ଚଣ୍ଡୀ ପୁରାଣ, ପୁରୁଷୋତ୍ତମ ଦାସଙ୍କ ଗଙ୍ଗା ମହାତ୍ମ୍ୟ, ପୀତାମ୍ବର ଦାସଙ୍କ ନୃସିଂହପୁରାଣ ଆଦି ଏହିପରି ଅନେକ ପୁରାଣ ସାହିତ୍ୟ ଏଠାରେ ସଂଗୃହୀତ ।

ବିଜ୍ଞାନ ଏବଂ ଶିଳ୍ପର ଯେତେ ପ୍ରଗତି ହେଲେ ମଧ୍ୟ ଆଜିର ଆଧୁନିକ ସମାଜର ଅନେକ ବିଜ୍ଞ ଲୋକମାନେ ସଂଗ୍ରହାଳୟକୁ ଆସି ଏହି ତାଳପତ୍ର ପୋଥି ମଧ୍ୟରେ ରହିଥିବା ଲୁକ୍କାୟିତ ଜ୍ଞାନକୁ ଖୋଜି ଏଥିମଧ୍ୟରୁ ଉପାଦେୟ ତଥ୍ୟ ସଂଗ୍ରହ କରୁଛନ୍ତି । ସେହି ବିଷୟରେ ଗବେଷଣା କରି ପୁସ୍ତକ ପ୍ରକାଶିତ କରି ପାଠକମାନଙ୍କ ନିକଟରେ ଉପସ୍ଥାପନ କରି ଜ୍ଞାନର ଆଲୋକ ବାଣ୍ଟି ଦେଇଥା'ନ୍ତି । ଏହା ଓଡ଼ିଶାର ଐତିହ୍ୟ ଓ ଅସ୍ମିତାକୁ ଅଧିକ ଋଦ୍ଧିମନ୍ତ କରିଛି । ■

ଡ. ଭାରତୀ ପାଲ୍
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ

# କଳାକାର ଭତ୍ତା ବୃଦ୍ଧି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

■ ୪୦ରୁ ୮୦ ବୟସ୍କ ପାଇବେ ୩୦୦୦ ଟଙ୍କା
■ ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ମିଳିବ ୩୫୦୦ ଟଙ୍କା

ଭୁବନେଶ୍ୱର, ୨୮।୧୨ (ସମିସ): ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅଧୀନରେ ରାଜ୍ୟର ପାରମ୍ପରିକ କଳାକାରଙ୍କ ଭତ୍ତାରାଶି ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ୪୦ରୁ ୮୦ବର୍ଷ ବୟସ୍କ କଳାକାରମାନଙ୍କ ଭତ୍ତା ମାସକୁ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ୮୦ ବର୍ଷରୁ ଅଧିକ ବୟସର କଳାକାରମାନଙ୍କ ମାସିକ ଭତ୍ତା ୨୫୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହାଦ୍ୱାରା ରାଜ୍ୟର ୪୭,୭୦୪ଜଣ କଳାକାର ଓ ସେମାନଙ୍କ ପରିବାରବର୍ଗ ଉପକୃତ ହେବେ । ରବିବାର କେନ୍ଦୁଝରର ପାର୍କଲେନ୍‌ଠାରେ ଆୟୋଜିତ ୪୮ ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ଏହାଦ୍ୱାରା ରାଜ୍ୟ କଳାକାର ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି । ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରଚାରପ୍ରସାର କରୁଥିବା କଳାକାରମାନଙ୍କ ସମ୍ମାନରେ ଏହି ଭତ୍ତା ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ଲୋକନୃତ୍ୟ, ନାଟକ, କାବ୍ୟ ଆଦିରେ ସଙ୍ଗୀତର ଅଖଣ୍ଡ ପ୍ରଭାବ ପରିଲକ୍ଷିତ ହୋଇଥାଏ । 'ପାଲା' ହେଉଛି ସେହି ସଙ୍ଗୀତର ଅମୃତ ପରିପ୍ରକାଶ । ଏହା ହେଉଛି ଓଡ଼ିଶାର ଏକ ବିଶିଷ୍ଟ ସାରସ୍ୱତ କଳା ଓ ସାଧନା, ଯାହା ପିଢ଼ି ପରେ ପିଢ଼ି ଓଡ଼ିଶାର ଜନଜୀବନ ଓ ସାଂସ୍କୃତିକ ଚେତନା ସହ ନିବିଡ଼ ସମ୍ପର୍କ ରଖିଆସିଛି । 'ପାଲା' ହେଉଛି ଗୀତ, ନୃତ୍ୟ, ବାଦ୍ୟ, ପାଣ୍ଡିତ୍ୟ, ଆଶୁ କବିତ୍ୱ, ମନୋରଞ୍ଜନ ଓ ପ୍ରତିଭାର ମିଳନ ପୀଠ । ବିଧିବଦ୍ଧ ଆଲୋଚନା, ପାଣ୍ଡିତ୍ୟପୂର୍ଣ୍ଣ ତର୍କ, ସଂସ୍କୃତି ଓ ଭାଷାର ମୂଲ୍ୟାୟନରେ ହିଁ ଓଡ଼ିଶାର 'ପାଲା' ସଂସ୍କୃତି ପରିପୂର୍ଣ୍ଣ । ଓଡ଼ିଆ ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଚଳଣିର ଭିତ୍ତିଭୂମିକୁ ସୁଦୃଢ଼ କରିଛି 'ପାଲା' । ତେଣୁ, ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇ ରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଆମର ଓଡ଼ିଆ ଭାଷା ସଂସ୍କୃତି ଉପରେ ଉଚ୍ଚଶିକ୍ଷା ଲାଭ କରୁଥିବା ଯୁବପିଢ଼ିଙ୍କୁ ମୋର ଅନୁରୋଧ ଆମର ଏହି ମହାନ ଲୋକ କଳା ସଂସ୍କୃତି ଉପରେ ଅଧିକ ଗବେଷଣା କରନ୍ତୁ । ଯୁବପିଢ଼ିଙ୍କ ଭିତରେ ଯଦି ଆଗ୍ରହ ବଢ଼ିବ ତେବେ ନିଶ୍ଚିତ ରୂପେ ଆମର ଏହି ମହାନ୍ ଲୋକକଳା ଆହୁରି ଉଜ୍ଜ୍ୱଳ ହେବ । କାର୍ଯ୍ୟକ୍ରମ ଅବସରରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ସମୁଦ୍ରରେ ଫସିଥିବା ୨୩ ପର୍ଯ୍ୟଟକ ଉଦ୍ଧାର

ଚନ୍ଦନେଶ୍ୱର, ୨୮।୧୨(ସମିସ): ମଝି ସମୁଦ୍ରରୁ ଉଦ୍ଧାର ହେଲେ ୨୩ ବଙ୍ଗୀୟ ପର୍ଯ୍ୟଟକ । ସୂଚନାନୁଯାୟୀ, ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ପାଥରପ୍ରତିମାଠାରୁ ଏକ ବୋଟ୍ ଯୋଗେ ୨୩ଜଣ ପର୍ଯ୍ୟଟକ ଦୀଘା ଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିଲା ବେଳେ ହଠାତ୍ ସମୁଦ୍ର ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗାର ଇଞ୍ଜିନ ଖରାପ ହୋଇଯାଇଥିଲା । ଶନିବାର ରାତିରେ ଦୀଘା- ମୋହନାଠାରୁ ପ୍ରାୟ ୩୦୦ମିଟର ଦୂରରେ ଥିବା ସମୟରେ ବୋଟ୍‌ର ଇଞ୍ଜିନ ଖରାପ ହୋଇ ଅଚଳ ହୋଇପଡ଼ିଥିଲା । ଜୁଆର ମାଡ଼ରେ ବୋଟ୍‌ଟି ଏଣେତେଣେ ଭାସିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଏ ସଂପର୍କରେ ସେମାନେ ପୂର୍ବ-ମେଦିନୀପୁର ଜିଲ୍ଲା ପୁଲିସର ହେଲ୍ପଲାଇନ୍ ନମ୍ବରକୁ ଫୋନ୍ କରି ସାହାଯ୍ୟ ପାଇଁ ନିବେଦନ କରିଥିଲେ । ଖବର ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଦୀଘା ମୋହନା କୋଷ୍ଟାଲ ପୁଲିସ ତୁରନ୍ତ ଉଦ୍ଧାର ଅଭିଯାନ କାର୍ଯ୍ୟ ଆରମ୍ଭ କରିଥିଲା । ପୁଲିସର ସମୟୋଚିତ ପଦକ୍ଷେପ ଯୋଗୁଁ ସମସ୍ତ ୨୩ଜଣ ପର୍ଯ୍ୟଟକ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ ଏବଂ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା ।

## ଷ୍ଟେସନ୍‌ରେ ପଶି ଯାତ୍ରୀଙ୍କୁ ମାଡ଼

### ଅଭିଯୁକ୍ତ ଗିରଫ

ବାଲେଶ୍ୱର,୨୮।୧୨(ସମିସ): ବାଲେଶ୍ୱର ରେଲୱେ ଷ୍ଟେସନରେ ଯାତ୍ରୀଙ୍କୁ ଆଧାର କାର୍ଡ ମାଗିବା ଓ ମାଡ଼ ମାରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ପରେ ଆରପିଏଫ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଜଣେ ଅଭିଯୁକ୍ତକୁ ଧରି ଜିଆରପିକୁ ହସ୍ତାନ୍ତର କରାଯାଇଛି । ଗିରଫ ଯୁବକଜଣଙ୍କ ହେଲେ, ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଗଣ୍ଡରଦା ଅଞ୍ଚଳର ସାଗର ଜେନା । ବାଲେଶ୍ୱର ଷ୍ଟେସନରେ ପଶି ଶୀତରାତ୍ରିରେ ଆଶ୍ରୟ ନେଇଥିବା କିଛି ଯାତ୍ରୀଙ୍କୁ ସମ୍ପୃକ୍ତ ଯୁବକ ମାଡ଼ ମାରିଥିଲେ । ଯାତ୍ରୀମାନଙ୍କୁ ଆଧାରକାର୍ଡ ଦେଖାଅ ବୋଲି କହିଥିଲେ । ଏହି ଘଟଣାକୁ ଆର୍‌ପିଏଫ୍ ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଜିଆର୍‌ପିକୁ ହସ୍ତାନ୍ତର କରିଛି । ପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି ।

## ନନ୍ଦନକାନନରେ ୪୧ ହଜାର ପର୍ଯ୍ୟଟକ

ଭୁବନେଶ୍ୱର/ନନ୍ଦନକାନନ, ୨୮।୧୨ (ସମିସ): ବର୍ଷର ଶେଷ ରବିବାର ଅବସରରେ ନନ୍ଦନକାନନରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆଜି ୪୧ହଜାର ୭୪୦ ଜଣ ଏବଂ ଉଦ୍ଭିଦ ଉଦ୍ୟାନରେ ୨୪୩୬ଜଣ ପର୍ଯ୍ୟଟକ ବୁଲିଥିଲେ । ଅନ୍ୟପକ୍ଷରେ ପ୍ରାଣୀଉଦ୍ୟାନ ଭିତରେ ମାଙ୍କଡ଼ କାମୁଡ଼ାରେ ୨୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆହତ ହୋଇଥିବା ଜଣାପଡ଼ିଛି । ଆଜି ସକାଳେ ସିମ୍ପାଞ୍ଜି ଖୁଆଡ଼ ପାଖ ଖୁଆଡ଼ରେ ରହୁଥିବା ଏକ ଷ୍ଟମ୍ପଟେଲ୍ ମାଙ୍କଡ଼ ବାହାରକୁ ଖସି ଆସିଥିଲା । ଏଣେତେଣେ ବୁଲିବା ସହ ପର୍ଯ୍ୟଟକଙ୍କ କାମୁଡ଼ି ଥିଲା । ଖବର ପାଇ ସେଠାରେ ନନ୍ଦନକାନନର ଏକ ଟିମ୍ ପହଞ୍ଚି ମାଙ୍କଡ଼କୁ ଟ୍ରାଙ୍କୁଲାଇଜ୍ କରି କାବୁ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷାନ୍ତ ସଂସ୍କରଣରେ...

କ୍ରୀଡ଼ା, ବୈଜ୍ଞାନିକ ନବସୃଜନ ବା ବିଶ୍ୱର ସବୁଠାରୁ ବଡ଼ ପ୍ଲାଟଫର୍ମଗୁଡିକରେ ଭାରତର ପ୍ରଭାବ ସବୁଠି ଦୃଶ୍ୟମାନ ଥିଲା ବୋଲି ଉଲ୍ଲେଖ କରିଛନ୍ତି । ଏହା ସହ ପ୍ରଧାନମନ୍ତ୍ରୀ ବନ୍ଦେ ମାତରମ, ମହାକାଶ, ମହାକୁମ୍ଭ, ରାମ ମନ୍ଦିର ଉପରେ ବକ୍ତବ୍ୟ ରଖିବା ସହ ଐତିହ୍ୟକୁ ଭୁଲି ନ ଯିବା ଆମର ଦାୟିତ୍ୱ ହେବା ଉଚିତ୍ ବୋଲି କହିଛନ୍ତି । ଅପରପକ୍ଷେ ଭୁବନେଶ୍ୱରର ଉତ୍ତର ନିର୍ବାଚନ ମଣ୍ଡଳୀର ୱାର୍ଡ ନମ୍ବର ୨୭ଠାରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି ଯେ ମାତ୍ର ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ପାର୍ବତୀ ଗିରି ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ସ୍ୱାଧୀନତା ସଂଗ୍ରାମ ପରେ ସେ ସମାଜ ସେବା ଓ ଆଦିବାସୀ କଲ୍ୟାଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ । ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ । ମୋଦିଜୀ ଏହି ମହାନ୍ ନାୟିକାଙ୍କୁ କେବଳ ମନେ ପକାଇନାହାନ୍ତି, ତାଙ୍କ ସମ୍ମାନରେ ଜନ୍ମଶତବାର୍ଷିକୀ ପାଳନ କରିବାକୁ ଯାଉଛନ୍ତି । ପାର୍ବତୀ ଗିରିଙ୍କ ତ୍ୟାଗ, ବଳିଦାନ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଇ ପରବର୍ତ୍ତୀ ପିଢ଼ିକୁ ମାର୍ଗଦର୍ଶନ ଦେଇଛନ୍ତି । ଏହାସବୁ ଓଡ଼ିଆଙ୍କୁ ଗର୍ବିତ କରିଛି ବୋଲି ଶ୍ରୀ ସାମଲ କହିଛନ୍ତି ।

### ତୃତୀୟ ପିଢ଼ି...

ସହ ଯୁବ ଓ ଛାତ୍ର ଶାଖାର ଏକ ସଶକ୍ତ କମିଟି ଅନୁମୋଦନ କରିଛନ୍ତି । ରାଜ୍ୟର ସବୁ ଅଞ୍ଚଳ ଓ ଜିଲ୍ଲାର ଦକ୍ଷ ଓ ପ୍ରତିଭାବାନ ଯୁବକ ଯୁବତୀମାନଙ୍କୁ ଏହି କମିଟିରେ ସ୍ଥାନିତ କରାଯାଇଛି । ରାଜ୍ୟ ବିଜେପି ସରକାରଙ୍କ ଅବହେଳା ଓ ସମ୍ବେଦନହୀନ ଶାସନ ବିରୋଧରେ ପ୍ରତ୍ୟେକ ସ୍ତରରେ ବିଜୁ ଯୁବ ଜନତା ଦଳ ରାଜ୍ୟବାସୀଙ୍କ ସ୍ୱର ହୋଇ ଦୃଢ଼ ପ୍ରତିବାଦ କରିବ । ସେହିପରି ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଆଇନଶୃଙ୍ଖଳା ସ୍ଥିତି ବିପନ୍ନ ହୋଇଛି । ମହିଳା ବିରୋଧୀ ହିଂସା ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ଉଦବେଗ ଜନକ ଭାବେ ବୃଦ୍ଧି ପାଇଛି । ଛାତ୍ର ସମାଜର ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ବିଜେପି ସରକାର ଛାତ୍ରବୃତ୍ତି ବନ୍ଦ କରିବା ଭଳି ପଦକ୍ଷେପ ନେଇଛନ୍ତି । ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ଛାତ୍ର ବିଜୁ ଜନତା ଦଳର ଏହି ନୂଆ କର୍ମକର୍ତ୍ତାମାନେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନ ବିରୋଧୀ କାର୍ଯ୍ୟ ଓ ବିଫଳତା ବିରୋଧରେ ସଶକ୍ତ ଲଢେଇ ଜାରି ରଖିବ । ସମସ୍ତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ଦକ୍ଷ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ର ନେତାମାନେ ଏହି କମିଟିରେ ସ୍ଥାନ ପାଇଛନ୍ତି । ତୃଣମୂଳସ୍ତରରେ ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି କମିଟି ଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛୁ ।

### ଦେଶ ସାରା...

ବୁଡିଯାଏ, ଏହା ଥଣ୍ଡା ଉତ୍ତର ବାୟୁକୁ ଭାରତକୁ ଟାଣିଆଣେ; କିନ୍ତୁ ଯଦି ଏହା ଧୀର ହୁଏ କିମ୍ବା ଗୋଟିଏ ସ୍ଥାନରେ ଅଟକି ଯାଏ । ତେବେ ଥଣ୍ଡା ବାୟୁ ସେଠାରେ ହିଁ ଫସିଯାଏ । ଏହା ଥଣ୍ଡାର ସ୍ଥିତିକୁ ଆହୁରି ଅନେକଦିନ ଜାରି ରଖିପାରେ ଓ ଥଣ୍ଡା ଲହରର ପ୍ରଭାବକୁ ବୃଦ୍ଧି କରେ ।

ସେହିପରି ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ,ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ସିକ୍କିମ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶରେ ଘନ କୁହୁଡି ଦେଖିବାକୁ ମିଳିଛି । ୨୩ଟି ରାଜ୍ୟରେ ଘନ କୁହୁଡିର ସତର୍କତା ଜାରି କରାଯାଇଛି । ଏହା ଦ୍ୱାରା ଟ୍ରେନ୍ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଉଛି । ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ୫ ଦିନ ମଧ୍ୟରେ ଏହି ସବୁ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ ।

### ୧୦ ଡିଗ୍ରୀ ତଳେ...

ରେକର୍ଡ ହୋଇଛି । ଏହି ତାପମାତ୍ରା ସହ ଆଜି ରାଜ୍ୟର ମୋଟ୍ ୧୩ ସହରରେ ପାରଦ ୧୦ଡିଗ୍ରୀ ତଳେ ରହିଛି ।

ଅନ୍ୟପଟେ ରାଜ୍ୟରେ ଶୀତ ସାଙ୍ଗକୁ ଘନ କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି । ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଥିବାରୁ ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି । ଏହା ସହିତ ୩ ଦିନ ପରେ ଶୀତରୁ ସାମାନ୍ୟ ଅସ୍ୱସ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ୩ ଦିନ ପରେ କିଛି ସ୍ଥାନରେ ତାପମାତ୍ରାରେ ସାମାନ୍ୟ ପରବର୍ତ୍ତନ ସହ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି ।

ଗତ ୨୪ ଘଣ୍ଟାରେ ଢେଙ୍କାନାଳ, ଫୁଲବାଣୀ ଓ ରାଉରକେଲା ଭଳି ସହରରେ ଘନକୁହୁଡି ଦୃଶ୍ୟମାନ ହୋଇଛି । ସେହିପରି ଦେଶରେ ଉତ୍ତରାଖଣ୍ଡ, ମଣିପୁର, ତ୍ରିପୁରା ଓ ବିହାର ଆଦି ସ୍ଥାନରେ ଶୀତ ଲହରୀ ସହିତ ଦେଖିବାକୁ ମିଳିଛି । ଏହା ସହିତ ପଞ୍ଜାବ, ହରିଆଣା, ଚଣ୍ଡିଗଡ଼ ଓ ଉତ୍ତରପ୍ରଦେଶ ଆଦି ସ୍ଥାନରେ ଘନକୁହୁଡ଼ି ଦେଖିବାକୁ ମିଳିଛି । ଦୃଶ୍ୟମାନ କ୍ଷମତା ୫୦ ମିଟରରୁ ମଧ୍ୟ କମ୍ ରହିଥିବାର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି ।

### ବଙ୍ଗ-କଳିଙ୍ଗ ସମ୍ପର୍କରେ...

ହେଉଥିବା ନିର୍ମମ ନିର୍ଯାତନା ଏବଂ ଦୁର୍ବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି ମମତା ବାନାର୍ଜୀ । ଓଡ଼ିଶାରେ ମୁର୍ଶିଦାବାଦ ଜିଲ୍ଲାର ଜାଙ୍ଗିପୁର ଅଞ୍ଚଳର କିଛି ପ୍ରବାସୀ ଶ୍ରମିକଙ୍କୁ ହଇରାଣ ଏବଂ ନିର୍ଯାତନା ଦିଆଯାଇଥିଲା । ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ସମ୍ବଲପୁରରେ ଜାଙ୍ଗିପୁରର କପା କ୍ଷେତ୍ରର ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କୁ ମାଡ଼ ମାରିବା ଦୁର୍ଭାଗ୍ୟଜନକ । ଓଡ଼ିଶାରେ ନିର୍ଯାତନାରୁ ଅତିଷ୍ଠ ଶ୍ରମିକମାନେ ମୁର୍ଶିଦାବାଦ ଘରକୁ ଫେରୁଛନ୍ତି । ମୁର୍ଶିଦାବାଦ ଯୁବକ ଜୁଏଲ ରାଣାଙ୍କ ମୃତ୍ୟୁ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଏକ ଜିରୋ ଏଫଆଇଆର ରୁଜୁ କରିଛି ବୋଲି ମମତା ବାନାର୍ଜୀ କହିଛନ୍ତି । ଓଡ଼ିଶାରେ ପଶ୍ଚିମବଙ୍ଗର ବୁଲା ବ୍ୟବସାୟୀ ଓ ଦିନ ମଜୁରିଆଙ୍କୁ ବଙ୍ଗଳାଦେଶୀ ଭାବେ ଅଭିହିତ କରାଯିବା ସହ ଆକ୍ରମଣ କରାଯାଉଛି । ଅନେକ ସମୟରେ ଗାଁ ଗହଳିରେ ପଶ୍ଚିମବଙ୍ଗର ଲୋକଙ୍କୁ ଆଧାର କାର୍ଡ ମଗାଯିବା ସହ ସେମାନଙ୍କୁ ଆକ୍ରମଣ କରାଯାଉଛି । ଏହି ପ୍ରସଙ୍ଗରେ ଗତ ୨ ବର୍ଷ ହେବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକାଧିକ ବାର ଅସନ୍ତୋଷ ପ୍ରକାଶ କରିବା ସହ ଏହି ସମସ୍ୟାର ସମାଧାନ ପାଇଁ ମମତା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ଏହାସହିତ ପଶ୍ଚିମବଙ୍ଗର ତୃଣମୁଳ କଂଗ୍ରେସ ସାଂସଦ ଡେରକ୍ ଓବରୟମଧ୍ୟ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କ ସୁରକ୍ଷା ପାଇଁ ପୂର୍ବରୁ ଦାବି କରିଛନ୍ତି । ନିକଟରେ ପୁଣିଥରେ ତୃଣମୁଳ ସାଂସଦ ୟୁସୁଫ୍ ପଠାନ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କ ଉପରେ ଆକ୍ରମଣ ହେଉଛି ଓ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଦାବି କରିଛନ୍ତି । ଏହାସହିତ ସାଂସଦ ମହୁଆ ମୈତ୍ର ମଧ ଅତୀତରେ ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଭଳି ଅଭିଯୋଗ ଉଠାଇଛନ୍ତି ।

ପଶ୍ଚିମବଙ୍ଗ ସରକାରର ମୁଖ୍ୟମନ୍ତ୍ରୀଙ୍କ ସମେତ ୩ ଜଣ ସାଂସଦ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇବା ପରେ ମଧ ଏହାକୁ ଓଡ଼ିଶାରେ ରାଜନୈତିକ ସ୍ତରରେ ବିରୋଧ କରାଯାଇଛି । ବଡ଼ କଥା ହେଉଛି ଓଡ଼ିଶା ସରକାରଙ୍କ ଏକାଧିକ ମନ୍ତ୍ରୀ ଏଭଳି ପ୍ରସଙ୍ଗରେ ଆକ୍ରମଣାତ୍ମକ ମନ୍ତବ୍ୟ ଦେବାକୁ ପଛାଉ ନାହାନ୍ତି । ରାଜ୍ୟରେ ଯେଉଁଠାରେ ଲୋକେ ବୁଲା ବ୍ୟବସାୟୀଙ୍କୁ ଆଧାରକାର୍ଡ ମାଗିବା ସହ ଆକ୍ରମଣ କରୁଛନ୍ତି, ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ କୌଣସି ତାଗିଦ କରାଯାଉ ନାହିଁ । ଯାହାର ପରିଣାମ ସ୍ୱରୂପ ଏବେ ପଶ୍ଚିମବଙ୍ଗରେ ରହୁଥିବା ଓଡ଼ିଆଙ୍କ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଛି ।

### ଫି' ନାମରେ...

ପରୀକ୍ଷାର୍ଥୀଙ୍କ କହିବା କଥା ଜାତୀୟସ୍ତରରେ ନିଟ୍, ଜେଇଇ ପରି ବିଭିନ୍ନ ପରୀକ୍ଷା ପରିଚାଳନା କରୁଥିବା ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଆନ୍‌ସାର୍-କୀ କୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ନିର୍ଦ୍ଧାରିତ କରାଯାଉଛି । ସେହିପରି ଚଳିତ ବର୍ଷ ଓଡ଼ିଶାରେ ମଧ ବିଇଡି ପ୍ରବେଶିକା ପରୀକ୍ଷାର ଆନ୍‌ସାର୍-କୀକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ନିର୍ଦ୍ଧାରିତ କରାଯାଇଥିଲା । ମାତ୍ର ଓଟିଇଟି ପରୀକ୍ଷାର ଆନ୍‌ସାର୍-କୀ କୁ ଚ୍ୟାଲେଞ୍ଜ କରିବା ପାଇଁ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୫୦୦ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯିବାକୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ବିରୋଧ କରିଛନ୍ତି । ଆନ୍‌ସାର୍-କୀରେ ଅନେକ ଭୁଲ୍ ଉତ୍ତର ଥିବାବେଳେ ସେଗୁଡ଼ିକୁ ଚ୍ୟାଲେଞ୍ଜ କରିବା ପାଇଁ ଛାତ୍ରଛାତ୍ରୀମାନେ ଏତେ ଟଙ୍କା କେଉଁଠୁ ପାଇବେ ବୋଲି ଅଭିଯୋଗ କରିଛନ୍ତି ।

ଚଳିତ ଥର ପ୍ରାୟ ୧ ଲକ୍ଷ ୬୦ ହଜାର ପିଲା ଓଟିଇଟି ପରୀକ୍ଷା ଦେଇଛନ୍ତି । ତନ୍ମଧ୍ୟରୁ ପ୍ରାୟ ୧୦ ରୁ ୧୨ ଟି ପ୍ରଶ୍ନର ଉତ୍ତର ଭୁଲ୍ ଦର୍ଶାଯାଇଥିବା ବହୁ ପରୀକ୍ଷାର୍ଥୀ ସାମାଜିକ ଗଣମାଧମରେ ଅଭିଯୋଗ କରିଛନ୍ତି । ଜଣେ ପ୍ରାର୍ଥୀ ୧୦ ଟି ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୫ ହଜାର ଟଙ୍କା ଦେବାକୁ ପଡ଼ିବ । ରାଜ୍ୟରେ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀ ଥିବାରୁ ଏତେ ଟଙ୍କା ସେମାନେ ଦାଖଲ କରିବାକୁ ଅସମର୍ଥ ହେବେ । ଫଳରେ ନିଜେ ଠିକ୍ ଉତ୍ତର ଦେଇଥିଲେ ମଧ ପରବର୍ତ୍ତୀ ସମୟରେ ଟଙ୍କା ଅଭାବରୁ ସେମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେବେ । ଅପରପକ୍ଷରେ ସମୁଦାୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ଦୁଇ-ତୃତୀୟାଂଶ ଅର୍ଥାତ୍ ଲକ୍ଷେ ପିଲା ଗୋଟିଏ ଲେଖାଏଁ ଉତ୍ତରକୁ ଚ୍ୟାଲେଞ୍ଜ କଲେ ପ୍ରାୟ ୫ କୋଟି ଟଙ୍କା ବୋର୍ଡ ଆଦାୟ କରିବ । ବୋର୍ଡର ଆନ୍‌ସାର୍-କୀ ରେ ଏକାଧିକ ଭୁଲ୍ ଥିବାରୁ ଆବେଦନ ସଂଖ୍ୟା କମାଇବାକୁ ଏପରି ତାଲିବାନୀ ନିଷ୍ପତ୍ତି ନିଆଯାଇଛି ବୋଲି ମଧ ଅନେକ ଶିକ୍ଷୟତ୍ରୀ ଫେସବୁକ୍‌ରେ ମତବ୍ୟକ୍ତ କରୁଛନ୍ତି । ଏଣୁ ସରକାର ବୋର୍ଡର କାର୍ଯ୍ୟକଳାପ ଓ ନିଷ୍ପତ୍ତିକୁ ସମୀକ୍ଷା କରି ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଫି' ହ୍ରାସ କରିବାକୁ ଦାବି ହୋଇଛି ।

### ଭରସା ହରାଉଛି...

ଅନୁସାରେ ୨୦୨୫ ର ୧୨ ମାସ ମଧ୍ୟରୁ ୮ ମାସ ବିଦେଶୀ ନିବେଶକମାନେ ସେୟାର ବିକ୍ରି କରିଛନ୍ତି । କେବଳ ଜାନୁଆରୀରେ ବିଦେଶୀ ନିବେଶକମାନେ ପ୍ରାୟ ୭୮ ହଜାର କୋଟିର ସେୟାର ବିକ୍ରି କରିଛନ୍ତି ଓ ମାର୍ଚ୍ଚ ସୁଦ୍ଧା ଏହି ପରିମାଣ ୧.୧୬ ଲକ୍ଷ କୋଟି ଅତିକ୍ରମ କରିଛି । ଏପ୍ରିଲରୁ ଜୁନ୍ ତ୍ରୟମାସିକ ମଧ୍ୟରେ ପ୍ରାୟ ୩୮,୦୦୦ କୋଟି ଟଙ୍କା ପ୍ରତ୍ୟାହାର ହୋଇଛି । ତେବେ ବିଦେଶୀ ନିବେଶକମାନଙ୍କ ଦ୍ୱାରା ସେୟାରରେ ଦ୍ରୁତ ବିକ୍ରି ସତ୍ତ୍ୱେ ଭାରତୀୟ ଷ୍ଟକ୍ ବଜାର କିଛି ପରିମାଣରେ ଅସ୍ଥିର ହୋଇଥିଲେ ହେଁ ବିଶେଷ ପ୍ରଭାବଶାଳୀ ସାବ୍ୟସ୍ତ ହୋଇନାହିଁ । ଘରୋଇ ସଂସ୍ଥାଗତ ନିବେଶକମାନେ ବଜାରକୁ ସମ୍ଭାଳି ନେଇଛନ୍ତି ଏବଂ କ୍ଷୁଦ୍ର ନିବେଶକମାନେ ଏସ୍‌ଆଇପି ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡ ପ୍ରବାହକୁ ଗତିଶୀଳ କରି ରଖିଛନ୍ତି ।


**AFFIDAVIT**

By virtue of an Affidavit before Notary Public, Malkangiri, **I, Bhakta Pujari**, aged about 29 years, S/o.: Ghenu Pujari resident of Village: Tandikunda, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 3005/2025, Dated: 27.12.2025 that I have changed my name from Bhakta Pojari to **Bhakta Pujari.** Henceforth I shall be known as **Bhakta Pujari** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, dated 7th August,2024, I, Shiva Rao, S/o- Kelli Madhav Rao, resident of Machumara village, PO Mochamera, Gajapati Dist, Odisha, 761211 , vide affidavit number 362, Dated 07/08/2024 declare that I have changed my name from Shiva Rao to Kelli Shiva Srivatsa. Henceforth, I will be known as **Kelli Shiva Srivatsa** for all purposes.

**AFFIDAVIT**

By virtue of an affidavit (SL No.4007, date 28.11.2025) sworn before The Executive Magistrate, Pipili. I, **Mamina Nath,** W/o- Ganesh Nath, Address: Vill: Jagannathpur, PO: Haripur, PS: Pipili, Dist: Puri, PIN: 752104, Odisha declare that I have changed my minor son's name from **Datyaranjan Nath to Satyaranjan Nath.** Henceforth, he shall be known as **Satyaranjan Nath** (new name) for all purposes.

**Mamina Nath**

**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା - ୯୭୪ — ତାରିଖ ୨୪.୧୨.୨୦୨୫

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି '୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା'-୨୦୨୬ ଆସନ୍ତା ତା ୧୪.୦୧.୨୦୨୬ ରୁ ୧୭.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀସ୍ଥ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ । ଏଥିପାଇଁ ୧୭୦ ଗୋଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ । ଷ୍ଟଲ ଗୁଡିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଗୁଡିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ https://kalahandi.odisha.gov.in ରେ ପ୍ରକାଶ କରାଯାଇଅଛି । ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲ ଗୁଡିକ ଆବଣ୍ଟନ କରାଯିବ । ତା.୨୯.୧୨.୨୦୨୫ ରିଖରୁ ଷ୍ଟଲ ଆରକ୍ଷଣ କରିବା ଆରମ୍ଭ ହେବ ।

**ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି**

ସକାଳ THE SAKALA



# ପାଲା କଳାକାରଙ୍କ ବିୟୋଗରେ ଶୋକ



ଡେରାବିଶ,୨୮ ।୧୨(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ନରସିଂହପୁର ଗ୍ରାମର ପାଲା କଳାକାର (ପାଳିଆ) ପ୍ରଫୁଲ୍ଲ ଚନ୍ଦ୍ର ନାଥଶର୍ମାଙ୍କ ବିୟୋଗରେ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରୀ ସିଦ୍ଧ ବଳଦେବଜୀଉ ମଣ୍ଡଳ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି । ଅଭୟ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଶୋକସଭାରେ ବିଧୁଭୂଷଣ ତ୍ରିପାଠୀ, ଯଶୋବନ୍ତ ନାରାୟଣ ପଣ୍ଡା, ଶ୍ରୀ ବଳଦେବ ମଣ୍ଡଳ ସଭାପତି ସୁଶାନ୍ତ କୁମାର ମଲିକ, ଉପଦେଷ୍ଟା ଚିନ୍ମୟ ଦାସ, ଗଗନ ବିହାରୀ ସିଂ, ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ ଓ କ୍ଷୀରୋଦ କୁମାର ନାଥଙ୍କ ସମେତ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସଚିକାନ୍ତ ରାଉଳ, ଉମାକାନ୍ତ ସ୍ୱାଇଁ, ମାଗୁଣି ମହାନ୍ତି, ନିଶିକାନ୍ତ ପଣ୍ଡା, ନଳିନୀକାନ୍ତ ପଣ୍ଡା, ନାରାୟଣ ଯେନା, ରମାକାନ୍ତ ନାୟକ ଓ ମନୋଜ ନାଥଶର୍ମା ସ୍ୱର୍ଗତ ପ୍ରଫୁଲ୍ଲ ନାଥଶର୍ମା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

# ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ଦେହାନ୍ତ

ରାଜନଗର,୨୮ ।୧୨(ସମିସ): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଗଡ଼ ଗ୍ରାମ ନିବାସୀ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ସିଆରସିସି ସୁନୀଲ କୁମାର ଦାସ (୭୨)ଙ୍କ ହୃଦଘାତରେ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ପରଲୋକ ହୋଇଛି । ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ସୁବ୍ରତ ଓ ସୁଦୀପ୍ତ, ପୁତୁରା ଅଂଶୁମାନ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ଦେହାନ୍ତରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶିକ୍ଷାବିତ୍ ବିଜୟକୁମାର ଜେନା, ବୀରକିଶୋର ଜେନା, ବଳରାମ ତ୍ରିପାଠୀ, ପ୍ରଫେସର ସତ୍ୟବାଦୀ ଜେନା, ଅନିଲ କୁମାର ବଳ, କ୍ଷୀରୋଦ କୁମାର ମଲ୍ଲିକ, ମହେଶ୍ୱର ରାଉତ, ଗଣେଶ ପ୍ରସାଦ ନାୟକ, ବ୍ରହ୍ମାନନ୍ଦ ରାଉତ, କୃପାସିନ୍ଧୁ ସାମଲ, ପ୍ରାକ୍ତନ ସରପଞ୍ଚ କେଦାରନାଥ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି ।

# ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ



ପଟ୍ଟାମୁଣ୍ଡାଇ,୨୮ ।୧୨(ସମିସ): ସାମାଜିକ ପରିବର୍ତ୍ତନରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନାରୀ ସଂଗଠିତ ହେଲେ ସବୁ କଠିନତା ଦୂର ହେବା ସହିତ ନୂଆ ସକାଳର ଅଭ୍ୟୁଦୟ ଘଟିବ ବୋଲି ପଟ୍ଟାମୁଣ୍ଡାଇ ପୌରପରିଷଦ ୧୩ ନମ୍ବର ୱାର୍ଡ ପୋଖରିଆପଡ଼ା ଗ୍ରାମର ମା' ମଙ୍ଗଳାଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସାମ୍ବାଦିକ ଉପେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ମୁଖ୍ୟବକ୍ତା ଓ କାଉନସିଲର ଲାସ୍ୟମୟୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂଜା କମିଟିର ଉଦ୍ୟମକୁ ପ୍ରଶଂସା କରିଥିଲେ । ପୂଜା କମିଟି ସଭାନେତ୍ରୀ ଲିନା ନାଥ ସ୍ୱାଗତ ବକ୍ତବ୍ୟ ରଖିଥିଲା ବେଳେ ତବଲା ଗୁରୁ କୃପାସିନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂଜା କମିଟିର ସମ୍ପାଦିକା ଟମିନା ନାୟକଙ୍କ ନେତୃତ୍ୱରେ ସଭ୍ୟାମାନେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଭ୍ୟା ରୀନା ନାଥ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ କସ୍ତୁରୀ କଳା ନିକେତନର କଳାକାର ଓ ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟି ସଭ୍ୟାମାନେ ଚିତ୍ତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ ।

# ଭିତରକନିକାରେ ପର୍ଯ୍ୟଟକଙ୍କ ଅସମ୍ଭାଳ ଭିଡ଼



ରାଜନଗର,୨୮ ।୧୨(ସମିସ): ସରିଆସୁଛି ବର୍ଷ ୨୦୨୫ । ଆଜି ବର୍ଷର ଶେଷ ରବିବାର ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସମାଗମରେ ଭିତରକନିକା ଚଳଚଞ୍ଚଳ ହୋଇପଡ଼ିଛି । ଗୁପ୍ତିରୁ ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦବାଲିରୁ ଭାୟା ଖୋଲା ଦେଇ ଭିତରକନିକାକୁ ସଂଯୋଗ କରୁଥିବା ନଦୀରେ ଶହଶହ ପର୍ଯ୍ୟଟକ ନୌବିହାର କରି ପ୍ରକୃତିର ଅନବଦ୍ୟ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ ।ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୨୨୮୭ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ । ଖୋଲାରୁ ୧୦୬ ଟ୍ରିପ ବୋଟରେ ୧୩୯୦ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୬ ଟ୍ରିପ ବୋଟରେ ୨୩୭ ପର୍ଯ୍ୟଟକ ଓ ଗୁପ୍ତିରୁ ୨୫ ଟ୍ରିପ ବୋଟରେ ୨୪୨ ଜଣଙ୍କୁ ମିଶାଇ ମୋଟ ୪୧୫୬ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମା' ଛୁଆଳିଆ ଶକ୍ତି ପୀଠରୁ ଚୋରି; ଜଣେ ଅଟକ

ପଟ୍ଟାମୁଣ୍ଡାଇ,୨୮ ।୧୨(ସମିସ):

ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ଗଙ୍ଗାରାମପୁର ପଞ୍ଚାୟତ ଲୋକନାଥପୁରସ୍ଥିତ ମା' ଛୁଆଳିଆ ମନ୍ଦିରରୁ ଶନିବାର ରାତିରେ ବଡ଼ଧରଣର ଚୋରି ହୋଇଛି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ପରେ ଆଇଆଇସି ବନ୍ଦନା ପାତ୍ର ତଦନ୍ତ ଆରମ୍ଭ କରିଛନ୍ତି । ଚୋରିରେ ସମ୍ପୃକ୍ତ ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ଦୁର୍ବୃତ୍ତମାନେ ମା'ଙ୍କ ସୁନାହାର, ସୁନା ଚିତା, ସୁନା ଆଖି, ସୁନା ମୁକୁଟ ଆଦି ସମେତ ପ୍ରାୟ ୧୦ ଭରି ଓଜନର ସୁନା ସମେତ ରୁପା ଅଳଙ୍କାର ମଧ୍ୟ ଲୁଟି ନେଇଛନ୍ତି । ଦାନବାକ୍ସ ଭାଙ୍ଗି ସେଥିରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି । ଏଥିସହ ସାହାଡ଼ା ବୃକ୍ଷ ମୂଳେ ପୂଜା ପାଉଥିବା ମା'ଙ୍କ ପ୍ରତିମାକୁ ଭାଙ୍ଗି ଦେଇଛନ୍ତି । ପୀଠରେ ଥିବା ପଥର ନିର୍ମିତ ଘୋଡ଼ାକୁ ମଧ୍ୟ ନେଇଯାଇଛନ୍ତି । ରବିବାର ପ୍ରତ୍ୟୁଷରେ ଜଣେ

## ମା'ଙ୍କ ପ୍ରତିମା ଭାଙ୍ଗିଲେ, ହୁଣ୍ଡି ତାଡ଼ି ଲୁଟିନେଲେ

ଭକ୍ତ ମନ୍ଦିରକୁ ଯାଇଥିବାବେଳେ ଚୋରି ହୋଇଥିବା ଜାଣି ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ଚୋରଙ୍କୁ ଧରିବା ପାଇଁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ତେବେ ଗଣ୍ଡାକିଆ ଛକରେ ନିଶାଶକ୍ତ ତଥା ଅର୍ଦ୍ଧଚେତନ ଅବସ୍ଥାରେ ପଡ଼ିଥିବା ବଡ଼ ମୂଳବସନ୍ତ ଗ୍ରାମର ରଞ୍ଜିତ ସେଠୀଙ୍କ ହାତରେ



ମା'ଙ୍କ ସିନ୍ଦୂର ଲାଗିଥିବା ଦେଖି ଗ୍ରାମବାସୀ ତାଙ୍କୁ ଧରି ପଚରାଉଚରା କରିବାରେ ସେ ଅନ୍ୟମାନଙ୍କ ସହ ମିଶି ଚୋରି କରିଥିବା ସ୍ୱୀକାର କରିଥିଲେ । ପରେ ଗ୍ରାମବାସୀ ରଞ୍ଜିତଙ୍କୁ ପୁଲିସ ଜିମା ଦେଇଥିଲେ । ପୀଠ ପରିଚାଳନା କମିଟି ସଭାପତି ଦର୍ଶନ କୁମାର ସାହୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ବନ୍ଦନା ପାତ୍ର ସୂଚନା ଦେଇଛନ୍ତି । ଅନ୍ୟପଟେ ପୁଲିସ ରଞ୍ଜିତଙ୍କଠାରୁ ଚୋରି ହୋଇଥିବା ମା'ଙ୍କ ସୁନା ଚିତା, ସୁନା ଆଖି ଓ ଆଉ କିଛି ଅଳଙ୍କାର ଜବତ କରିଛି । ରଞ୍ଜିତଙ୍କ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି । ତାଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି ।

# ଶିଶିର ମଲିକ ସରକାରୀ ଓକିଲ ନିଯୁକ୍ତ

ପଟ୍ଟାମୁଣ୍ଡାଇ,୨୮ ।୧୨(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବ ଆଇନଜୀବୀ ଶିଶିର କୁମାର ମଲିକଙ୍କୁ ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ତହସିଲରେ ସରକାରୀ ଓକିଲ ଭାବେ ନିଯୁକ୍ତି ଦେଇଛନ୍ତି । ଏ ନେଇ ଶିଶିର ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ସାଂସଦ, ରାଜ୍ୟ ଆଇନମନ୍ତ୍ରୀ, ଜିଲ୍ଲା ବିଜେପି ସଭାପତି, ରାଜନଗର ବିଜେପି ନେତା ଲଳିତ ବେହେରା ଓ ବିଜେପି ଯୁବନେତା ମିଟୁ ମନୋଜ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ଝରକା ତାଡ଼ି ଲକ୍ଷାଧିକ ଟଙ୍କା ଓ ଗହଣା ଲୁଟ୍

ଡେରାବିଶ,୨୮ ।୧୨(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ପଞ୍ଚାୟତ ଗଣେଶପୁର ଗ୍ରାମର ସୁଶୀଳ କୁମାର ବେହେରାଙ୍କ ଘର ଝରକା ତାଡ଼ି ଶନିବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ସହ ୧୩୦ ଗ୍ରାମ ଓଜନର ସୁନାଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ସୁଶୀଲଙ୍କ ପରିବାର ଲୋକେ ଘରେ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଲୁଟପାଟ କରିଛନ୍ତି । ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ କରିଛି ।

■ ଚୋରାମଦ ବିକ୍ରିର ତୀବ୍ର ପ୍ରତିବାଦ

# ମଦ ଜବତ ସହ ଭାଟି ଭାଙ୍ଗିଦେଲେ

ରାଜକନିକା,୨୮ ।୧୨(ସମିସ): ଖୋଲାମେଲା ଭାବେ ଦିନରାତି ମଦ ବିକ୍ରି ଚାଲୁଛି, ତାହା ପୁଣି ସ୍କୁଲ ନିକଟରେ । ସରକାରୀ ଜାଗାକୁ ମଧ୍ୟ ଅବରୋଧ କରି ସେଠାରେ ଏକ ପାଇଖାନା ନିର୍ମାଣ କରି ତା' ଭିତରେ ମଦ ଲୁଚାଇ ରଖି ଜଣେ ଦିବ୍ୟାଙ୍ଗ ଯୁବକ ମଦ ବିକୁଥିବା ଥାନାରେ ଅଭିଯୋଗ ହୋଇଛି । ମାତ୍ର ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଶନିବାର ସ୍ଥାନୀୟ ମହିଳା ଅଟୋ ଯୋଗେ ଥାନାକୁ ଯାଇ ପୁଲିସକୁ ସାଙ୍ଗରେ ଆଣି ମଦ ଜବତ କରାଇଥିଲେ । ପୁଲିସ ମଦ ଜବତ କରିବା ସମୟରେ ବେପାରୀ ଜଣକ ଚତୁରତାର ସହ ଖସି ଫେରାର ହେବା ଜାଣି ଉତ୍ୟକ୍ତ ମହିଳା ଚୋରାମଦ ଭାଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି । ବାରମ୍ବାର ପୁଲିସ ଓ ଅବକାରୀ ବିଭାଗ ପାଖରେ ଗୁହାରି କରି ସୁଫଳ ପାଇ ନ ଥିବା ସ୍ଥାନୀୟ ମହିଳା ଶେଷରେ ନିଜେ ଅଣ୍ଟା ଭିଡ଼ି ପୁଲିସ ହାତରେ ମଦ ଜବତ କରାଇବା ପରେ ମଦ ବିକ୍ରି ହେଉଥିବା ଘରକୁ ଭାଙ୍ଗି ଅସଲ ନିଶାମୁକ୍ତି ଅଭିଯାନ ଆରମ୍ଭ କରିଛନ୍ତି ।

ରାଜକନିକା ଥାନା ବରାଡିଆ ପଞ୍ଚାୟତ ମଧୁପଡ଼ା (ଖାଣପଡ଼ା) ଗାଁର ଦୀନବନ୍ଧୁ ମଲିକଙ୍କ ଦୀପକ ମଲିକ ବେଶ୍ କିଛି ବର୍ଷ ହେବ ବେଆଇନ ଭାବେ ଚୋରା ମଦ ବିକି ନିଜର ଆଣ୍ଠା ଜମାଇ ଆସିଥିଲେ । ବରାଡିଆ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ଶିକ୍ଷାନୁଷ୍ଠାନକୁ ଲାଗି ଖୋଲାମେଲା ମଦ ବିକ୍ରିକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଥିଲେ ବି ନା ପୁଲିସ ନା ଅବକାରୀ ବିଭାଗ ଏସବୁ ବନ୍ଦ କରିବାକୁ କୌଣସି ପଦକ୍ଷେପ ନେଉ ନ ଥିଲେ । ଗାଁର ଯୁବକ ଓ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ଏହି ଚୋରାମଦ ଭାଟି ବେଶ୍ ଖରାପ ପ୍ରଭାବ ପକାଇଥିବାରୁ ଲୋକେ ତାଡିବା ସହ ଏଭଳି ଚରମ ପଦକ୍ଷେପ ନେଇଛନ୍ତି । ଗାଁର ମହିଳା ଏହି ବେଆଇନ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ପୁଲିସ ଡାକି ମଦ ଜବତ ପରେ ମଦ ଭାଟି ଭାଙ୍ଗିବା ପୁଣି ଥରେ ନମତରା ଘଟଣାକୁ ମନେ ପକାଇ ଦେଇଛି ।

# 'ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ରବୀନ୍ଦ୍ର'

କେନ୍ଦ୍ରାପଡ଼ା,୨୮ ।୧୨(ସମିସ): ବରିଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ, ସୁଦକ୍ଷ ରାଜନେତା ଓ ବ୍ୟବସାୟୀ ସ୍ୱର୍ଗତ ରବୀନ୍ଦ୍ର ମୋହନ ସାହୁଙ୍କ ଦ୍ୱାଦଶାହରେ କେନ୍ଦ୍ରାପଡ଼ା ସହର ବଡ଼ହାଟସ୍ଥିତ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଆଳି ବିଧାୟକ ପ୍ରତାପ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, କଟକ ମେୟର ସୁବାସ ସିଂହ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଶଶିଭୂଷଣ ବେହେରା, ଦେବାଶିଷ ନାୟକ, ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କିଶୋର ତରାଇ, ଅଲେଖ ଜେନା, ସିପ୍ରା ମଲ୍ଲିକ, ପ୍ରଯୋଜକ ସଂଘ ସଭାପତି ଯୁଗଳ କିଶୋର ଦେବତା, ଉପସଭାପତି ଅଜୟ କୁମାର ରାଉତ, ସମ୍ପାଦକ ଜୁବୁଲି ସୁନ୍ଦରରାୟ, ଚଳଚ୍ଚିତ୍ର ତାରକା ସମରେଶ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରବୀନ୍ଦ୍ର ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ତାଙ୍କ ଅବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲା ତଥା ରାଜ୍ୟରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତାକୁ ତାଙ୍କ ବୋହୂ କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ ପାଠ କରିଥିଲେ । ପ୍ରାଧ୍ୟାପକ ଅଜୟ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ରାଜେଶ ପଣ୍ଡା ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, ଗୀତାଞ୍ଜଳି ସେଠୀ, ମାନସ ପରିଡ଼ା, ଶିବପ୍ରସାଦ ଭଳ, ଶଶାଙ୍କ ଶେଖର ସେଠୀ, ବିଷ୍ଣୁ ଦାସ, ଦୁର୍ଯ୍ୟୋଧନ ସାହୁ, ପ୍ରମୋଦ ସାହୁ, ସରୋଜକାନ୍ତ ସାହୁ, ସଲିମ ଖାନ୍, କିଶୋର ପଣ୍ଡା, ପ୍ରଦୀପ ମହାନ୍ତି, ବରିଷ୍ଠ ସାମ୍ବାଦିକ ଅକ୍ଷୟ ପତି, ଅମ୍ବିକା ପ୍ରସାଦ ଦାସ, ଦେବେନ୍ଦ୍ର ସୁଆର, ପରେଶ ଦାସ, ରମଣି ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଆକବର ଅଲ୍ଲୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ରଞ୍ଜିତ ସାହୁ, ଉମେଶ ନାୟକ, ନିରାକାର ସ୍ୱାଇଁ, ହିରଣ୍ୟ ପଣ୍ଡା, ସେକ ଇନାୟତ, ସେକ ରହେମତ, ସୁକୁମାର ଦାସ, ପ୍ରଦୀପ ନାୟକ, ରମେଶ ଚନ୍ଦ୍ର ଦାସ, ଗୋପାଳ ମହାପାତ୍ର, ରାଜଶ୍ରୀ ଦାସ, ସିପ୍ରା ଦାସ, ରାଜେନ୍ଦ୍ର ପାତ୍ର ସହଯୋଗ କରିଥିଲେ ।



# ଡେରାବିଶ ମହୋତ୍ସବର ତୃତୀୟ ସନ୍ଧ୍ୟା



ଡେରାବିଶ,୨୮ ।୧୨(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ଡେରାବିଶ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା । ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସଂଗଠନର କାର୍ଯ୍ୟକର୍ତ୍ତା ମହେନ୍ଦ୍ର କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେର, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲି ଦାସ ଯୋଗଦେଇଥିଲେ । ଏହି ଅବସରରେ ସମାଜସେବା ପାଇଁ କଳିଙ୍ଗ ଆବାସିକ ବିଦ୍ୟାଳୟ ଅଧକ୍ଷ ମନୋଜ କୁମାର ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସଂଗଠନର ସଦସ୍ୟ ଅତୁଲ୍ୟ କୁମାର ରଥଙ୍କ ସଂଯୋଜନାରେ ସ୍ଥାନୀୟ ଅଞ୍ଚଳର କଳାକାର ସମେତ ପାରାଦୀପ ଓ କେନ୍ଦ୍ରାପଡ଼ାରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

● ଛାଡ଼ପତ୍ର ମାମଲା

# ଭରଣପୋଷଣ ପାଇଁ ଆଦାୟ ଅର୍ଥ ହଡ଼ପ ଅଭିଯୋଗ

ରାଜନଗର,୨୮ ।୧୨(ସମିସ): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ବନବିହାରୀପୁର ଗ୍ରାମରେ ଏକ ଦମ୍ପତିଙ୍କ ଛାଡ଼ପତ୍ର ମାମଲାରେ ଭଦ୍ରଲୋକମାନେ ୨ଲକ୍ଷ ୬୫ ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି । ବଳରାମ ପରିଡ଼ା (୨୭)ଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ଲକ ଘଡ଼ିଆମାଳ ପଞ୍ଚାୟତ ଦାରୁଓରା ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁଙ୍କ ଝିଅ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ସହ ତାଙ୍କ ବିବାହ ହୋଇଥିଲା । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହୋଇ କଳହ ହେବାରୁ ଛାଡ଼ପତ୍ର ପାଇଁ ନିଷ୍ପତ୍ତି ହେଲା । ବନବିହାରୀପୁର ଗ୍ରାମର ବୀରକିଶୋର ସାହୁ, ବୈଲୋଚନ ଡାଲୁ, ନଟବର ଦାସ ଓ ଏହି ପଞ୍ଚାୟତ କାନଫୁଲିଆ ଗ୍ରାମର ସାଗର ପରିଡ଼ା ଏକାଠି ବସି ବଳରାମ ଭଦ୍ରଲୋକଙ୍କ ନିକଟରେ ୫ ଲକ୍ଷ ୧୫ ହଜାର ଟଙ୍କା ଜମା କଲେ ଫଇସଲା ହେବ ବୋଲି କହିଥିଲେ । ତଦନୁଯାୟୀ ବଳରାମ ନିଜ ଜମି ବିକ୍ରି କରି ୫ ଲକ୍ଷ ୧୫ ହଜାର ଟଙ୍କା ଦାଖଲ କରିବା ପରେ ଗତ ୮ ତାରିଖ ବୈଠକ ବସି ଫଇସଲା ହୋଇଥିଲା । ଲକ୍ଷ୍ମୀପ୍ରିୟାଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କା ଦିଆଗଲା । ଅବଶିଷ୍ଟ ୨ଲକ୍ଷ ୬୫ ହଜାର ଟଙ୍କା ବଳରାମଙ୍କୁ ପରେ ଫେରସ୍ତ ଦିଆଯିବ ବୋଲି ଭଦ୍ରଲୋକମାନେ କହିଥିଲେ । ତେବେ ଟଙ୍କା ଫେରସ୍ତ ନ ଦେବାରୁ ଏ ନେଇ ବଳରାମ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେ ଡିଜିପି, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଏସପିଙ୍କୁ ଜଣାଇବା ସହ ଟଙ୍କା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଡେରାବିଶ,୨୮ ।୧୨(ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୀଳମଣି ସ୍ପୋର୍ଟସ୍ ଏକାଡେମୀରେ ସୃଙ୍ଗାରେଶ୍ୱର ଯୁବକ ସଂଘ ଓ ମାଇଁ ଭାରତ ମିଳିତ ସହଯୋଗରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକର ସମସ୍ତ ପଞ୍ଚାୟତରୁ ୧୫ରୁ ୧୯ ବର୍ଷ ମଧ୍ୟରେ ଶତାଧିକ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ଯୋଗଦେଇ କବାଡ଼ି, ଫୁଟବଲ୍, ସ୍ଲୋ-ସାଇକେଲ୍ ରେସ୍, ଦୌଡ଼, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ପତିତପାବନ ଯୁବକସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ମାଇଁ ଭାରତର ଜିଲ୍ଲା ଅଧିକାରୀ ଗୋଲି ତିରୁପତି ରେଡ୍ଡି, ସମ୍ମାନିତ ଅତିଥିଭାବେ କ୍ରୀଡ଼ାବିତ୍ ସତ୍ୟରଞ୍ଜନ ସାହୁ ଓ ସୃଙ୍ଗାରେଶ୍ୱର ଯୁବକ ସଂଘ ସମ୍ପାଦକ ମୁକେଶ ଧଳ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ବିତରଣ କରିଥିଲେ । ବାନାମ୍ବର ଜେନା, ଜଗନ୍ନାଥ ବାରିକ, ସୁଶ୍ରୀ ସଙ୍ଗିତା ଜେନା, ପୂଜା ଘଡ଼େଇ, ଜଗଦୀଶ ସେଠୀ, ଦୀପକ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୮ ।୧୨(ସମିସ): ପୋଖରିଆପଡ଼ା ଗ୍ରାମର ଧର୍ମପ୍ରାଣା ମହିଳା ତଥା ଗାନ୍ଧିକ ପ୍ରାଧ୍ୟାପକ ଡ. ନୀଳମଣି ଲେଙ୍କାଙ୍କ ମା' ସାବିତ୍ରୀ ଲେଙ୍କାଙ୍କ ୮୬ ବର୍ଷ ବୟସରେ ପରଲୋକ ହୋଇଛି । ମୃତ୍ୟୁଶଯ୍ୟା ନିକଟରେ ପୁଅ କୁଳମଣି ଲେଙ୍କା, ଅଶୋକ ଲେଙ୍କା, ସୁଶାନ୍ତ ଲେଙ୍କାଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ । ସେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଆସୁଥିଲେ । ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

ବ୍ୟବସାୟୀଙ୍କୁ ପୋଡ଼ି ମାରିବା ଘଟଣା

# ବିବାଦ ପରେ ବଦଳି, ପ୍ରଶ୍ନ ଘେରରେ ପୁଲିସର କାର୍ଯ୍ୟପଦ୍ଧତି

କେନ୍ଦ୍ରାପଡ଼ା,୨୮ ।୧୨(ସମିସ):

କୁଦାନଗରୀ ଥାନା ଅଞ୍ଚଳରେ ବ୍ୟବସାୟୀଙ୍କୁ ନିର୍ମମ ଭାବେ ପୋଡ଼ି ହତ୍ୟା ପରେ ପୁଲିସର କାର୍ଯ୍ୟପଦ୍ଧତି ଉପରେ ଗମ୍ଭୀର ପ୍ରଶ୍ନ ଉଠିଛି । ଲଗାତର ସମାଲୋଚନା ଓ ଲୋକଙ୍କ ଅସନ୍ତୋଷ ମଧ୍ୟରେ ଥାନାର ବିବାଦୀୟ ଆଇଆଇସି ଅରବିନ୍ଦ ଶରଣ ମହାନ୍ତିଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)କୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ଡିପିଓରୁ ଜଗନ୍ନାଥ ପାଣିଗ୍ରାହୀଙ୍କୁ ନୂତନ ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ତେବେ ଏହି ବଦଳିକୁ ନେଇ ସାରା ଅଞ୍ଚଳରେ ଚର୍ଚ୍ଚା ତୀବ୍ର ହୋଇଛି । ଶୁକ୍ରବାର ବିଳମ୍ବିତ ରାତିରେ ବ୍ୟବସାୟୀ ସୁବାସ ମଲିକଙ୍କୁ ତାଙ୍କ ଦୋକାନ ବାହାରପଟୁ ବନ୍ଦ କରି ପୋଡ଼ି ହତ୍ୟା କରାଯାଇଥିବା ଅଭିଯୋଗ ଆସିଥିଲା । ଏତେ ଭୟାବହ ଘଟଣା ସତ୍ତ୍ୱେ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଭାବେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇ ନ ଥିଲା ବୋଲି ଅଭିଯୋଗ ହେଉଛି ।

ସବୁଠାରୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି ଘଟଣାସ୍ଥଳଠାରୁ କୁଦାନଗରୀ ଥାନା ମାତ୍ର ୩ ଶହ ମିଟର ଦୂରରେ ଥିବା ସତ୍ତ୍ୱେ ପୁଲିସ ପହଞ୍ଚିବାକୁ ପ୍ରାୟ ୪ ଘଣ୍ଟା ସମୟ ନେଇଥିଲା ବୋଲି ଅଭିଯୋଗ ହୋଇଛି । ଏହି ବିଳମ୍ବ ଲୋକଙ୍କ ମନରେ ଆଶ୍ଚର୍ଯ୍ୟ ସହ କ୍ଷୁବ୍ଧତା ସୃଷ୍ଟି କରିଛି । ଘଟଣା ପରେ ସୋସିଆଲ ମିଡିଆ ଓ ସାଧାରଣ ମଞ୍ଚରେ ପ୍ରଶ୍ନ ଉଠିଥିଲା, ଏତେ ନିକଟରେ ଘଟିଥିବା ଏଭଳି ନିର୍ମମ ହତ୍ୟା ମାମଲାରେ ପୁଲିସ କାହିଁକି ଏତେ ବିଳମ୍ବ କଲା? ଦାୟିତ୍ୱରେ ଅବହେଳା ହୋଇଥିଲା କି? ପୂର୍ବ ବିବାଦ ଜୀବନ ନେଲା କି? ସ୍ଥାନୀୟ ସୂତ୍ର ଅନୁସାରେ, ମୃତ ସୁବାସ ମଲିକଙ୍କ ସହ ପୂର୍ବରୁ କେତେକ ଲୋକଙ୍କ ବିବାଦ ରହିଥିଲା । ଏକ ସମୟରେ ଜଣେ ବ୍ୟକ୍ତି ତାଙ୍କୁ ପୋଡ଼ି ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ପୂର୍ବରୁ ସେ କରିଥିବା ଚିକେନ କାଉଣ୍ଟରକୁ କେତେଜଣ ଦୁର୍ବୃତ୍ତ ଭାଙ୍ଗିଦେଇଥିବା ଘଟଣା ମଧ୍ୟ ପୂର୍ବରୁ ଘଟିଥିଲା । ଘଟଣା ଦିନ ରାତିରେ ସୁବାସ ଏକ ମଣ୍ଡପରୁ ଭୋଜି ଖାଇ ଫେରିଥିବା ଓ ନିଜ ବାପାଙ୍କ ପାଇଁ ମାଂସ ଆଣିଥିବା କୁହାଯାଉଛି । ସେ ସାଧାରଣତଃ କେବେ ଘରେ, କେବେ ପଞ୍ଚାୟତ କାର୍ଯ୍ୟାଳୟରେ ଶୋଇଥାଆନ୍ତି । ତେବେ ସେହି ରାତିରେ ସେ ଦୋକାନରେ ଶୋଇଥିବା ବିଷୟ ଅଭିଯୁକ୍ତମାନେ କେମିତି ଜାଣିଲେ ତାହାକୁ ନେଇ ଗମ୍ଭୀର ସନ୍ଦେହ ସୃଷ୍ଟି ହୋଇଛି । ଏଥିରୁ ଘଟଣାରେ ପୂର୍ବ ରେକି ହୋଇଥିବା ସନ୍ଦେହକୁ ଅସ୍ୱୀକାର କରାଯାଉନାହିଁ । ଘଟଣାସ୍ଥଳରେ ସିସିଟିଭି ନ ଥିବାରୁ ପୁଲିସ ତଦନ୍ତରେ ଅସୁବିଧା ହେଉଥିବା ବେଳେ ମଣ୍ଡପଠାରୁ ବାରେଣୀ ବଜାର ପର୍ଯ୍ୟନ୍ତ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ ଆରମ୍ଭ କରାଯାଇଛି ।

## ବଦଳି ପରେ ବି ପ୍ରଶ୍ନ ଅପରିବର୍ତ୍ତିତ

ଏହି ସମସ୍ତ ପ୍ରସଙ୍ଗକୁ ନଜରରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିଲେ ମଧ୍ୟ ଲୋକଙ୍କ ମନରେ ପ୍ରଶ୍ନ ରହିଛି ଯେ କେବଳ ବଦଳି ହେଲେ ଦାୟିତ୍ୱ ସରିଗଲା କି? ନୂତନ ଥାନା ଅଧିକାରୀଙ୍କ ଉପରେ ଏବେ ସମସ୍ତଙ୍କ ନଜର । ସେପଟେ ଏହି ହତ୍ୟାକାଣ୍ଡର ରହସ୍ୟ ତୁରନ୍ତ ଉନ୍ମୋଚନ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ପରିବାର ଲୋକେ ଆଜି ମଧ୍ୟ ପୁଲିସ ଅଧିକାରୀଙ୍କୁ ଭେଟିଛନ୍ତି । ନ୍ୟାୟ, ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ଜନସୁରକ୍ଷା ପ୍ରତି ପୁଲିସର ଭରସା ପୁନଃ ସ୍ଥାପନ ହେବ କି ନାହିଁ ତାହାକୁ ସମଗ୍ର ଅଞ୍ଚଳ ଅପେକ୍ଷା କରିଛି ।

## ଉଦ୍ଧାର ହେଲେ ୮ ମାନସିକ ଭିନ୍ନକ୍ଷମ

ପାରାଦୀପ,୨୮।୧୨(ସମିସ): ବନ୍ଦର ସହର ପାରାଦୀପ ସମେତ ଏହାର ଆଖପାଖ ଅଞ୍ଚଳରୁ ୮ ଜଣ ମାନସିକ ଭିନ୍ନକ୍ଷମଙ୍କୁ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ଉଦ୍ଧାର କରାଯାଇଛି। ପୂର୍ବରୁ ସଙ୍ଗଠନ ପକ୍ଷରୁ ପାରାଦୀପ ଅଞ୍ଚଳରୁ ବହୁ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରାଯାଇ କଣାସ ଠାରେ ରଖାଯାଇ ସେମାନଙ୍କ ସେବା ଶୁଶ୍ରୂଷା କରାଯାଉଛି। ଏହି ଉଦ୍ଧାର କାର୍ଯ୍ୟ ରେ ସଙ୍ଗଠନର ସଭାପତି ସ୍ନେହମୟୀ ଆଚାର୍ଯ୍ୟ, ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ସଭ୍ୟ ଶିଶିର କୁମାର କର ଙ୍କ ସମେତ ପାରାଦୀପ ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ତିନି ବଖରା ପୋଡ଼ି ପାଉଁଶ

ନାଉଗାଁ,୨୮।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ଗ୍ରାମରେ ଭୟାଭୟ ଅଗ୍ନିକାଣ୍ଡ। ତିନି ବଖରା ଘର ପୋଡି ସମ୍ପୂର୍ଣ୍ଣ ପାଉଁଶ। ଏପରି ଘଟଣା ଗତକାଲି ରାତ୍ର ସମୟରେ ରୋହିଆ ଗ୍ରାମରେ ଦେଖିବାକୁ ମିଳିଥିଲା। ଉକ୍ତ ଗ୍ରାମର ସୁରେଶ ମହାନ୍ତି ଓ ସ୍ୱଦେଶ ମହାନ୍ତିଙ୍କ ଘରେ କୌଣସି କାରଣ ବଶତ ଅଗ୍ନିକାଣ୍ଡ ଘଟିଥିଲା, ଯାହା କୁ ଦେଖି ପରିବାର ଲୋକେ ଓ ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବାକୁ ଚେଷ୍ଟା କରି ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ନାଉଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ୯୦ ପ୍ରତିସତ ପୋଡି ପାଉଁଶ ହୋଇଯାଇଛି। ତେବେ ଘରେ ଥିବା ସମସ୍ତ ମୂଲ୍ୟବାନ ଆସବା ପତ୍ର ଓ ଖାଦ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇ ଥିବା ବେଳେ, ଉଭୟ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗେଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି କରାଯାଇଛି।

## ଜୁଡ଼ୋ ଚାମ୍ପିଅନସିପ୍‌ରେ ଓଡ଼ିଶା ରନର୍ସଅପ



ପାରାଦୀପ,୨୮।୧୨(ସମିସ): ଓଡ଼ିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡ଼ୋ ଆସୋସିଏସନରର ସମ୍ପାଦକ ଲୋପାମୁଦ୍ରା ପତିଙ୍କ ନେତୃତ୍ୱରେ ୧୪ତମ ପାରା ଜୁଡୋ ଚାମ୍ପିଅନସିପ୍-୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ପାରାଦୀପରୁ ଦୃଷ୍ଟିହୀନ ପିଲାଙ୍କ ଏକ ଦଳ ରାଜସ୍ଥାନକୁ ଯାଇ ଚାମ୍ପିଅନସିପରେ ଭାଗ ନେଇଥିଲେ। ଉକ୍ତ ଚାମ୍ପିଅନସିପରେ ତାଙ୍କୁ ୧୪ଟି ମେଡାଲ ଓଡିଶା ପାଇଁ ତାଙ୍କୁ ମିଳିଛି। ଓଡିଶା ପ୍ରଥମ ଥର ପାଇଁ ସବଜୁନିଅରରେ ରନର୍ସ ଅଫ ଟ୍ରଫି ହାସଲ କରିଛି। ସବଜୁନିଅରର ଏକ ଝିଅ ମିକି ସିଂ ବେଷ୍ଟ ଜୁଡୋ ଆୱାର୍ଡ ପାଇଛି। ଏନେଇ ଏହି ସମସ୍ତ ଖେଳାଳିଙ୍କୁ ଇଫକୋ ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ସହଯୋଗର ହାତ ବଢାଇ ଥିବାରୁ କୋଚ୍ ଶ୍ରୀମତୀ ପତି କୃତଜ୍ଞତା ଜଣାଇଛନ୍ତି। ପାରାଦୀପ ବନ୍ଦର ୧୫ ଦିନ କ୍ୟାମ୍ପ ଦେଇଥିଲେ। ସେହିପରି ଇଫକୋ ପାରାଦୀପ ୟୁନିଟ ମଧ୍ୟ ପିଲାମାନଙ୍କ ପାଇଁ ଖେଳ ଉପକରଣ ଯୋଗାଇ ଦେଇଥିଲେ।

## ସର୍ବ ଭାରତୀୟ ପ୍ରତିଯୋଗିତାରେ ଲୋମା ପ୍ରଥମ



କୁଜଙ୍ଗ,୨୮।୧୨(ସମିସ): ସର୍ବ ଭାରତୀୟ ମୁକ୍ତ କରାଟେ ପ୍ରତିଯୋଗିତାରେ ଲୋମା ସ୍ୱାଇଁ ପ୍ରଥମ ହୋଇ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ଠାରେ ଚଳିତ ୨୭ରୁ ଆରମ୍ଭ ହୋଇ ଥିବା ୧୫ତମ ଏହି ସର୍ବଭାରତୀୟ ପାରିଯୋଗିତାର କୁମୁଟେରେ ୫୦ କିଗ୍ରା ବର୍ଗ ବରିଷ୍ଠ ବର୍ଗରେ ଦିବ୍ୟାଙ୍ଗ ଲୋମା ସଧାରଣ ବର୍ଗର ପିଲାଙ୍କୁ ହରାଇ ଏହି ସମ୍ମାନ ହାସଲ କରିଛନ୍ତି। ଭୁବନେଶ୍ୱର ଉତ୍କଳ କରେଟେ ସ୍କୁଲରେ ହାନସି ଡ. ହରପ୍ରସାଦ ପଟ୍ଟନାୟକ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ ଲୋମା ଚଳିତ ବର୍ଷ ବଧିର ଅଲମ୍ପିକ୍ସରେ ଜାପାନରେ ଦେଶ ପାଇଁ କାଂସ୍ୟ ପଦକ ହାସଲ କରିଛନ୍ତି।

## ଭୁତୁମୁଣ୍ଡାଇରେ କ୍ରୀଡା ପୁରସ୍କାର ଉତ୍ସବ

କୁଜଙ୍ଗ,୨୮।୧୨(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଭୁତୁମୁଣ୍ଡାଉ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଅପରାଜିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷା ନିନାରାଣୀ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ରୂପେ ବିଶ୍ୱାଳି ସରପଞ୍ଚ ମନୋରମା ମଲ୍ଲ, ସମ୍ମାନିତ ଅତିଥି ରୂପେ ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ କୃଷକ ନେତା ଧିରେନ୍ଦ୍ର ନାଥ ସ୍ୱାଇଁ ଯୋଗ ଦେଇଥିଲେ। ବଶିଷ୍ଠ ଶିକ୍ଷକ ଦିଲୀପ କୁମାର ତରାଇଙ୍କ ସଂଯୋଜନା ରେ ଗୁରୁଜୀ ନୃସିଂହ ଚରଣ ସାମଲ ଓ ସରୋଜ କୁମାର ସ୍ୱାଇଁଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ ହୋଇ ଥିବା ଛଦ୍ମବେଶ ପ୍ରତିଯୋଗିତା ରେ ମୋଟ ୧୧୭ ଜଣ ଭାଗ ନେଇଥିବା ବେଳେ ତିନୋଟି ବିଭାଗ ରେ ମୋଟ ୫୦୦ ପିଲା ଏହି କ୍ରୀଡ଼ାରେ ଅଂଶ ଗ୍ରହଣ କରି ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ମଣ୍ଡି ଖୋଲିବା ବିଳମ୍ବ : ଧାନ ଅମଳ କରି ଚିନ୍ତାରେ ଚାଷୀ

ରଘୁନାଥପୁର,୨୮।୧୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତର ଚାଷୀ ଧାନ ଅମଳ କରି ଏବେ ଚିନ୍ତାରେ। କାରଣ ମଣ୍ଡି ଖୋଲିବା ବିଳମ୍ବ ହେତୁ ଅଣି ଭାଗ ଚାଷୀ ଧାନ ଅମଳ କରି ବାହାରେ ଧାନ ବସ୍ତା ରଖିବା ସହ ଖଳାରେ ଅମଳ ଧାନ ଖୋଲା ଆକାଶ ତଳେ ରଖି ଚିନ୍ତାରେ ଦିନ କାଟୁଛନ୍ତି। ଗୋଠିଣା ଗ୍ରାମର ଶରତ ବାରିକ, ବାବୁ ସେଠୀ, ସ୍ମୃତି ରଞ୍ଜନ ବାରିକ ଏହି ପରି ବହୁ ଚାଷୀ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିବାକୁ ଅପେକ୍ଷା କରିଛନ୍ତି। ଏହି ଚାଷୀମାନଙ୍କ କହିବା ଅନୁସାରେ ଆମେ ଚାଷ କରି ଫସଲର ଉପଯୁକ୍ତ ମୂଲ୍ୟର ବ୍ୟବସ୍ଥା ହେଲେ ଆମେ ଲାଭ ବାନ ହେବା ସହ ଜମି ମାଲିକମାନେ ମଧ୍ୟ ଲାଭବାନ ହେବେ। ତେଣୁ ସରକାର ଏବଂ ଏହି ବିଭାଗର କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟିଦେଇ ଏହାର ପ୍ରତିକାର କଲେ ପ୍ରକୃତରେ ଚାଷ କରୁଥିବା ବ୍ୟକ୍ତି ଏବଂ ତାର ପରିବାର ଉପକୃତ ହୁଅନ୍ତେ। ହଠାତ୍ ବର୍ଷା ହେଲେ ଏହି ମାନଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି।

### ଜଗତସିଂହପୁର ସାହିତ୍ୟ ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବ

# ଚରିତ୍ର ଓ ସମାଜ ଗଠନରେ ସାହିତ୍ୟ ଚାବିକାଠି ହେବା ଜରୁରୀ

ଜଗତସିଂହପୁର,୨୮।୧୨(ସମିସ):

ସାରସ୍ୱତ ଅନୁଷ୍ଠାନ ଜଗତସିଂହପୁର ସାହିତ୍ୟ ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠାନର ପ୍ରତିଷ୍ଠାତା କବି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସାହିତ୍ୟ ରଚନାରେ କଳ୍ପନାକୁ ବାସ୍ତବ ସହ ଯୋଡ଼ିବା ଦରକାର ଏବଂ ଅମୃତ ସାହିତ୍ୟ ସୃଷ୍ଟି ପାଇଁ ଅମୃତମୟ ଚିନ୍ତନ ଆଣିବା ଦରକାର ବୋଲି ମତବ୍ୟକ୍ତ କରିବା ସହିତ ସାହିତ୍ୟ ସଂସ୍କୃତି, ସଭ୍ୟତା ଓ ସାମ୍ପ୍ରତିକ ସ୍ଥିତିକୁ ନେଇ ପରିପୁଷ୍ଟ ହେବା ସହ ବ୍ୟକ୍ତିତ୍ୱ ଓ ସମାଜ ଗଠନର ଚାବିକାଠି ହେବା ଦରକାର ବୋଲି ସେ ଅଭିହିତ କରିଥିଲେ। ଏହି ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଅଜୟ କୁମାର ମିଶ୍ର, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁ ଯୋଗଦେଇ ପାଠକ ଓ ସାରସ୍ୱତ ସ୍ରଷ୍ଟାଙ୍କ ମଧ୍ୟରେ ସମନ୍ୱୟ ରହିଲେ ସାହିତ୍ୟ ବଞ୍ଚି ରହିବ ବୋଲି କହିଥିଲେ। ଏଥିରେ ବସନ୍ତ ଦାସଙ୍କୁ ଗୀତିକବିତା ପାଇଁ, ଗଳ୍ପ ପାଇଁ ସୀତେଶ ତ୍ରିପାଠୀ ଓ ଶିଶୁ ସାହିତ୍ୟ ପାଇଁ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ଅଳକା ପୁରସ୍କାର, ବିଷ୍ଣୁପ୍ରିୟା ଦେବୀ ସ୍ମୃତି ସମ୍ମାନ ପାଇଁ ସତ୍ୟାବତୀ ସ୍ୱାଇଁ ଓ ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନ ଇନ୍ଦ୍ରମଣି ସାହୁଙ୍କୁ ସମ୍ମାନିତ



କରାଯାଇଥିବା ବେଳେ ସାହିତ୍ୟର ବିଭିନ୍ନ ବିଭାଗରେ ନିରନ୍ତର ସାଧନା ପାଇଁ ବରିଷ୍ଠ ସାହିତ୍ୟିକ ଓ ପ୍ରାବନ୍ଧିକ ଡ. ଅଜୟ କୁମାର ମିଶ୍ର, ଗୀତିକବି କମଳ ପଟ୍ଟନାୟକ, ଅନୁବାଦ ସାହିତ୍ୟ ପାଇଁ ବ୍ରହ୍ମାନନ୍ଦ ବିଶ୍ୱାଳ, ଶିଶୁ ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ୨୦୨୪ ବର୍ଷ ପାଇଁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ବାଣୀପୀଠ ପୁରସ୍କାର ଡ. ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା। କବିତା ପାଇଁ ପିନାକୀ ମିଶ୍ର, ଗଳ୍ପ ପାଇଁ ରବି ପଣ୍ଡା ଓ ଶିଶୁ ସାହିତ୍ୟ ପାଇଁ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କୁ ଅଳକା ପୁରସ୍କାର ପ୍ରଦାନ କରାଯାଇଥିଲା। ଶଙ୍ଖଲାଭ ପଣ୍ଡା ଯୁବ ପୁରସ୍କାର ସିପୁନୁ ଜେନା ଓ ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନ ଡ. ହରିଶ୍ଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାବନ୍ଧିକ ଡ. ଭୁବନାନନ୍ଦ ସାହୁ, ପ୍ରାବନ୍ଧିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଗୀତିକବି ଲକ୍ଷ୍ମୀନାରାୟଣ ମହାନ୍ତି, ଗୀତିକବି ମୋହିତ କୁମାର ଚକ୍ରବର୍ତ୍ତୀ, କବି ବଂଶୀଧର ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସଭାରେ ପରିଷଦର ମୁଖପତ୍ର ତ୍ରୈମାସିକ ସାହିତ୍ୟ ପତ୍ରିକା "ମକର'ର ବାର୍ଷିକ ବିଶେଷାଙ୍କ, ବିଜୟଲକ୍ଷ୍ମୀ ଆଚାର୍ଯ୍ୟଙ୍କ କବିତା ସଙ୍କଳନ 'ସ୍ଫୁଲିଙ୍ଗ', ସଚ୍ଚିଦାନନ୍ଦ ମିଶ୍ରଙ୍କ କବିତା ସଂକଳନ 'ଜହ୍ନ ଯାତ୍ରା', ପଞ୍ଚାନନ ପୋଲାଇଙ୍କ କବିତା ସଂକଳନ 'ବ୍ରହ୍ମ କମଳ', ବୈଷ୍ଣବ ଚରଣ ଗ୍ରହାଚାର୍ଯ୍ୟଙ୍କ ଭକ୍ତିଗୀତି ସଂକଳନ 'ଦତ୍ତାପହାରୀ', ସଂଗୀତା ପଣ୍ଡାଙ୍କ ଗଳ୍ପ ସଙ୍କଳନ 'ଅସରନ୍ତି ଅପରାହ୍ନ' ଓ ନିରଞ୍ଜନ ପଣ୍ଡାଙ୍କ ପୁସ୍ତକ 'ଦିବ୍ୟସନ୍ଥ ମହିମା', ଡ. ସରୋଜ କୁମାର ମିଶ୍ରଙ୍କ ପୁସ୍ତକ 'ଭକ୍ତି ପୁଷ୍ପାଞ୍ଜଳି', ଅମ୍ବୁଜା ମହାନ୍ତିଙ୍କ ପୁସ୍ତକ 'ଶୂନ୍ୟତାର ନିନାଦ', ବାଲେଶ୍ୱରରୁ ପ୍ରକାଶିତ ପତ୍ରିକା 'ଭଞ୍ଜବୀର' ଓ ଝୁନୁବାଲା ସାହୁଙ୍କ କବିତା 'କଳା ନାଉରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଉମାକାନ୍ତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ, କୋଷାଧ୍ୟକ୍ଷ ପୂର୍ଣ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାତଃ କବିତା ଆସର ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କବିତା ଆସରରେ, ନାଟ୍ୟକାର କୈଳାସ ମଲ୍ଲିକ, ଗାଳ୍ପିକା ସଙ୍ଗୀତା ପଣ୍ଡା ଓ ସାହିତ୍ୟିକା ଅନସୂୟା ଷଡ଼ଙ୍ଗୀ ଓ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ଉପସ୍ଥିତ କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅଧିବେଶନ ଶେଷରେ ପରୀକ୍ଷିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅପରାହ୍ନ ଅଧିବେଶନରେ ମନୋରମା ଶତପଥୀଙ୍କ ପରିଚାଳନାରେ ଅତିଥି ରୂପେ ନାଟ୍ୟକାର ଗଣେଶ ମହାନ୍ତି, ସାହିତ୍ୟିକ ନିରଞ୍ଜନ ପଣ୍ଡା ଓ କବି ପଞ୍ଚାନନ ପୋଲାଇ ଯୋଗ ଦେଇଥିଲେ। ସୀତାଂଶୁ ଜେନା, ସଙ୍ଗୀତା ଦାସ, ମୋନାଲିସା ମୁଦୁଲି ଓ ସନ୍ତୋଷୀ ସାହୁଙ୍କ ସଂଯୋଜନାରେ କବିମାନେ କବିତା ପାଠ କରିଥିଲେ। ସବ୍ୟସାଚୀ ତ୍ରିପାଠୀ, ସତ୍ୟବ୍ରତ ଦୁବେ, ଉଲ୍ଲାସ ମହାନ୍ତି, ଦୁର୍ଗା ପ୍ରସାଦ ମହାନ୍ତି, ବାବାଜୀ ଚରଣ ସାହୁ, ତିଳୋତ୍ତମା ଦାଶ, ଜ୍ଞାନଦୀପ ଛାଟୋଇ ଏବଂ କ୍ରୀଷ୍ଟା କଲଚରାଲ ଗ୍ରୁପ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘାସଫୁଲ ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ




ବାଲିକୁଦା,୨୮।୧୨(ସମିସ): ବାଲିକୁଦା ବ୍ଲକ ନହରଣା ବସଷ୍ଟାଣ୍ଡଠାରେ ଘାସଫୁଲ ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ କବି ପ୍ରତାପ ଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଭାବେ କବି ଡା. ଶୁଭ କୁମାର ଦାଶ ଯୋଗଦେଇଥିଲେ। ଅତିଥିମାନେ ସଂସଦର ମୁଖପତ୍ର 'ଘାସଫୁଲ' ଉନ୍ମୋଚନ କରିଥିଲେ। ସଂସଦର ସମ୍ପାଦକ ଶିବ ପ୍ରସାଦ ମହାନ୍ତିଙ୍କର ସ୍ୱରଚିତ କବିତା ପୁସ୍ତକ 'ମୁଁ' ଉନ୍ମୋଚନ କରାଯାଇଥିଲା। ଏଥି ସହ ଏହି ମଞ୍ଚରେ ପ୍ରତାପ ଚନ୍ଦ୍ର ମିଶ୍ର ଓ ଡା. ଶୁଭ କୁମାର ଦାଶଙ୍କୁ ଘାସଫୁଲ ସାହିତ୍ୟ ସମ୍ମାନ, ସାରଦା ପ୍ରସନ୍ନ ଜେନାଙ୍କୁ ଘାସଫୁଲ ସେବା ସମ୍ମାନ, ପ୍ରିୟତମା ସାହୁଙ୍କୁ ଘାସଫୁଲ ସାହିତ୍ୟ ଯୁବ ପ୍ରତିଭା ସମ୍ମାନ ଓ ସିଦ୍ଧାର୍ଥ ପ୍ରକାଶ ପରିଡାଙ୍କୁ ଘାସଫୁଲ ଅନୁରାଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ର କୁମାର ପ୍ରଧାନ, ମେନକା ପରିଡା, ପ୍ରମୋଦ ନାୟକ, ବିଜୟ କୁମାର ଦାସ, ପଣ୍ଡିତ ମାନସ ଆଚାର୍ଯ୍ୟ, କୈଳାସ ବିହାରୀ ଜେନା, ପବିତ୍ର କୁମାର ସ୍ୱାଇଁ, ପ୍ରେମାନନ୍ଦ ପରିଡା, ଡ. ବୀର ନାରାୟଣ ପାତ୍ର, ତପନ କୁମାର ନାୟକ, ସଦାନନ୍ଦ ବେହେରା, ସୁଭାଷ ଚନ୍ଦ୍ର ନାୟକ, ଡା. ଶଶାଙ୍କ ଶେଖର ସାହାଣୀ ଓ ସତ୍ୟବ୍ରତ ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରକାଶ ମହାନ୍ତି, ରଞ୍ଜିତ ଦାସ, କୃଷ୍ଣ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସାରସ୍ୱତ ସାଧକମାନେ 'ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟର ସ୍ଥିତି' ଶୀର୍ଷକ ଆଲୋଚନା କରିଥିଲେ। ପ୍ରଶାନ୍ତ ମହାନ୍ତି ଅତିଥି ପରିଚୟ ଓ ସାହିତ୍ୟ ଆଲୋଚନା କବିତା ପାଠ ସଂଯୋଜନା କରିଥିଲେ। ସମ୍ପାଦକ ଶିବ ପ୍ରସାଦ ମହାନ୍ତି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ ନାୟକଙ୍କ ସ୍ୱର ଆମର, ପାରାଦୀପ ଦ୍ୱାରା ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ 'ସ୍ମୃତି ତୁମେ ଅକ୍ଷୟ' ପରିବେଷଣ କରାଯାଇଥିଲା।


## କୁଜଙ୍ଗ ଆଥେଲେଟିକ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




କୁଜଙ୍ଗ,୨୮।୧୨(ସମିସ): କୁଜଙ୍ଗ ଆଥଲେଟିକ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ପାରାଦୀପ ଓ କେନ୍ଦ୍ରାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାରାଦୀପ ଦଳ ବିଜୟ ଲାଭ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ, ସିରିଜ, ବୋଲର, ବ୍ୟାଟ୍ସମ୍ୟାନର ଟ୍ରଫି ଖେଳାଳି ମାନଙ୍କୁ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଆଜିର ସମୟରେ କ୍ରିକେଟ ଖେଳ ସମସ୍ତଙ୍କର ଏକ ପ୍ରିୟ ଖେଳ ହୋଇପାରିଛି। ନିଶ୍ଚୟ ଏହି ଖେଳ ଏକତା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ। ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। କାର୍ଯ୍ୟକ୍ରମରେ ଯୁବବର୍ଗ, କ୍ରୀଡ଼ାପ୍ରେମୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଆଥଲେଟିକ କ୍ଲବର ସଭାପତି ଦିଲ୍ଲୀପ କୁମାର ସାହୁ, ସମ୍ପାଦକ ରଜନୀକାନ୍ତ ଗୁରୁ, ଆଥଲେଟିକ କ୍ଲବ ପୂର୍ବତନ ସଭାପତି ଅନ୍ତର୍ଯାମି ନାରାୟଣ ଦାସ ଯାଦବ ଓ ପ୍ରଦ୍ୟୁମ୍ନ କୃଷ୍ଣ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ଶେଷ ଯାତ୍ରାରେ ଯାତ୍ରା ଖଳନାୟକ ନରେନ୍ଦ୍ର

ଜଗତସିଂହପୁର,୨୮।୧୨(ସମିସ): ଅଷ୍ଟଶମ୍ଭୁ ଗଣନାଟ୍ୟ ନୂଆପଡ଼ା ଜିଲ୍ଲା, ସିନାପାଲି ଥାନା କେନ୍ଦୁମୁଣ୍ଡା ଗାଁରେ ମଞ୍ଚସ୍ଥ କରୁଥିଲା ନାଟକ "ସବୁ ବାଟ ମୋର ଏଇଠି ଶେଷ'। ନାଟକରେ ଖଳନାୟକ ଭୂମିକାରେ ଅଭିନୟ କରୁଥିଲେ ଜଗତସିଂହପୁର ଜିଲ୍ଲାର ନରେନ୍ଦ୍ର ଦାସ (ନଳୀ)। ନାଟକ ସାରି ସକାଳୁ ବସାଘରେ ପହଞ୍ଚିଲେ ନରେନ୍ଦ୍ର। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ସିନାପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସତେ ଯେମିତି ସେଇଠି ତାଙ୍କ ପାଇଁ ସବୁ ବାଟ ଶେଷ ହୋଇଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ ଯାତ୍ରା ଜଗତ ଏ ଖବର ଶୁଣି ସ୍ତବ୍ଧ ହୋଇଯାଇଥିଲା। ଏପଟେ ନରେନ୍ଦ୍ରଙ୍କ ନିଜ ଗାଁ ଜଗତସିଂହପୁର ଜିଲ୍ଲା କାଦୁଅପଡା ପଞ୍ଚାୟତର ଡିଅସାହିଠାରେ ଶୋକର ଛାୟା ଖେଳିଯାଇଥିଲା। ଗତକାଲି ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ହଜାର ହଜାର ଲୋକ ତାଙ୍କ ଶେଷକୃତ୍ୟ ସମୟରେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ସରପଞ୍ଚ ପ୍ରମୋଦ କୁମାର ସାହୁ, ଆଇନଜୀବୀ ନରେଶ ଦାସ, ସମାଜସେବୀ ସମୀର ଲେଙ୍କା, ବ୍ରଜେନ୍ଦ୍ର ଭଞ୍ଜ, କିଶୋର ବିଶ୍ୱାଳ, କ୍ଲବ୍ ଝାଡମଲ୍ଲୀ, ଡିଅସାହିର ସମସ୍ତ ସଦସ୍ୟ, ଯାଦବ ମହାସଭାର କର୍ମକର୍ତ୍ତାଙ୍କ ସହିତ ହଜାର ହଜାର ଲୋକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଗତ ୧୦ ବର୍ଷ ତଳୁ ଯାତ୍ରା ଅଭିନୟ ଆରମ୍ଭ କରିଥିବା ନରେନ୍ଦ୍ର ଦାସ (ନଳୀ) ତୁଳସୀ, ଗୌରୀ, ପାର୍ବତୀ, ଇଷ୍ଟର୍ଣ୍ଣ ରେଡ୍, ଇଷ୍ଟର୍ଣ୍ଣ ବ୍ଲୁ ଆଦି ଯାତ୍ରା ଅନୁଷ୍ଠାନ ମାନଙ୍କରେ କାର୍ଯ୍ୟ କରି ଏହି ବର୍ଷ ଅଷ୍ଟଶମ୍ଭୁ ଗଣନାଟ୍ୟରେ ଯୋଗ ଦେଇଥିଲେ। ଯାତ୍ରା ବ୍ୟତୀତ ସେ ଜଣେ ସଂକୀର୍ତ୍ତନ ଗାୟକ ଓ ଲଉଡ଼ି ଗାୟକ ମଧ୍ୟ ଥିଲେ।



## କିଛି କଥା କିଛି କବିତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୨୮।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାରଳା ରୋଡ ଠାରେ ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନୂତନ ବର୍ଷ ଆଗମନ ଉପଲକ୍ଷେ କିଛି କଥା କିଛି କବିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ବିବେକାନନ୍ଦ ହୋତା ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ବିଶ୍ୱହିନ୍ଦୁ ପରିଷଦର ହେମନ୍ତ କୁମାର ଭରଦ୍ୱାଜ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ସମାଜସେବୀ ସୁଶିଲ ସାହୁ, ଅକ୍ଷୟ ଦାସ, ଯୁବ ସମାଜସେବୀ ହିମାଂଶୁ ଶେଖର ମହାପାତ୍ର, ବିଷ୍ଣୁ ଚରଣ ଦାସ, ସ୍ମୃତି ସଂଗଠନ ସମ୍ପାଦିକା କନକ ଲତା ସୁତାର, ଅବସରପ୍ରାପ୍ତ ଶିକ୍ଷକ ନରହରି ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ସାଇ ଋତୁପର୍ଣ୍ଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ସଂସଦର କଳାକାର ମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରବସ୍ମିନି ସୁତାର, ନମିତା ପଟ୍ଟନାୟକ, ସୁଧା ରାଣୀ ଦାସ, କବିତା ମିଶ୍ର, ଅଞ୍ଜଳି ମହାନ୍ତି, ମିନତୀ ପ୍ରଭା ସାହୁ, ତପସ୍ୱିନୀ ବାରିକ, ପ୍ରିୟମ୍ବଦା ବାରିକ, କାଦମ୍ବିନୀ ଆଚାର୍ଯ୍ୟ, ପଦ୍ମାବତୀ ଦାସ, ନିର୍ମଳା ଦାସ, ମଧୁ ଛନ୍ଦା ପରିଜା, ଅର୍ଚ୍ଚନା ଭୋଇ, ଶଶିକଳା ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାବେରିକା ଆଚାର୍ଯ୍ୟ ଧନ୍ୟବାଦ୍ ଦେଇଥିଲେ।

## ପାରାଦୀପ ପ୍ରେସ୍ ମିଡିଆର ଦଶମ ବାର୍ଷିକ ଉତ୍ସବ




ପାରାଦୀପ,୨୮।୧୨(ସମିସ): ପାରାଦୀପ ପ୍ରେସ୍ ମିଡିଆ ପକ୍ଷରୁ ଦଶମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ପାଳିତ ହୋଇଯାଇଛି। ଏହି ଅବସରରେ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବରିଷ୍ଠ ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ। ପୌରାଧ୍ୟକ୍ଷ ବସନ୍ତ ବାଣ୍ଡାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂଘର ଉପଦେଷ୍ଟା ଚିତ୍ତରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, ଶୁକଦେବ ଜେନା, ଗଙ୍ଗାଧର ରାଉତ, ଧ୍ରୁବ ମହାପାତ୍ର, ବଟକୃଷ୍ଣ ଦାସ, ପ୍ରଶାନ୍ତ ରାଉତ, ଶରତ ରାଉତ, ଅଜିତ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନିକଟରେ ସ୍ୱର୍ଗାରୋହଣ କରିଥିବା ସଂଘର ଅନ୍ୟତମ ଉପଦେଷ୍ଟା ସୁଧିର ରଂଜନ ଦାଶ ଙ୍କ ସମେତ ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣା ଓ ରୁଦ୍ର ପ୍ରତାପ ନାୟକଙ୍କ ଅମର ଆତ୍ମାର ଶାନ୍ତି କାମନା କରାଯାଇଥିଲା। ଏହି ଅବସରରେ ସଂଘର ମୁଖପତ୍ର "ମୁକ୍ତପୃଷ୍ଠା' ଉନ୍ମୋଚନ ହୋଇଥିଲା। ସାମ୍ବାଦିକ ମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ସାମ୍ବାଦିକ ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ପାରାଦୀପ ପ୍ରେସ୍ ମିଡିଆର ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସଂପାଦକ ବଟକୃଷ୍ଣ ଦାସ, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ, ମନୋଜ କୁମାର ଦାସ, ଶଶାଙ୍କ ଆଚାର୍ଯ୍ୟ, ଶରତ କୁମାର ରାଉତ, ଶୁକଦେବ ଜେନା, ଧ୍ରୁବଚରଣ ମହାପାତ୍ର, ହରିଶ୍ଚନ୍ଦ୍ର ଲେଙ୍କା, ଅଜିତ୍ କୁମାର ଦାସ, ସୁଶୀଲ୍ ପଟନାୟକ, ସୁମନ୍ତ ସ୍ୱାଇଁ, ରଶ୍ମିରଂଜନ ରାଉତରାୟ, ପ୍ରଶାନ୍ତ କୁମାର ସ୍ୱାଇଁ, ବିରଜା ପ୍ରସାଦ ସେଠୀ, ସମିର କୁମାର ମହାନ୍ତୀ, ବିବେକାନନ୍ଦ ରାଉତ, ବିକାଶ କୁମାର ବେହେରାଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜିବୀ ଯୋଗଦେଇଥିଲେ। ସଭାପତି ଅଜିତ୍ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜଗତସିଂହପୁରରେ କଂଗ୍ରେସର ପ୍ରତିଷ୍ଠା ଦିବସ

ଜଗତସିଂହପୁର,୨୮।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପ୍ରଥମେ ଯୋଗଧାରୀ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ଦ୍ୱାରା କଂଗ୍ରେସ ପତାକା ଉତ୍ତୋଳନ କରାଯାଇଥିଲା। ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ଟାଉନ ହଲ୍ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ କଂଗ୍ରେସ କର୍ମୀ ମାନେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପରିଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ଶ୍ରୀ ନାୟକଙ୍କ ସୂଚନା ମୁତାବକ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ମଧ୍ୟ ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲା କଂଗ୍ରେସର ଏହି ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ଶ୍ରୀଚରଣ ରାଉତ, ବିଦ୍ୟାଧର ବାରିକ, ସର୍ବେଶ୍ୱର ପଣ୍ଡା, ମହନି ଚରଣ ରାଉତ, ମୁନା ଖାନ, ସେକ୍ ହିଦାୟତ ଅଲ୍ଲୀ, ପ୍ରିତମ ପରିଜା, ସ୍ୱରୂପ କାନୁନଗୋ, ଲକ୍ଷ୍ମୀଧର ମଲ୍ଲିକ, ମନୋଜ କୁମାର ଦାଶ, ତ୍ରିଲୋଚନ ସ୍ୱାଇଁ, ହିମାଂଶୁ ପରିଡ଼ା, ବିଭୂତି ଭୂଷଣ ସ୍ୱାଇଁ, ଅଭିଷେକ ବଳ, ବିଶ୍ୱଜିତ ସାହୁ, ସୁଜିତ ନାଥ, ସୌମ୍ୟରଞ୍ଜନ ସାହୁ, ସଦାନନ୍ଦ ମହାନ୍ତି, ଗଜେନ୍ଦ୍ର ନାୟକ, ଧନେଶ୍ୱର ନାୟକ, ଦେବ ପ୍ରସାଦ ମହାପାତ୍ର, ପ୍ରତ୍ୟୁଷ ନାୟକ, ଦେବନ୍ଦ୍ର ଦାଶ, ରୋହନ ନାୟକ, ବିଶ୍ୱଜିତ ସେଠୀ, ଦିଲ୍ଲିପ ମାହାର, ସଞ୍ଜୟ ସ୍ୱାଇଁ, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ଅଞ୍ଜନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।



ସକାଳ THE SAKALA
www.sakalaepaper.com

# ଆଇଏନ୍ଏସ୍ ଭାଗଶୀରରେ ଯାତ୍ରା କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର କର୍ଣ୍ଣାଟକର କରୱାର ନୌସେନା ଘାଟିରେ ବୁଡ଼ା ଜାହାଜ ଆଇଏନ୍ଏସ୍ ଭାଗଶୀରରେ ଯାତ୍ରା କରିଛନ୍ତି। ନୌସେନା ପ୍ରମୁଖ ଆଡମିରାଲ ଦୀନେଶ କେ. ତ୍ରିପାଠୀ ରାଷ୍ଟ୍ରପତିଙ୍କ ସହ କାଲଭାରୀ ଶ୍ରେଣୀ ବୁଡ଼ାଜାହଜ ଆଇଏନ୍ଏସ୍ ଭାଗଶୀରରେ ଯାତ୍ରା କରିଥିଲେ। ରାଷ୍ଟ୍ରପତି ପ୍ରଥମଥର ପାଇଁ ଏହି ଯାତ୍ରା କରିଛନ୍ତି। ତେବେ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ସେ ଏହି ଯାତ୍ରା କରିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ପ୍ରଥମ ରାଷ୍ଟ୍ରପତି ଭାବେ ବୁଡ଼ାଜାହଜରେ ଯାତ୍ରା କରିଥିଲେ। କଲାମ ୨୦୦୬ ଫେବୃଆରୀରେ ବୁଡ଼ାଜାହଜରେ ଚଢ଼ିଥିଲେ। ରାଷ୍ଟ୍ରପତି ମୁର୍ମୁ ନୌସେନା ୟୁନିଫର୍ମ ପିନ୍ଧି ବୁଡ଼ାଜାହାଜରେ ପହଞ୍ଚିଥିଲେ। ପି୭୫ ସ୍କର୍ପିନ ପ୍ରକଳ୍ପର ଷଷ୍ଠ ଓ ଅନ୍ତିମ ବୁଡାଜାହଜ ଆଇଏନ୍ଏସ୍ ଭାଗଶୀରକୁ ଗତ ଜାନୁଆରୀରେ ନୌସେନାରେ ସାମିଲ କରାଯାଇଥିଲା। ଏହାପୂର୍ବରୁ ରାଷ୍ଟ୍ରପତି ଭାରତୀୟ ବାୟୁସେନାର ଦୁଇଟି ଲଢୁଆ ବିମାନରେ ଉଡ଼ାଣ ଭରିସାରିଛନ୍ତି। ଏପରି କରିବାରେ ସେ ପ୍ରଥମ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ଅକ୍ଟୋବର ୨୯ରେ ଅମ୍ବାଲା ବାୟୁସେନା ଷ୍ଟେସନରୁ ଏକ ରାଫେଲ ଯୁଦ୍ଧ ବିମାନରେ ଉଡ଼ିଥିଲେ। ସେତବେଳେ ତାଙ୍କ ପାଇଲଟ ଥିଲେ ସ୍କ୍ୱାଡ୍ରନ ଲିଡର ଶିବାଙ୍ଗୀ ସିଂହ। ଏହା ପୂର୍ବରୁ ରାଷ୍ଟ୍ରପତି ୨୦୨୩ ଏପ୍ରିଲ ୭ରେ ଆସାମର ତେଜପୁର ବାୟୁସେନା ଷ୍ଟେସନରୁ ଏକ ସୁଖୋଇ ୩୦ ଏମ୍କେଆଇ ଯୁଦ୍ଧ ବିମାନରେ ଉଡ଼ାଣ ଭରିଥିଲେ। ସୁଖୋଇ ବିମାନରେ ଉଡ଼ିବା ସେ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଥିଲେ। ତାଙ୍କ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ସିଂହ ପାଟିଲ ମଧ୍ୟ ସୁଖୋଇ ବିମାନରେ ଉଡ଼ାଣ ଭରିଥିଲେ।

# ଜୀବିତ ରୋଗୀଙ୍କୁ ମୃତ ଘୋଷଣା କଲେ ଡାକ୍ତର




**ଶବ ବ୍ୟବଚ୍ଛେଦ ପାଇଁ ପୁଲିସ୍କୁ ବି ଡାକିଲେ**

କାନପୁର,୨୮ ।୧୨(ଏଜେନ୍ସି): କାନପୁରର ହାଲେଟ ହସ୍ପିଟାଲରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ହସ୍ପିଟାଲର ଜଣେ କନିଷ୍ଠ ଡାକ୍ତର ଜୀବିତ ଥିବା ଜଣେ ରୋଗୀଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏପରିକି ରୋଗୀଙ୍କ ଶବବ୍ୟବଚ୍ଛେଦ ପାଇଁ ସ୍ୱରୂପ ନଗର ଥାନାକୁ ସୂଚନା ମଧ୍ୟ ପ୍ରଦାନ କରାଯାଇଥିଲା। ଏହାପରେ ପୁଲିସ ହାଲେଟ ମର୍ଚ୍ୟୁରୀ ଅର୍ଥାତ ଶବଗୃହରେ ମୃତଦେହ ଜମା କରିବା ଅବସରରେ ସମ୍ପୃକ୍ତ ରୋଗୀଙ୍କୁ ଜୀବିତ ପାଇଥିଲା। ଏହି ଖବର ପ୍ରଚାର ହେବା ପରେ ସାରା ହସ୍ପିଟାଲରେ ହଇଚଇ ସୃଷ୍ଟି ହୋଇଥିଲା। ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଆରକେ ସିଂହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅବହେଳା କରିଥିବା ଡାକ୍ତରଙ୍କ ସମେତ ୩ କର୍ମଚାରୀଙ୍କୁ ଭର୍ତ୍ସନା କରିଥିଲେ। ତେବେ ଡାକ୍ତର ତାଙ୍କ ଭୁଲ ସ୍ୱୀକାର କରିବା ସହ କ୍ଷମା ମାଗିଥିଲେ ଓ ଭବିଷ୍ୟତରେ ଯେପରି ଏଭଳି ଭୁଲ ନହେବ ସେନେଇ ସତର୍କ ରହିବୁ ବୋଲି କହିଥିଲେ। ଏହି ଘଟଣାରେ ଏକ କମିଟି ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ମେଡିକାଲ କଲେଜ ପ୍ରିନ୍ସପାଲ ଡାକ୍ତର ସଞ୍ଜୟ କାଲା କହିଛନ୍ତି। ଏହି ଗୁରୁତର ଅବହେଳା ପାଇଁ କନିଷ୍ଠ ଡାକ୍ତର ହିମାଂଶୁ ମୌର୍ଯ୍ୟ, ଷ୍ଟାଫ୍ ନର୍ସ ସନି ସୋନକର ଓ ୱାର୍ଡ ଆଟେଣ୍ଡାଣ୍ଟ ରାହନୁମାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ୧୨ ନଂ ୱାର୍ଡରେ ଦୁଇଜଣ ରୋଗୀ ଭର୍ତ୍ତି ହୋଇଥିଲେ। ୪୨ ନଂ ବେଡ୍‌ରେ ୪୨ ବର୍ଷୀୟ ବିନୋଦ ଓ ୪୩ ନଂ ବେଡ୍‌ରେ ୬୦ ବର୍ଷୀୟ ଜଣେ ଅଜଣା ବୟସ୍କ ବ୍ୟକ୍ତି ଥିଲେ। ପ୍ରକୃତରେ ବୟସ୍କ ବ୍ୟକ୍ତି ହିଁ ମୃତ୍ୟୁବରଣ କରିଥିଲେ। କିନ୍ତୁ ଡାକ୍ତର ଭୁଲ୍‌ରେ ବିନୋଦଙ୍କୁ ମୃତ ଘୋଷିତ କରିଥିଲେ। ଘଟଣାର ତଦନ୍ତ ପାଇଁ ଭାଇସ ପ୍ରିନ୍ସପାଲ ରିଚା ଗିରିଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ତଦନ୍ତ କମିଟି ୪୮ ଘଣ୍ଟା ମଧ୍ୟରେ ତା'ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସୋମାଲିଲାଣ୍ଡକୁ ମାନ୍ୟତା

# ଇସ୍ରାଏଲକୁ ୨୧ ମୁସ୍‌ଲିମ ରାଷ୍ଟ୍ରଙ୍କ ବିରୋଧ

ଜେରୁସେଲମ,୨୮ ।୧୨(ଏଜେନ୍ସି): ଇସ୍ରାଏଲ ଡିସେମ୍ବର ୨୬ରେ ଆଫ୍ରିକାର ହର୍ଣ୍ଣରେ ଅବସ୍ଥିତ ଆଂଶିକ ସ୍ୱୀକୃତିପ୍ରାପ୍ତ ଦେଶ ସୋମାଲିଲାଣ୍ଡକୁ ଏକ ସ୍ୱତନ୍ତ୍ର ଦେଶ ରୂପେ ଆନୁଷ୍ଠାନିକ ଭାବେ ମାନ୍ୟତା ପ୍ରଦାନ କରିଛି। ପ୍ରଥମ ଦେଶ ଭାବେ ଇସ୍ରାଏଲ ଏହି ମାନ୍ୟତା ପ୍ରଦାନ କରିଛି। ଇସ୍ରାଏଲର ଏହି ନିଷ୍ପତ୍ତିକୁ ନେଇ ମୁସଲିମ ଦେଶଗୁଡ଼ିକ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇଛି। ବିଶ୍ୱର ୨୧ଟି ମୁସ୍‌ଲିମ ଦେଶ ଏହି ନିଷ୍ପତ୍ତିକୁ ବିରୋଧ କରି ମିଳିତ ବିବୃତ୍ତି ପ୍ରଦାନ କରିଛନ୍ତି। ସୋମାଲିଲାଣ୍ଡ ଆଫ୍ରିକା ହର୍ଣ୍ଣରେ ଅବସ୍ଥିତ। ଆଫ୍ରିକା ହର୍ଣ୍ଣ ହେଉଛି ଉତ୍ତର-ପୂର୍ବ ଆଫ୍ରିକାର ଏକ ପ୍ରମୁଖ ଉପଦ୍ୱୀପ। ଏହି ଦେଶ ୧୯୯୧ରେ ସୋମାଲିଆଠାରୁ ସ୍ୱାଧୀନତା ଘୋଷଣା କରିଥିଲା ଓ ସେମେଠାରୁ ସୋମାଲିଲାଣ୍ଡ ଅନ୍ତର୍ଜାତୀୟ ସ୍ୱୀକୃତି ପାଇବା ପାଇଁ ଚେଷ୍ଟା କରିଆସୁଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସୋମାଲିଲାଣ୍ଡ ରାଷ୍ଟ୍ରପତି ଅବଦିର ରହମାନ ମହମ୍ମଦ ଅବଦୁଲ୍ଲାଙ୍କ ସହ ଏକ ମିଳିତ ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ସୋମାଲିଲାଣ୍ଡ ରାଷ୍ଟ୍ରପତି ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଘୋଷଣା କରିଛନ୍ତି। ଏହା ଦ୍ୱାର ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଶାନ୍ତି ଓ ସମୃଦ୍ଧି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଆଫ୍ରିକୀୟ ସଂଘ ମଧ୍ୟ ଏହାକୁ ବିରୋଧ କରିଛି ଓ ଏହା ସୋମାଲିଆର ସାର୍ବଭୌମତ୍ୱ ଉପରେ ଏକପ୍ରକାର ଆକ୍ରମଣ ବୋଲି କହିଛି। ସେପଟେ ଇସ୍ରାଏଲ ଦେଇଥିବା ଏହି ମାନ୍ୟତାକୁ ତୁରନ୍ତ ପ୍ରତ୍ୟାହାର କରୁ ବୋଲି ସୋମାଲିଆ ଚେତାବନୀ ଦେଇ କହିଛି। ଇସ୍ରାଏଲରକୁ ବିରୋଧ କରିଥିବା ୨୧ଟି ଦେଶଗୁଡ଼ିକ ହେଲା ଜୋର୍ଡାନ, ଇଜିପ୍ଟ, ଆଲଜେରିଆ, କୋମାରୋସ, ଜିବୁତି, ଗାମ୍ବିଆ, ଇରାନ, ଇରାକ, କୁଏତ, ଲିବ୍ୟା, ମାଲଦୀପ, ନାଇଜେରିଆ, ଓମାନ, ପାକିସ୍ତାନ, ପାଲେଷ୍ଟାଇନ୍, କତାର, ସାଉଦି ଆରବ, ସୋମାଲିଆ, ସୁଦାନ, ତୁର୍କୀ ଓ ୟେମେନ। ଇସ୍ରାଏଲର ଏହି ନିଷ୍ପତ୍ତି ବିଶ୍ୱଶାନ୍ତି ଓ ସୁରକ୍ଷାକୁ ପ୍ରଭାବିତ କରିବ। ଇସ୍ରାଏଲ ଅନ୍ତର୍ଜାତୀୟ ଆଇନକୁ ଅବମାନନା କରିଛି ବୋଲି ଏହି ଦେଶଗୁଡ଼ିକ କହିଛନ୍ତି।

# ଖରାପ ପାଗ ପାଇଁ ବିମାନ ଚଳାଚଳ ପ୍ରଭାବିତ

**ଲକ୍ଷ୍ନୌରୁ ମୁମ୍ବଇ, ବେଙ୍ଗାଲୁରୁକୁ ବିମାନ ଉଡ଼ାଣ ବାତିଲ** | **ଦିଲ୍ଲୀ, ମୁମ୍ବଇ, ହାଇଦରାବାଦ ରୁଟ୍‌ରେ ବିଳମ୍ବ**

ଲକ୍ଷ୍ନୌ,୨୮ ।୧୨(ଏଜେନ୍ସି): ଘନ କୁହୁଡ଼ି ଓ କମ୍ ଦୃଶ୍ୟମାନ ଦୂରତା କମ୍ ହେବା କାରଣରୁ ସମଗ୍ର ଉତ୍ତର ଭାରତରେ ବିମାନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ ସମେତ ଅନେକ ସହରକୁ ସଂଯୋଗ କରୁଥିବା ବିମାନଗୁଡ଼ିକ ବିଳମ୍ବିତ ହୋଇଛି ଓ ଆଉ କେତେକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ବିମାନ ବନ୍ଦରର ରନୱେରେ ଦୃଶ୍ୟମାନ ହ୍ରାସ ପାଇବା କାରଣରୁ ପାଇଲଟମାନଙ୍କୁ ଉଡ଼ାଣ ଓ ଅବତରଣ ପାଇଁ ଅତିରିକ୍ତ ସମୟ ବିତାଇବାକୁ ପଡ଼ିଥିଲା। ଲକ୍ଷ୍ନୌରୁ ମୁମ୍ବାଇ ଓ ବେଙ୍ଗାଲୁରୁ ଯିବାକୁ ଥିବା ବିମାନ ଉଡ଼ାଣଗୁଡ଼ିକୁ ବାତିଲ କରିବାକୁ ପଡିଛି। ଫଳରେ ବିମାନ ଯାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀ ଅଭିମୁଖେ ଯାଉଥିବା ଅନ୍ତର୍ଜାତୀୟ ବିମାନଗୁଡ଼ିକ କୁହୁଡ଼ି ଦ୍ୱାରା ସର୍ବାଧିକ ବାଧାପ୍ରାପ୍ତ ହୋଇଥିଲା। ଭର୍ଜିନ ଆଟଲାଣ୍ଟିକ ଏୟାରୱେଜ, ବ୍ରିଟିଶ ଏୟାରୱେଜ, ଜାପାନ ଏୟାର ଲାଇନ୍ସ ଓ ଏୟାର ଇଣ୍ଡିଆ ଫ୍ଲାଇଟ୍‌ଗୁଡ଼ିକ ୫୦ ମିନିଟ କିମ୍ବା ତା'ଠାରୁ ଅଧିକ ସମୟ ବିଳମ୍ବିତ ହୋଇଥିଲା। ତେବେ ମୁମ୍ବଇ ଓ ହାଇଦରାବାଦ୍‌ରୁ ଆସୁଥିବା ବିମାନଗୁଡ଼ିକ ସାମାନ୍ୟ ପ୍ରଭାବିତ ହୋଇଥିଲା। ସେହିପରି କୁହୁଡ଼ି ଓ ପରିଚାଳନାଗତ ତ୍ରୁଟି କାରଣରୁ ଦୁଇଟି ବିମାନ ବାତିଲ ହୋଇଥିଲା। ବେଙ୍ଗାଲୁରୁକୁ ଯାଉଥିବା ଆକାଶ ଏୟାରଲାଇନ୍ସ ବିମାନ ଓ ମୁମ୍ବାଇକୁ ଯାଉଥିବା ଇଣ୍ଡିଗୋ ବିମାନକୁ ବାତିଲ କରିବାକୁ ପଡିଥିଲା।

## ଆମେରିକା ଗଣମାଧ୍ୟମର ରିପୋର୍ଟ

# ହିମାଳୟରେ ସୁଡ଼ଙ୍ଗ, ଏୟାରଷ୍ଟ୍ରିପ୍ କରୁଛି ଭାରତ

ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି)



- ଗଲୱାନ ସଂଘର୍ଷ ପରେ ନିର୍ମାଣ ହେଉଛି ଭିତ୍ତିଭୂମି
- ସୀମାକୁ ସହଜ ହେବ ଅସ୍ତ୍ରଶସ୍ତ୍ର ପରିବହନ

ଚୀନ୍ ସହିତ ଯେକୌଣସି ପ୍ରକାର ସମ୍ଭାବ୍ୟ ସଂଘର୍ଷ ପାଇଁ ପ୍ରସ୍ତୁତ ହେବାକୁ ଭାରତ ପ୍ରୟାସ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଜଣାଶୁଣା ଆମେରିକୀୟ ଗଣମାଧ୍ୟମ 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ' ତା'ର ଏକ ରିପୋର୍ଟରେ ଏ ନେଇ ତଥ୍ୟ ପ୍ରକାଶ କରିଛି। ଭାରତ ହିମାଳୟ ଅଞ୍ଚଳରେ ରାସ୍ତା, ସୁଡ଼ଙ୍ଗ ଓ ଏୟାର ଷ୍ଟ୍ରିପ୍ ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। ରିପୋର୍ଟ ଅନୁଯାୟୀ, ୨୦୨୦ରେ ଗଲୱାନ ଉପତ୍ୟାକାରେ ଚୀନ୍ ସହ ହୋଇଥିବା ହିଂସାତ୍ମକ ସଂଘର୍ଷ ପରେ ଭାରତ ଏହି ପଦକ୍ଷେପ ଆରମ୍ଭ କରିଛି। ଏହି ସଂଘର୍ଷ ୨,୨୨୦ ମାଇଲ ଲମ୍ବା ସୀମାରେ ଭାରତର ଲଜିଷ୍ଟିକ ପ୍ରଣାଳୀର ପ୍ରମୁଖ ତ୍ରୁଟିକୁ ସମସ୍ତଙ୍କ ନଜରକୁ ଆଣିଥିଲା। ଦଶନ୍ଧି ଧରି ଚୀନ୍ ତା'ର ସୀମାରେ ରେଳ ଲାଇନ୍ ଓ ରାସ୍ତାର ବିଶାଳ ନେଟୱର୍କ ନିର୍ମାଣ କରିଆସିଛି। କିନ୍ତୁ ଭାରତ ତା'ର ପାର୍ବତ୍ୟ ସୀମାବର୍ତ୍ତୀ ଅଞ୍ଚଳକୁ ଦ୍ରୁତଗତିରେ ସୈନିକ ପରିବହନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବାରେ ଯଥେଷ୍ଟ ପଛରେ ପଡିଛି। ୨୦୨୦ ଗଲୱାନ ସଂଘର୍ଷରେ ଦୁଇ ଦେଶର ସୈନିକ ସମୁଦ୍ର ପତନର ୧୪,୦୦୦ ଫୁଟ ଉଚ୍ଚତାରେ କଣ୍ଟା ତାରରେ ଗୁଡାଯାଇଥିବା ବାଡ଼ି ଓ ହାତରେ ସଂଘର୍ଷ କରିଥିଲେ। ଏହି ପାର୍ବତ୍ୟ ଅଞ୍ଚଳରେ ଚୀନ୍ ମାତ୍ର କେତେ ଘଣ୍ଟା ମଧ୍ୟରେ ସାହାଯ୍ୟ ପହଞ୍ଚାଉଥିବା ବେଳେ ଭାରତକୁ ଏଥିପାଇଁ ସପ୍ତାହେ ସମୟ ଲାଗୁଛି। ତେଣୁ ଭାରତ ଏବେ ତା'ର ରଣନୀତିରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି।

ଏହି ପ୍ରକଳ୍ପଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଯେ, ବହୁ ଉଚ୍ଚରେ ଥିବା ସାମରିକ ପୋଷ୍ଟଗୁଡ଼ିକୁ ବିଚ୍ଛିନ୍ନ ଜନବସତି ସହ ସଂଯୋଗ କରିବା। ଭାରତ ୧୧,୫୦୦ ଫୁଟ୍ ଉଚ୍ଚତାରେ ଜୋଜିଲା ସୁଡ଼ଙ୍ଗ ନିର୍ମାଣ କରୁଛି। ୬,୭୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହା ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ନିର୍ମାଣ ସରିଲେ ସୀମା ପୋଷ୍ଟଗୁଡ଼ିକୁ ଯୋଗାଣ ସହାୟତା ସହଜ ହେବ ବୋଲି କୁହାଯାଇଛି। ସେପଟେ ଗଲୱାନ ସଂଘର୍ଷ ପରେ ଚୀନ୍ ମଧ୍ୟ ତା'ର ଭିତ୍ତିଭୂମି ନିର୍ମାଣ କରୁଛି। ଭାରତ ମଧ୍ୟ ସୀମାରେ ୩୦ରୁ ଅଧିକ ହେଲିପ୍ୟାଡ ନିର୍ମାଣ କରିଛି।

# ଭାରତ ପଳାଇଛନ୍ତି ହାଦିଙ୍କ ହତ୍ୟାକାରୀ

ଢାକା,୨୮ ।୧୨(ଏଜେନ୍ସି): ଭାରତ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ଜଣାଶୁଣା ଥିବା ବାଂଲାଦେଶୀ ଯୁବନେତା ଉସ୍‌ମାନ ହାଦିଙ୍କ ହତ୍ୟା ମାମଲା ଏବେ ନୂଆ ମୋଡ଼ ନେଇଛି। ହାଦିଙ୍କୁ ହତ୍ୟା କରିଥିବା ଦୁଇ ସନ୍ଦିଗ୍ଧ ଭାରତ ଖସି ପଳାଇଯାଇଛନ୍ତି। ବାଂଲାଦେଶ ଖବର କାଗଜ 'ଦି ଡେଲି ଷ୍ଟାର' ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଦୁଇ ସନ୍ଦିଗ୍ଧ ମେଘାଳୟ ବାଟ ଦେଇ ଭାରତ ପଳାଇଯାଇଛନ୍ତି। ଢାକା ମେଟ୍ରୋପଲିଟାନ ପୁଲିସ (ଡିଏମ୍‌ପି) ଡେଲି ଷ୍ଟାରକୁ ହିଁ ଏହି ସୂଚନା ପ୍ରଦାନ କରିଥିଲା ବୋଲି କୁହାଯାଇଛି। ତେବେ ବାଂଲଦେଶ ପୁଲିସର ଏହି ଅଭିଯୋଗକୁ ମେଘାଳୟରେ ଥିବା ସୁରକ୍ଷା ଏଜେନ୍ସିଗୁଡ଼ିକ ଖଣ୍ଡନ କରିଛନ୍ତି। ଏହାର କୌଣସି ପ୍ରମାଣ ନାହିଁ। ଏଭଳି ଅଭିଯୋଗ ଭିତ୍ତିହୀନ ଓ ଅମୂଳକ। ଏନେଇ ଆମ ପାଖରେ କୌଣସି ଖବର ନାହିଁ ବୋଲି ବିଏସ୍ଏଫ୍‌ର ମେଘାଳୟର ମୁଖ୍ୟ ଆଇଜି ଓପି ଉପାଧ୍ୟାୟ କହିଛନ୍ତି।

ଅତିରିକ୍ତ ପୁଲିସ କମିଶନର ଏସ୍ଏନ୍ ନଜରୁଲ ଇସଲାମ ଗଣମାଧ୍ୟମଗୁଡ଼ିକୁ

**ଭାରତୀୟ ଏଜେନ୍ସିର ଖଣ୍ଡନ**

କହିଛନ୍ତି ଯେ, ଦୁଇ ସଂଦୀଗ୍ଧ ବ୍ୟକ୍ତି ଫୈସଲ କରିମ ମାସୁଦ ଓ ଆଲମଗିରି ଶେଖ ମୈମେନସିଂ ଜିଲ୍ଲାର ହାଲୁଆଘାଟ ସୀମା ଦେଇ ଭାରତର ମେଘାଳୟ ରାଜ୍ୟକୁ ପ୍ରବେଶ କରିଥିଲେ। ଏହି ଦୁଇଜଣ ସ୍ଥାନୀୟ ସହଯୋଗୀଙ୍କ ସହାୟତାରେ ସୀମା ପାର କରିବାରେ ସଫଳ ହୋଇଥିଲେ। ଏ ସଂକ୍ରାନ୍ତରେ ଆମେ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛୁ ଓ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ଭାରତରେ ପ୍ରବେଶ କରିବା ପରେ ଦୁହେଁ ପୂର୍ତ୍ତୀ ନାମକ ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ। ଏହାପରେ ସାମି ନାମକ ଜଣେ ଟ୍ୟାକ୍ସି ଡ୍ରାଇଭର ଦୁଇଜଣଙ୍କୁ ମେଘାଳୟର ତୁରା ଟାଉନକୁ ନେଇଥିଲେ। ଏହି ଦୁଇଜଣଙ୍କୁ ସହାୟତା ପ୍ରଦାନ କରିଥିବା ଦୁଇ ବ୍ୟକ୍ତିଙ୍କୁ ଭାରତ କର୍ତ୍ତୃପକ୍ଷ ଅଟକ ରଖିଛନ୍ତି। ଏ ନେଇ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇଛି। ସେମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବାକୁ ପ୍ରୟାସ କରାଯାଉଛି ଓ ପୁଲିସ ଏହି ମାମଲାରେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରୁଛି ବୋଲି କୁହାଯାଉଛି। ପୂର୍ବରୁ ହାଦିଙ୍କ ହତ୍ୟା ମାମଲାରେ ବାଂଲାଦେଶ ଭାରତକୁ ହିଁ ଦାୟୀ କରିଥିଲା। ହାଦିଙ୍କ ହତ୍ୟା ବିରୋଧରେ ବାଂଲାଦେଶରେ ଏବେ ମଧ୍ୟ ବିରୋଧ ପ୍ରଦର୍ଶନ ଜାରି ରହିଛି।

# ଲଣ୍ଡନରେ ଭାରତୀୟଙ୍କ ବିକ୍ଷୋଭ ପ୍ରଦର୍ଶନରେ ବାଧା ଦେଲେ ଖଲିସ୍ତାନୀ ସମର୍ଥକ

ଲଣ୍ଡନ,୨୮ ।୧୨(ଏଜେନ୍ସି): ଲଣ୍ଡନସ୍ଥିତ ବାଂଲାଦେଶ ହାଇକମିଶନ ବାହାରେ ଭାରତୀୟ ହିନ୍ଦୁ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ କେତେକ ଖଲିସ୍ଥାନୀ ସମର୍ଥକ ଏଥିରେ ବାଧାସୃଷ୍ଟି କରିଛନ୍ତି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଏହାକୁ ବିରୋଧ କରି ଡିସେମ୍ବର ୨୭ରେ ଭାରତୀୟମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଶିଖ୍ ଫର ଜଷ୍ଟିସ୍ (ଏସ୍‌ଜେଏଫ୍) ସହ ଜଡ଼ିତ ଖଲିସ୍ତାନ କାର୍ଯ୍ୟକର୍ତ୍ତା ସେଠାକୁ ଆସି ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ ଓ ଖଲିସ୍ତାନ ପତାକା ଉଡ଼ାଇଥିଲେ। ସହିଦ ନିଜ୍ଜର ଓ ସହିଦ ହାଦି ଲେଖାଥିବା ପୋଷ୍ଟର ପ୍ରଦର୍ଶନ କରିଥିଲେ ଖଲିସ୍ତାନୀ ସମର୍ଥକ। ଏହି ଅବସରରେ ସେମାନେ ଭାରତୀୟଙ୍କୁ ଧକ୍କା ମାରିଥିଲେ। ନିଜକୁ ରକ୍ଷା କରିବା ପାଇଁ ବାଂଲାଦେଶ ହିନ୍ଦୁ କିପରି ଭାରତ ଆସିବେ ସେଥିପାଇଁ ସୀମା ଖୋଲିବାକୁ ଭାରତୀୟ ବିକ୍ଷୋଭ ପ୍ରଦର୍ଶନକାରୀ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବାଂଲାଦେଶରେ ଗୋଟିଏ ବର୍ଷରେ ହିନ୍ଦୁମାନଙ୍କ ଉପରେ ୨୯୦୦ରୁ ଅଧିକ ହିଂସାତ୍ମକ ଆକ୍ରମଣ କରାଯାଇଛି। କିଛିଦିନ ତଳେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ମିଥ୍ୟା ଈଶନିନ୍ଦା ଅଭିଯୋଗରେ ଉତ୍ତ୍ୟକ୍ତ ଭିଡ଼ ହତ୍ୟା କରିବା ପରେ ନିଆଁରେ ଜାଳିଦେଇଥିଲେ ଓ ଏହା ଭାରତ ସମେତ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା।

# ହୁମାୟୁନ କବୀରଙ୍କ ପୁଅ ଅଟକ

କୋଲକାତା,୨୮ ।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ବାବରୀ ମସଜିଦ୍‌ର ଶିଳାନ୍ୟାସ ରଖିଥିବା ଜନତା ଉନ୍ନୟନ ପାର୍ଟି (ଜେୟୁପିର ଅଧ୍ୟକ୍ଷ ହୁମାୟୁନ କବୀରଙ୍କ ପୁଅ ଗୁଲାମ ନବୀ ଆଜାଦକୁ ଅଟକ ରଖାଯାଇଛି। ଜଣେ କାର୍ଯ୍ୟରତ ପୁଲିସଙ୍କ ଉପରେ ସେ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। କନେଷ୍ଟବଳ ଅଭିଯୁକ୍ତଙ୍କ ପିତା କବୀରଙ୍କ ସୁରକ୍ଷା ପାଇ ନିୟୋଜିତ ଥିଲେ। କବୀରଙ୍କୁ ଛୁଟି ମାଗିବା ସମୟରେ ଗୁଲାମ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ ବୋଲି କନେଷ୍ଟବଳ ଜଣକ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୁଲିସ ଗୁଲାମକୁ ଶକ୍ତିପୁର ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅବଶ୍ୟ ଘଟଣା ସମୟରେ କବୀର ଘରେ ନଥିଲେ। କବୀର ତୃଣମୂଳ କଂଗ୍ରେସରୁ ଭରତପୁରରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

# ନୁର୍‌ଖାନ୍ ଏୟାରବେସ୍‌ରେ ଭାରତ ୮୦ ଡ୍ରୋନ୍ ମାଡ଼ କରିଥିଲା: ପାକିସ୍ତାନ

ଇସଲାମାବାଦ,୨୮ ।୧୨(ଏଜେନ୍ସି): ପାକିସ୍ତାନ ଉପ ପ୍ରଧାନମନ୍ତ୍ରୀ ଇଶାକ ଦାର ଅପରେସନ ସିନ୍ଦୂର ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ଅପରେସନରେ ଭାରତ ପାକିସ୍ତାନର ନୁରଖାନ ଏୟାର ବେଶ୍ ଉପରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବହୁ ସୈନ୍ୟ ଆହତ ହୋଇଥିଲେ ଓ ସେନା ଆଡ୍ଡା କ୍ଷତିଗ୍ରସ୍ତ ହୋଇଥିଲା ବୋଲି ବର୍ଷ ଶେଷର ଅନ୍ତିମ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିନ କରି ସେ ଏହି କଥା କହିଛନ୍ତି। ଭାରତ ରାୱଲପିଣ୍ଡିର ଚକଲା ଅଞ୍ଚଳରେ ନିର୍ମିତ ନୁର ଖାନ୍ ଏୟାରବେସକୁ ଟାର୍ଗେଟ କରିଥିଲା ଓ ୩୬ ଘଣ୍ଟା ମଧ୍ୟରେ ପାକିସ୍ତାନ ଉପରେ ୮୦ରୁ ଅଧିକ ଡ୍ରୋନ ପଠାଇଥିଲା। ତେବେ ପାକିସ୍ତାନ ୭୯ ଡ୍ରୋନକୁ ଖସାଇ ଦେଇଥିଲା। କିନ୍ତୁ ଗୋଟିଏ ଡ୍ରୋନ ଏୟାରବେସ୍ ନିକଟରେ ପହଞ୍ଚିଥିଲା। ଭାରତ ପାକିସ୍ତାନର ଏକାଧିକ ସୈନ୍ୟ ଆଡ୍ଡା ଉପରେ ଆକ୍ରମଣ କରିଥିଲା। ଫଳରେ ମୋଟ ଉପରେ ୧୧ଟି ଆଡ୍ଡା କ୍ଷତିଗ୍ରସ୍ତ ହୋଇଥିଲା।

**'ଅପରେସନ ସିନ୍ଦୂର'ରେ ନଷ୍ଟ ହୋଇଥିଲା ୧୧ ଏୟାରବେସ୍**


# ଭାରତ ସହ ପୁଣି ଯୁଦ୍ଧ ପାଇଁ ପ୍ରସ୍ତୁତ: ଜର୍ଦ୍ଦାରୀ

କରାଚୀ,୨୮ ।୧୨(ଏଜେନ୍ସି): ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ପୁଣି ଏକ ବିବାଦୀୟ ତଥା ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି। ଭାରତ ସହ ପାକିସ୍ତାନ ପୁଣିଥରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଗତ ମେ' ମାସରେ ଯୁଦ୍ଧ ସମୟରେ ପାକିସ୍ତାନ ଭାରତ ଆକ୍ରମଣର କଡ଼ା ଜବାବ ଦେଇଥିଲା। ଏହାପରେ ଯୁଦ୍ଧ ଏକ ପିଲା ଖେଳ ନୁହେଁ ବୋଲି ଭାରତ ସରକାର ହୃଦୟଙ୍ଗମ କରିଛନ୍ତି ବୋଲି ସେ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ମୃତ୍ୟୁ ବାର୍ଷିକୀ ପାଳନ ପାଇଁ ଶନିବାର କରାଚୀରେ ଆୟୋଜିତ ରାଲିରେ ଭାଷଣ ଦେବା ଅବସରରେ ସେ ଏହା କହିଛନ୍ତି। ସେହିପରି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାବଲ ଭୁଟ୍ଟୋ ଜର୍ଦ୍ଦାରୀ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେ କହିଛନ୍ତି ଯେ, ମୋଦୀ ମୁନୀରଙ୍କ ନାମ ଶୁଣିବା ମାତ୍ରେ ହିଁ ଲୁଚି ଯାଉଛନ୍ତି। ମୁନୀରଙ୍କୁ ମୋଦୀ ଭୟ କରୁଛନ୍ତି। ବିଦେଶରେ ମୋଦୀ ଏବେ ପାକିସ୍ତାନ ବିରୋଧରେ ଆଉ କିଛି କହୁନାହାନ୍ତି। ଗତ ମେ'ରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତକୁ ପରାସ୍ତ କରିଥିଲା ବୋଲି ବିଲାବଲ କହିଛନ୍ତି।

## ମ୍ୟାଁମାର୍‌ରୁ ଭେନେଜୁଏଲା

# ସାରା ବିଶ୍ୱରେ ଦଖଲ ଦେଉଛି ଆମେରିକା

ୱାସିଂଟନ, ୨୮।୧୨ (ଏଜେନ୍ସି)



ଆମେରିକା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି। ଅନେକ ଦେଶର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ଖେଳାଉଛି। ନିଜ ଦେଶର ନୀତିକୁ ସମର୍ଥନ ଦେଉ ନ ଥିବା ସରକାରକୁ ଭାଙ୍ଗିବାକୁ ଆମେରିକା ପ୍ରୟାସ କରୁଛି। ଏଥିପାଇଁ ସିଧାସଳଖ ଦଖଲ ଦେଉଛି। ସ୍ଥିତି ଏପରି ହୋଇଛି ଯେ କୌଣସି ଦେଶର ନିର୍ବାଚନ ଫଳାଫଳ ସେହି ଦେଶର ଜନତା ନୁହେଁ, ବରଂ ଆମେରିକା ସ୍ଥିର କରୁଛି। ଦୀର୍ଘ ବର୍ଷ ହେଲା ଆମେରିକା ଉପରେ ଏଭଳି ଅଭିଯୋଗ ଲାଗି ଆସିଛି। ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଏହି ଦଖଲ ସୀମା ଟପି ଯାଇଛି। ସରକାରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ସେ ଅଲଗା ଅଲଗା ଉପାୟ ଅବଲମ୍ବନ କରୁଛନ୍ତି। କେଉଁଠି ନିଜ ପସନ୍ଦଯୋଗ୍ୟ ନେତାଙ୍କୁ ଜିତାଇବା ପାଇଁ ଚାହୁଁଛନ୍ତି ତ ଆଉ କେଉଁଠି ରାଷ୍ଟ୍ରପତିଙ୍କୁ ଗାଦିଚ୍ୟୁତ କରିବାକୁ ଧମକ ପରେ ଧମକ ଦେଇ ଚାଲିଛନ୍ତି। ଅନ୍ୟ କେଉଁଠି ସାମରିକ ଏବଂ ଆର୍ଥିକ କ୍ଷମତା ବ୍ୟବହାର କରି ସରକାର ଭୁଶୁଡ଼ାଇବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଭେନେଜୁଏଲା ଏହାର ପ୍ରକୃଷ୍ଟ ଉଦାହରଣ ପାଲଟିଛି।

ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବାକୁ ଟ୍ରମ୍ପ ପ୍ରୟାସ କରୁଛନ୍ତି। ସେ ନିଜ ପ୍ରଥମ କାର୍ଯ୍ୟକାଳ ୨୦୧୯ରେ ଭେନଜୁଏଲାର ବିରୋଧୀ ନେତା ଜୁଆନ ଗୁଆଇଦୋଙ୍କୁ ଅନ୍ତରୀଣ ରାଷ୍ଟ୍ରପତି ମାନିଥିଲେ। ମାଦୁରୋ ନିଶା କାରବାରରେ ସମ୍ପୃକ୍ତ ଏବଂ ଜାଲିଆତି କରି ନିର୍ବାଚନ ଜିତିଥିବା ଟ୍ରମ୍ପ ଅଭିଯୋଗ କରିଥିଲେ। ଦ୍ୱିତୀୟଥର ରାଷ୍ଟ୍ରପତି ହେବା ପରେ ମାଦୁରୋଙ୍କୁ ହଟାଇବା ପାଇଁ ସେ ଯୁଦ୍ଧ ଜାହାଜ ମୁତୟନ କରିଛନ୍ତି। ସିଆଇଏ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ମଞ୍ଜୁରି ଦେଇଛନ୍ତି। ଭେନେଜୁଏଲାର ତୈଳ ଟ୍ୟାଙ୍କରକୁ ମଧ୍ୟ ଆମେରିକା ସେନା ଜବତ କରୁଛି।

ବ୍ରାଜିଲରେ ଟ୍ରମ୍ପ ଅସ୍ଥିରତା ସୃଷ୍ଟି କରିଛନ୍ତି। ଦୁର୍ନୀତି ମାମଲାରେ ଫସିଥିବା ପୂର୍ବତନ ରାଷ୍ଟ୍ରପତି ତଥା ଘନିଷ୍ଠ ସହଯୋଗୀ ଜାର ବୋଲସୋନାରୋଙ୍କୁ ଟ୍ରମ୍ପ ସମର୍ଥନ କରୁଛନ୍ତି। ଏହାକୁ ସାକାର କରିବା ପାଇଁ ଭେନେଜୁଏଲା ଉପରେ ଆମେରିକା ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ସେହିପରି ବୋଲସୋନାରୋଙ୍କ ବିରୋଧରେ ରାୟ ଦେଇଥିବା ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ଭିସା ଏବଂ ଆର୍ଥିକ କଟକଣା ଲଗାଯାଇଛି। ବୋଲସୋନାରୋଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ଆମେରିକା ଚାପ ପକାଇବା ବୋଲି ବାର୍ତ୍ତା ଦିଆଯାଉଛି।

ମଧ୍ୟ ଆମେରିକୀୟ ଦେଶ ହୋଣ୍ଡୁରାସରେ ନଭେମ୍ବର ୩୦ରେ ନିର୍ବାଚନ ହୋଇଥିଲା। ଏଥିରେ ଟ୍ରମ୍ପ ଖୋଲାଖୋଲି

- ସରକାର ହଟାଇବାକୁ ଯୁଦ୍ଧ ଜାହାଜ ମୁତୟନ; ୫୦% ଶୁଳ୍କ ଲାଗୁ
- ନିର୍ବାଚନୀ ଫଳାଫଳ ଜନତା ନୁହେଁ; ଆମେରିକା ସ୍ଥିର କରୁଛି
- ମ୍ୟାଁମାରରେ ଚୀନ୍‌କୁ ଆହ୍ୱାନ

ଭାବେ ଶାସକ ନସରି ଅସଫୁରାଙ୍କୁ ସମର୍ଥନ ଦେଇଥିଲେ। ସେ ନ ଜିତିଲେ ଆମେରିକା ଦେଉଥିବା ଆର୍ଥିକ ସହାୟତା ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ। ନିର୍ବାଚନରେ ଜାଲିଆତି, ଭୋଟ ଗଣତିରେ ବିଳମ୍ବ, ଯାନ୍ତ୍ରିକ ତ୍ରୁଟି ମଧ୍ୟରେ ଅସଫୁରାଙ୍କୁ ବିଜେତା ଘୋଷଣା କରାଯାଇଥିଲା। ତେବେ ବିରୋଧୀ ଏହି ଫଳାଫଳକୁ ମାନିବାକୁ ମନା କରିଦେଇଥିଲେ। ନିର୍ବାଚନ ସମୟରେ ହଣ୍ଡୁରାସର ପୂର୍ବତନ ରାଷ୍ଟ୍ରପତି ଜୁଆନ ଓରଲାଣ୍ଡୋଙ୍କ ଦଣ୍ଡକୁ କ୍ଷମା କରିଦିଆଯାଇଥିଲା। ସେ ଆମେରିକାକୁ ନିଶା ଚୋରାଚାଲାଣ କରୁଥିବା ଅଭିଯୋଗ ଲାଗିଥିଲା। ସେ ମଧ୍ୟ ଅସଫୁରାଙ୍କ ଦଳ ସହ ଜଡ଼ିତ ଥିଲେ। ଏହାକୁ ଟ୍ରମ୍ପଙ୍କ ରାଜନୈତିକ ଚାଲ ଧରା ଯାଇଥିଲା।

୨୦୨୫ ଅକ୍ଟୋବର ୨୬ରେ ଆର୍ଜେଣ୍ଟିନାର ସଂସଦୀୟ ନିର୍ବାଚନ ପୂର୍ବରୁ ଟ୍ରମ୍ପ ସେଠାକାର ରାଷ୍ଟ୍ରପତି ଜେଭିୟର ମିଲେଇଙ୍କ ସହ କଥା ହୋଇଥିଲେ। ସେ ହାରିଗଲେ ଆର୍ଜେଣ୍ଟିନା ଉପରେ କଠୋର ଆଭିମୁଖ୍ୟ ଆପଣା ଯିବ ବୋଲି ଟ୍ରମ୍ପ କହିଥିଲେ। ଏହାକୁ ନେଇ ଭୟର ବାତାବରଣ ବ୍ୟାପି ଯାଇଥିଲା। ରାଜନୀତି ଅଧିକ ବୃଦ୍ଧି ପାଇଥିଲା। ଶେଷରେ ନିର୍ବାଚନୀରେ ମିଲେଇଙ୍କ ଦଳ ବିଜୟୀ ହୋଇଥିଲା।

୨୦୨୦ରେ ଆମେରିକା ସମର୍ଥନରେ ନୋବେଲ ବିଜେତା ମାନବାଧିକାର କର୍ମୀ ଆଙ୍ଗ ସାନ ସୁ କି ମ୍ୟାଁମାରରେ କ୍ଷମତାସୀନ ହୋଇଥିଲେ। ମାତ୍ର ୨୦୨୧ରେ ସେନା କ୍ଷମତା ଦଖଲ କରିଥିଲା। ଏବେ ୨୮ ତାରିଖରେ ଆମେରିକାରେ ନିର୍ବାଚନ ହେବାକୁ ଯାଉଛି। ତେବେ ଦେଶର ଅର୍ଦ୍ଧାଧିକ ଭାଗରେ ଏହି ନିର୍ବାଚନ ହେବ ନାହିଁ। ଏ ସବୁରୁ ବିରୋଧୀ ନେତାଙ୍କୁ ବାହାର କରି ଦିଆଯାଉଛି। କେବଳ ଦେଖାଇବା ପାଇଁ ଏହି ନିର୍ବାଚନ ହେଉଥିବା କୁହାଯାଉଛି। ଏଠାରେ ଆମେରିକାକୁ ଚୀନ୍ ଆହ୍ୱାନର ମୁକାବିଲା କରିବାକୁ ପଡୁଛି। ଏହି ନିର୍ବାଚନ ପାଇଁ ଚୀନ୍ ଭୋଟର ତାଲିକା, ଜ୍ଞାନକୌଶଳ ଏବଂ ପର୍ଯ୍ୟବେକ୍ଷକ ପଠାଇ ସାମରିକ ଶାସକ ଜେନେରାଲ ମିନ ଆଙ୍ଗ ହ୍ଲାଇଙ୍ଗଙ୍କୁ ବୈଧ ଦେଖାଇବାକୁ ଚାହୁଁଛି। ଭାରତ ମହାସାଗରରେ ପହଞ୍ଚିବା ପାଇଁ ମ୍ୟାଁମାରକୁ ଚୀନ୍ ଏକ ମାର୍ଗ ଭାବେ ଦେଖୁଛି। ଏଠାରେ ବନ୍ଦର, ତୈଳ ଗ୍ୟାସ ପାଇପଲାଇନ,ରାସ୍ତା ନିର୍ମାଣ ସହିତ ଅନେକ ବଡ଼ ପ୍ରକଳ୍ପ ଚଳାଇଛି। ମାତ୍ର ଗୃହଯୁଦ୍ଧ ଯୋଗୁଁ ସବୁ ଅଟକି ରହିଛି। ଏଥିପାଇଁ ସେନା ଶାସନକୁ ଚୀନ୍ ସମର୍ଥନ ଦେଉଛି। ମାତ୍ର ଆମେରିକା ଏପରି ଚାହୁଁ ନାହିଁ। ଚୀନ୍ କର୍ତ୍ତୃତ୍ୱ ହ୍ରାସ କରିବା ପାଇଁ ପ୍ରୟାସ କରୁଛି। ମ୍ୟାଁମାର ଉପରେ ଚାପ ପକାଉଛି।

# ବିଶ୍ୱକପ୍‌ର ବର୍ଷ

୨୦୨୬ ହେବ ବିଶ୍ୱକପ୍‌ର ବର୍ଷ । ଫିଫା ବିଶ୍ୱକପ୍, ଟି-୨୦ ବିଶ୍ୱକପ୍, ରଗବୀ ୱାର୍ଲ୍ଡ କପ୍ ଓ ଏସିଆନ୍ ଗେମ୍ସ ପରି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ । ଶୀତକାଳୀନ ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସ ଆୟୋଜନର କାର୍ଯ୍ୟକ୍ରମ ରହିଛି । ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୱାର୍ଲ୍ଡ ବେସ୍‌ବଲ୍ କ୍ଲାସିକ୍, ୧୭ ବର୍ଷରୁ କମ୍ ମହିଳା ଓ ପୁରୁଷ ବିଶ୍ୱକପ୍, ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍, ୱାର୍ଲ୍ଡ ଇଣ୍ଡୋର ଆଥଲେଟିକ୍ସ ଓ ୱାର୍ଲ୍ଡ ଫିଗର ସ୍କେଟିଂ ଚାମ୍ପିଅନସିପ୍ ମଧ୍ୟ ଆୟୋଜିତ ହେବ । ତେବେ ଫୁଟବଲ ଓ କ୍ରିକେଟରେ ୪ଟି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଭାରତୀୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ।

## ଜାପାନରେ ଏସିଆନ ଗେମ୍ସ

ଅଲିମ୍ପିକ୍ସ ପରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଭାବେ ଏସିଆନ୍ ଗେମ୍ସକୁ ବିବେଚନା କରାଯାଇଥାଏ । ଚଳିତବର୍ଷ ଏହି ମେଗା ଇଭେଣ୍ଟ ଜାପାନରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି । ଜାପାନର ଅନ୍ୟତମ ଶ୍ରେଷ୍ଠ ସହର ନାଗୋୟାର ଆଇଚିରେ ଏହି ଇଭେଣ୍ଟ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ରେ ଶେଷ ହେବ । ଏଥିରେ ୪୫ଟି ଅଂଶଗ୍ରହଣକାରୀ ଦେଶରୁ ପ୍ରାୟ ୧୫,୦୦୦ ଆଥଲେଟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଖେଳାଯାଇଥିବା ୩୨ଟି ଇଭେଣ୍ଟ ସମେତ ପାଖାପାଖି ୪୨ଟି ଖେଳରେ ପ୍ରତିଯୋଗିତା ଆୟୋଜିତ ହେବ ।

## ୨୦୨୬ର ପ୍ରମୁଖ ବିଶ୍ୱକପ୍ ବା ବିଶ୍ୱ ଚାମ୍ପିଅନସିପ୍

| ତାରିଖ | ଇଭେଣ୍ଟ | ଆୟୋଜକ/ଭେନ୍ୟୁ |
|---|---|---|
| ୧୫।୧ରୁ ୬।୨ | ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ | ଜିମ୍ବାୱେ, ନାମିବ୍ୟା |
| ୭।୨ରୁ ୮।୩ | ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ | ଭାରତ- ଶ୍ରୀଲଙ୍କା |
| ୨୦ରୁ ୨୨।୩ | ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ | ପୋଲାଣ୍ଡ |
| ୨୪ରୁ ୨୯।୩ | ୱାର୍ଲ୍ଡ ଫିଗର ସ୍କେଟିଂ ଚାମ୍ପିଅନସିପ୍ | ଚେକ୍ ରିପବ୍ଲିକ୍ |
| ୧୮।୪ରୁ ୪।୫ | ୱାର୍ଲ୍ଡ ସ୍ନୁକର ଚାମ୍ପିଅନସିପ୍ | ଶେଫିଲ୍ଡ, ଇଂଲଣ୍ଡ |
| ୨୮।୪ରୁ ୧୦।୫ | ୱାର୍ଲ୍ଡ ଟିମ୍ ଟିଟି ଚାମ୍ପିଅନସିପ୍ | ଲଣ୍ଡନ, ଇଂଲଣ୍ଡ |
| ୧୧।୬ରୁ ୧୯।୭ | ଫିଫା ୱାର୍ଲ୍ଡ କପ୍ ଫୁଟବଲ | ଆମେରିକା, କାନାଡା, ମେକ୍ସିକୋ |
| ୧୨।୬ରୁ ୫।୭ | ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ | ଇଂଲଣ୍ଡ ଓ ୱେଲ୍ସ |
| ୫ରୁ ୯।୮ | ୱାର୍ଲ୍ଡ ଜୁନିଅର ରୋଇଂ ଚାମ୍ପିଅନସିପ୍ | ବୁଲଗେରିଆ |
| ୧୪ରୁ ୩୦।୮ | ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ | ନେଦରଲାଣ୍ଡସ ଓ ବେଲଜିୟମ୍ |
| ୧୭ରୁ ୨୩।୮ | ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ | ନୂଆଦିଲ୍ଲୀ, ଭାରତ |
| ୨୩ରୁ ୩୦।୮ | ୱାର୍ଲ୍ଡ ରୋଇଂ ଚାମ୍ପିଅନସିପ୍ | ଆମଷ୍ଟରଡାମ୍, ନେଦରଲାଣ୍ଡସ |
| ୪ରୁ ୧୩।୯ | ଫିବା ମହିଳା ବାସ୍କେଟବଲ ବିଶ୍ୱକପ୍ | ବର୍ଲିନ, ଜର୍ମାନୀ |

### ଫୁଟବଲ୍‌ରେ ୪ଟି ବିଶ୍ୱକପ୍

ସବୁଠୁ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ମହାକୁମ୍ଭ ସିନିଅର ପୁରୁଷ ଫିଫା ବିଶ୍ୱକପ୍ ଏଥର ଉତ୍ତର ଆମେରିକାର ୩ଟି ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋରେ ଖେଳାଯିବ । ୨୦୨୬ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣରେ ଏଥର ସର୍ବାଧିକ ୬ଟି ମହାଦେଶରୁ ୪୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ୧୬ଟି ସହରରେ ମୋଟ ୩୯ ଦିନରେ ୧୦୪ଟି ମ୍ୟାଚ୍ ଖେଳାଯିବ । ଏଥିସହ ପୋଲାଣ୍ଡରେ ୨୦ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍, ମରୋକ୍କୋରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଓ କତାରରେ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବ ।

### ପୁରୁଷ ଓ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ

ଆଧୁନିକ କ୍ରିକେଟର ସବୁଠାରୁ ଲୋକପ୍ରିୟ ଟି-୨୦ ଫର୍ମାଟରେ ୨ଟି ବିଶ୍ୱକପ୍ ୨୦୨୬ରେ ଆୟୋଜିତ ହେବ । ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କାରେ ପୁରୁଷ, ଇଂଲଣ୍ଡରେ ମହିଳା ବିଶ୍ୱକପ୍‌ର ୧୦ମ ସଂସ୍କରଣ ଖେଳାଯିବ । ପୁରୁଷ ବିଭାଗରେ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବ । ଏଥର ୨୦ଟି ଦଳ ଅଂଶଗ୍ରହଣ କରିବେ । ଭାରତର ୫ଟି ଓ ଶ୍ରୀଲଙ୍କାର ୩ଟି ଭେନ୍ୟୁରେ ସମସ୍ତ ୫୫ଟି ଯାକ ମ୍ୟାଚ୍ ଆୟୋଜିତ ହେବ । ଇଂଲଣ୍ଡ ଓ ୱେଲ୍ସରେ ଜୁନ୍ ୧୨ରୁ ଜୁଲାଇ ୫ ମଧ୍ୟରେ ୧୨ଟି ଦଳକୁ ନେଇ ହେବାକୁ ଥିବା ମହିଳା ଟି-୨୦ ବିଶ୍ୱକପ୍‌ର ୩୩ଟି ମ୍ୟାଚ୍ ୭ଟି ଭେନ୍ୟୁରେ ଖେଳାଯିବ । ଜାନୁଆରୀ ୧୫ରୁ ଫେବୃଆରୀ ୬ ମଧ୍ୟରେ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଜିମ୍ବାୱେ ଓ ନାମିବ୍ୟାରେ ପ୍ରଥମଥର ଖେଳାଯିବ ।

### ପୁରୁଷ ହକି ବିଶ୍ୱକପ୍

ବେଲଜିୟମର ୱାଭରେ ଓ ନେଦରଲାଣ୍ଡସର ଆମଷ୍ଟଲଭିନ୍‌ଠାରେ ୫ଟି ମହାଦେଶର ୧୬ଟି ଦଳକୁ ନେଇ ସିନିଅର ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ଅଗଷ୍ଟ ୧୪ରୁ ୩୦ ଯାଏ ଆୟୋଜିତ ହେବ । ବିହାରର ରାଜଗିରଠାରେ ଅନୁଷ୍ଠିତ ଏସିଆ କପ୍‌ରେ ଚାମ୍ପିଅନ ହୋଇ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି । ଏକଦା ଜାତୀୟ ଖେଳର ମାନ୍ୟତା ପାଇଥିବା ହକିରେ ଭାରତର ବିଶ୍ୱକପ୍ ପଦକ ଆଶା ଘରୋଇ ମାଟିରେ ସମ୍ଭବ ହୋଇ ନ ଥିଲା । ୧୯୭୫ ମୁମ୍ବାଇ ବିଶ୍ୱକପ୍ ଚାମ୍ପିଅନ ଭାରତ ଏଥର ଏହି ଧାରାରେ ପରିବର୍ତ୍ତନ କରିବ ବୋଲି ଆଶା ରଖିଛି ।

### କମନୱେଲ୍‌ଥ ଗେମ୍ସ ବା ରାଜ୍ୟଗୋଷ୍ଠୀ କ୍ରୀଡ଼ା

୨୦୨୬ରେ ମଲ୍ଟିସ୍ପୋର୍ଟ୍ସରେ ଏସିଆନ୍ ଗେମ୍ସ ପରେ କେବଳ କମନୱେଲ୍‌ଥ ଏକ ଅନ୍ତର୍ଜାତୀୟ ଇଭେଣ୍ଟ ରହିଛି । ଏଥର ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ସହରରେ ଏହି ପ୍ରତିଯୋଗିତା ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୨ରେ ଶେଷ ହେବ । ଅର୍ଥସଙ୍କଟ ଦେଇ ଗତିକରୁଥିବା ଏହି ପ୍ରତିଯୋଗିତାରେ ଏଥର ୧୦ଟି କ୍ରୀଡ଼ାରେ ଲଢ଼େଇ ହେବ । କିନ୍ତୁ ଅର୍ଥସଙ୍କଟ ଯୋଗୁ ଏଥର କ୍ରିକେଟ, ହକି, ବ୍ୟାଡମିଣ୍ଟନ, ସୁଟିଂ, ସ୍କ୍ୱାଶ୍, ରେସଲିଂ, ଟ୍ରାଏଥଲନ, ଆର୍ଚେରୀ ଓ ଟେବୁଲ ଟେନିସ ଖେଳକୁ ବାଦ୍ ଦିଆଯାଇଛି ।

### ବ୍ୟାଡ୍‌ମିଣ୍ଟନ, ଚେସ୍ ଓ କ୍ରିକେଟ ବିଶ୍ୱକପ୍

୨୦୨୬ରେ ଭାରତୀୟ କ୍ରୀଡ଼ାର ସମ୍ଭାବନାମୟ ବର୍ଷ ଭାବେ ବିବେଚନା କରାଯାଉଛି । ଏହି ବର୍ଷ ଏକାଧିକ ବିଶ୍ୱଚାମ୍ପିଅନସିପ୍ ବା ବିଶ୍ୱକପ୍ ଆୟୋଜିତ ହେଉଥିବାରୁ ଖେଳାଳିଙ୍କୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ ହେବା ଓ ଦେଶର ଗୌରବ ବଢ଼ାଇବା ଲାଗି ସୁବର୍ଣ୍ଣ ସୁଯୋଗ ରହିଛି । ଲୋକପ୍ରିୟ ଖେଳ ଫୁଟବଲ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଚେସ୍, ରଗ୍‌ବୀରେ ବିଶ୍ୱକପ୍ ବା ବିଶ୍ୱଚାମ୍ପିଅନସିପ୍ ଆୟୋଜିତ ହେବ ।


### ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍

ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନର ୱାର୍ଲ୍ଡ ଚାମ୍ପିଅନସିପ୍‌ର ୩୦ତମ ସଂସ୍କରଣ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଆରେନାରେ ଖେଳାଯିବ । ୨୦୦୯ ପରେ ଏହି ପ୍ରତିଯୋଗିତା ଭାରତରେ ପ୍ରଥମଥର ଖେଳାଯିବ । ଏହି ଚାମ୍ପିଅନସିପ୍‌ରେ ଭାରତୀୟ ପ୍ରତିଯୋଗୀମାନେ ଏକାଧିକ ପଦକ ଜିତିଥିବାରୁ ଘରୋଇ ସମର୍ଥକଙ୍କ ଆଗରେ କିଛି ବଡ଼ ସଫଳତା ପାଇବାକୁ ଏମାନେ ଚେଷ୍ଟା କରିବେ ନିଶ୍ଚୟ । ଏହା କେବେ ହେବ ଓ କେତୋଟି ଦେଶ ଅଂଶଗ୍ରହଣ କରିବେ ତାହା ପରେ ସ୍ଥିର ହେବ ।




## ଜୋକୋଭିଚ୍‌ଙ୍କୁ ବାଧା 'ସିନ୍‌କାରାଜ୍'

ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ପାଇଁ ବର୍ଷ ୨୦୨୬ ଅନେକ କିଛି ସମ୍ଭାବନା ନେଇ ଉପନୀତ ହୋଇଛି । ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ନୂତନ ବର୍ଷ ଜୋକୋଭିଚ୍‌ଙ୍କ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ସ୍ୱପ୍ନକୁ ପୂରଣ କରିବ କି ନାହିଁ ତାହାକୁ କ୍ରୀଡ଼ାପ୍ରେମୀ ଅପେକ୍ଷା କରି





ରହିଛନ୍ତି । ତେବେ ୩୯ ବର୍ଷରେ ପାଦ ଥାପିବାକୁ ଯାଉଥିବା ଏହି ତାରକାଙ୍କ ସାମ୍ନାରେ ବଡ଼ ପ୍ରତିବନ୍ଧକ ଭାବେ 'ସିନକାରାଜ' ରହିଛନ୍ତି । ଇଟାଲୀର ଜାନ୍ନିକ ସିନ୍ନର ଓ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ଏହି ଦୁଇଟି ସିଜନରେ ମୋଟ୍ ୮ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୪ଟି ଲେଖାଏ ବାଣ୍ଟିନେଇ ଜୋକୋଭିଚ୍‌ଙ୍କ ସ୍ୱପ୍ନର ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫିରେ ବାଧକ ସାଜିଛନ୍ତି ।

## '୨୬ ଚର୍ଚ୍ଚାରେ ୬ ଖେଳାଳି

ଦର୍ଶକଙ୍କ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ପାଲିଟିଥିବା କ୍ରୀଡ଼ା କ୍ଷେତ୍ରରେ ୨୦୨୫ ମସିହାରେ ସୃଷ୍ଟି ହୋଇଛି ଅନେକ ନୂଆ ଇତିହାସ । ତେବେ ବିବାଦ-ବିତର୍କ ଓ ରେକର୍ଡ଼ର ପୃଷ୍ଠଭୂମିରେ ନୂଆ କ୍ରୀଡ଼ାବର୍ଷ ୨୦୨୬ରେ କିଛି ପ୍ରମୁଖ ଖେଳାଳିଙ୍କ ଭାଗ୍ୟ ଆଉ ଭବିଷ୍ୟତକୁ ନେଇ ଆରମ୍ଭ ହୋଇଛି ଅବଗଣନା । କିଏ ନିଜ କ୍ୟାରିୟରର ଦୋଛକିରେ ରହିଛି ତ ଆଉ କିଏ ନୂଆ ସମ୍ଭାବନାର ଆଶା ଜନ୍ମାଇଛି । ୨୬ ଚର୍ଚ୍ଚାରେ ଥିବା ୬ ପ୍ରମୁଖ ଖେଳାଳିଙ୍କୁ ନେଇ ଆମର ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



### ବୈଭବ ସୂର୍ଯ୍ୟବଂଶୀ

ମାତ୍ର ୧୪ ବର୍ଷ ବୟସରେ ଆଇପିଏଲ୍‌ରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ ପରେ ଗୋଟିକ ପରେ ଗୋଟିଏ ରେକର୍ଡ/ବିଶ୍ୱରେକର୍ଡ କରିଚାଲିଛନ୍ତି । ୧୯ ବର୍ଷରୁ କମ୍ ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ ଏହି ବାମହାତୀ ଓପନର ଜିମ୍ବାୱେ ଓ ନାମିବ୍ୟାରେ ୨୦୨୬ରେ ହେବାକୁ ଥିବା ଆଇପିଏଲ୍ ବିଶ୍ୱକପ୍‌ରେ ଚମକିବେ ବୋଲି ଭାରତୀୟଙ୍କ ଆଶା ।



### ରୋହିତ- କୋହଲି

ରୋ-କୋ ନାମରେ ପରିଚିତ ବିଶ୍ୱ କ୍ରିକେଟର କିଂବଦନ୍ତି ଯୋଡ଼ି ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ ଓ ଟି-୨୦ କ୍ରିକେଟ ଫର୍ମାଟରୁ ଅବସର ନେଇଥିଲେ ମଧ୍ୟ ଦିନିକିଆରେ ଖେଳୁଛନ୍ତି । ଏହି ଦୁଇ ଧୂଆଁଧାର ବ୍ୟାଟର ଯେତେ ମ୍ୟାଚ୍ ଖେଳୁଛନ୍ତି ସେତେ ରେକର୍ଡ କରିଚାଲିଛନ୍ତି । ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ଏମାନେ ଖେଳିବେ କି ନାହିଁ ତାହା ୨୦୨୬ରେ ସ୍ଥିର ହେବ । ତେଣୁ ଏହି ଯୋଡ଼ିଙ୍କ ଉପରେ ଏବେ ସମସ୍ତଙ୍କ ନଜର ।



### ଅଭିଷେକ ଶର୍ମା

ସାମ୍ପ୍ରତିକ ବିଶ୍ୱ ଟି-୨୦ କ୍ରିକେଟରେ ବିଧ୍ୱଂସୀ ଓପନର ଭାବେ ଭାରତର ଅଭିଷେକ ଶର୍ମା ବେଶ ପ୍ରତିଷ୍ଠା ଲାଭ କରିଛନ୍ତି । ଭାରତ ଓ ଶ୍ରୀଲଙ୍କାରେ ୨୦୨୬ରେ ଟି-୨୦ ବିଶ୍ୱକପ୍ ଆୟୋଜିତ ହେବ । ଏବେ ବିଶ୍ୱର ନଂ-୧ ବ୍ୟାଟର ଅଭିଷେକ ଏହି ବିଶ୍ୱକପ୍‌ରେ ଷ୍ଟାରରୁ ସୁପରଷ୍ଟାର ହେବାର ଯଥେଷ୍ଟ ସମ୍ଭାବନା ରହିଛି ।



### ପିଭି ସିନ୍ଧୁ

ବ୍ୟାଡ୍‌ମିଣ୍ଟନରେ ଭାରତର ପରିଚୟ ହୋଇଥିବା ଏକାଧିକ ଅଲିମ୍ପିକ୍ ପଦକ ବିଜେତା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ୨୦୨୫ରେ ବିଶେଷ ସଫଳତା ପାଇ ନାହାନ୍ତି । ୨୦୨୬ ତାଙ୍କ ଲାଗି ଅନେକ ସମ୍ଭାବନା ଆଣିବ । ବିଶେଷ କରି ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ପଦକ ଜିତି ତାଙ୍କ ସୁପରଷ୍ଟାର ମାନ୍ୟତା ବଜାୟ ରଖିବା ସହ ଭାରତର ଗୌରବ ବୃଦ୍ଧି କରିବେ ବୋଲି ଆଶା କରିବା ସ୍ୱାଭାବିକ୍ ।



### ନୀରଜ ଚୋପ୍ରା

ଏକମାତ୍ର ଭାରତୀୟ ଭାବେ ବିଶ୍ୱ ଆଥଲେଟିକ୍ସରେ ପ୍ରଭାବ ବିସ୍ତାର କରିଥିବା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କ ଲାଗି ଗୌରବ ବଢ଼ାଇବାର ଆଉ ଏକ ବର୍ଷ ହେବ । ଏହି ବର୍ଷ ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ କମନୱେଲଥ ଗେମ୍ସ ଓ ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସ ଆୟୋଜିତ ହେବ । ଏହି ଦୁଇଟି ମଲ୍ଟିସ୍ପୋର୍ଟ୍ସ ଇଭେଣ୍ଟରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି ।



### ଲଭଲିନା, ମିରାବାଇ

ବହୁ ଚର୍ଚ୍ଚିତ ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଁଇ ଓ ଭାରୋତ୍ତୋଳିକା ମୀରାବାଇ ଚାନୁ ୨୦୨୬ରେ ହେବାକୁ ଥିବା କମନୱେଲ୍‌ଥ ଓ ଏସିଆନ ଗେମ୍ସରେ ଦେଶ ପାଇଁ ଶ୍ରେଷ୍ଠ ସଫଳତା ଆଣିବେ ବୋଲି କ୍ରୀଡ଼ାପ୍ରେମୀମାନେ ଦୃଢ଼ ଆଶା ରଖିଛନ୍ତି ।

## ବର୍ଷ ଆରମ୍ଭରୁ କମ୍ପିବ କଳିଙ୍ଗ




ନୂଆ ବର୍ଷ ଆରମ୍ଭରୁ ଓଡ଼ିଶା କ୍ରୀଡ଼ାପ୍ରେମୀ ଘରୋଇ ପରିବେଶରେ ଏକ ବଡ଼ ହକି ଟୁର୍ଣ୍ଣାମେଣ୍ଟ ଦେଖିବାର ସୁଯୋଗ ପାଇବେ । ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣର ଚୂଡ଼ାନ୍ତ ପର୍ଯ୍ୟାୟ ମ୍ୟାଚ୍ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ । ଫ୍ରାଞ୍ଚାଇଜଭିତ୍ତିକ ଏହି ପୁରୁଷ ହକି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଚେନ୍ନଇରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୧ରୁ ୧୬ ପର୍ଯ୍ୟନ୍ତ ରାଞ୍ଚିରେ ହେବ । ତୃତୀୟ ପର୍ଯ୍ୟାୟ ଜାନୁଆରୀ ୧୭ରୁ କଳିଙ୍ଗ ଷ୍ଟାଡିୟମରେ ୯ଟି ଲିଗ୍ ମୁକାବିଲା ସହ ଫାଇନାଲକୁ ମିଶାଇ ନକ୍‌ଆଉଟ୍ ପର୍ଯ୍ୟାୟର ୫ଟି ମ୍ୟାଚ୍ ହେବ ।

## ଚର୍ଚ୍ଚାରେ ଓଡ଼ିଶା

### ହକିର ନୂଆ ତାରକା

ଭାରତୀୟ ହକିର 'ଦି ୱାଲ' ଦିଲୀପ ତିର୍କୀଙ୍କ ପରେ ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସ ଅଲିମ୍ପିକ୍ସରେ ଐତିହାସିକ ପଦକ ଜିତି ଜାତୀୟ ହକିରେ ଓଡ଼ିଶାର ଛାପକୁ ବଜାୟ ରଖିଥିଲେ । ବୀରେନ୍ଦ୍ର ଅବସର ନେଇସାରିଥିବାବେଳେ ୩୨ ବର୍ଷୀୟ ଅମିତଙ୍କ କ୍ୟାରିୟର ସାୟାହ୍ନରେ । ଏବେ ଜାତୀୟ ହକିରେ ଓଡ଼ିଶାର ଯୁବ ଚେହେରା ନୀଲମ ସଞ୍ଜୀପ ଖେସ, ଶିଳାନନ୍ଦ ଲାକ୍ରା, ଦୀପସାନ ତିର୍କୀଙ୍କ ସହ ରୋଶନ କୁଜୁର, ଅନମୋଲ୍ ଏକ୍କା, ଆଦ୍ରୋହିତ ଏକ୍କା ୨୦୨୬ ହକି ଇଣ୍ଡିଆ ଲିଗ୍‌ରେ ସଫଳତା ଆଣିବାର ଆଶା ରହିଛି ।

### ନଜରରେ ତନ୍ୱୀ



୧୪ ବର୍ଷୀୟା ଯୁବା ବ୍ୟାଡ୍‌ମିଣ୍ଟନ ତାରକା ତନ୍ୱୀ ପତ୍ରୀ ଏକ ଦୃଢ଼ ସମ୍ଭାବନାର ସ୍ୱର । ଡିସେମ୍ବର ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ୧୫ ଓ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ଦେଶ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ । ତନ୍ୱୀଙ୍କ ପ୍ରଦର୍ଶନକୁ ଅଲିମ୍ପିକ ବିଜୟିନୀ ପିଭି ସିନ୍ଧୁ ବେଶ୍ ପ୍ରଶଂସା କରିଛନ୍ତି । ବାଲେଶ୍ୱରର ଏହି ଯୁବ ସଟଲର୍ ୨୦୨୫ରେ ଏକାଧିକ ଅନ୍ତର୍ଜାତୀୟ ଇଭେଣ୍ଟରେ ପଦକ ହାସଲ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଥିଲେ । ତନ୍ୱୀଙ୍କ ଏହି ପ୍ରଦର୍ଶନ ଆଧାରରେ ଓଡ଼ିଶା କ୍ରୀଡ଼ାପ୍ରେମୀ ତାଙ୍କଠାରୁ ୨୦୨୬ରେ ଆହୁରି ଅନେକ ସଫଳତା ଆଶା ରଖିଛନ୍ତି ।

### ଟ୍ରାକରେ ଚମକିବେ ଅନିମେଶ



ନୂତନ ବର୍ଷ ୨୦୨୬ରେ ଯଦି ଓଡ଼ିଶାରୁ କେଉଁ କ୍ରୀଡ଼ାବିତ୍‌ଙ୍କଠାରୁ ଅଧିକ ଆଶା ରହିଛି ସେ ହେଲେ ସ୍ପ୍ରିଣ୍ଟର ଅନିମେଶ କୁଜୁର । ଛତିଶଗଡ଼ରେ ଜନ୍ମିତ ହୋଇଥିଲେ ମଧ୍ୟ ୨୨ ବର୍ଷୀୟ ଏହି ଧାବକ ବିଗତ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି । ବିଦାୟୀ ବର୍ଷ ଅନିମେଶଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା । ୧୦୦ (୧୦.୧୮ ସେକେଣ୍ଡ) ଓ ୨୦୦ (୨୦.୩୨ ସେକେଣ୍ଡ) ମିଟର ଇଭେଣ୍ଟରେ ଅନିମେଶ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ । ୨୦୨୫ ଅନ୍ତର୍ଜାତୀୟ ଇଭେଣ୍ଟରେ ୩ଟି କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା ଅନିମେଶ ଜାମାଇକାର କିମ୍ବଦନ୍ତୀ ସ୍ପ୍ରିଣ୍ଟର ଉସେନ ବୋଲ୍ଟଙ୍କୁ ଆଦର୍ଶ ମାନନ୍ତି । ୨୦୨୬ରେ ସେ ତାଙ୍କର 'ସ୍ୱର୍ଣ୍ଣ' ସ୍ୱପ୍ନ ପୂରଣ କରିବେ ବୋଲି କ୍ରୀଡ଼ାପ୍ରେମୀଙ୍କ ଆଶା ।

### ମନ୍ଧାନା-ଶେଫାଳିଙ୍କ ରେକର୍ଡ ଭାଗୀଦାରି; ପୁଣି ହାରିଲା ଶ୍ରୀଲଙ୍କା

# ଭାରତର କ୍ରମାଗତ ୪ର୍ଥ ବିଜୟ

ଥିରୁଅନନ୍ତପୁରମ, ୨୮ ।୧୨ (ଏଜେନ୍ସି)

ଘରୋଇ ଭାରତୀୟ ଦଳ ବିଜୟ ଧାରା ଜାରି ରଖି ଏଠାରେ ରବିବାର ଖେଳାଯାଇଥିବା ମହିଳା ଟି-୨୦ ସିରିଜର ୪ର୍ଥ ମ୍ୟାଚରେ ୩୦ ରନରେ ଶ୍ରୀଲଙ୍କାକୁ ମାତ୍ ଦେଇଛି । ପୂର୍ବରୁ ସିରିଜର ପ୍ରଥମ ୩ଟି ମ୍ୟାଚକୁ ଜିତିଥିବା ଭାରତ ଏଥିସହ ୪-୦ରେ ଅଗ୍ରଣୀ ରହିଛି । ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ଅନ୍ତିମ ମ୍ୟାଚ୍ ମଙ୍ଗଳବାର ଏଠାରେ ଖେଳାଯିବ ।

## ଭାରତର ରେକର୍ଡ ୨୨୧/୨ ସ୍କୋର

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୨ ୱିକେଟ୍ ହରାଇ ୨୨୧ ରନର ରେକର୍ଡ ଦଳଗତ ସ୍କୋର କରିଥିଲା । ଶେଫାଳି ୪୬ ବଲରେ ୭୯ (୧୨ ଚୌକା ଓ ୧ ଛକା) ଓ ମନ୍ଧାନା ୪୮ ବଲରେ ୮୦ ରନ (୧୧ ଚୌକା, ୩ ଛକା) କରିଥିଲେ । ଓପନିଂ ୱିକେଟ୍‌ରେ ଉଭୟ ୯୨ ବଲରୁ ୧୬୨ ରନର ରେକର୍ଡ ଭାଗୀଦାରି ଗଢ଼ିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୧୬ ବଲରେ ୪୦ ଓ ଅଧିନାୟିକା ହରମନପ୍ରୀତ୍ କୌର ୧୦ ବଲରେ ୧୬ ରନ କରି ଅପରାଜିତ ରହିଥିଲେ । ଜବାବରେ ଶ୍ରୀଲଙ୍କା ମଧ୍ୟ କଡ଼ା ଟକ୍କର ଦେଇଥିଲା । ଅଧିନାୟିକା ଚାମରି ଆଟାପାଟୁ ୩୭ ବଲରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳ ୬ ୱିକେଟରେ ୧୯୧ ରନ କରି ପରାସ୍ତ ହୋଇଥିଲା । ଭାରତର ଅରୁନ୍ଧତୀ ରେଡ୍ଡୀ ଓ ବୈଷ୍ଣବୀ ଶର୍ମାଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା ।



### ମ୍ୟାଚର ରେକର୍ଡ

**୨୨୧/୨** : ମହିଳା ଟି-୨୦ରେ କୌଣସି ଦଳ ବିପକ୍ଷରେ ଭାରତର ଏହା ରେକର୍ଡ ଦଳଗତ ସ୍କୋର । ପୂର୍ବରୁ ୨୦୨୪ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କରିଥିବା ସ୍କୋର (୨୧୭/୪)କୁ ଭାରତ ଟପିଛି ।

**୧୦ ହଜାର ରନ** : ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ୪ର୍ଥ ବ୍ୟାଟର୍ ଭାବେ ସ୍ମୃତି ମନ୍ଧାନା ୧୦ ହଜାର ରନ କ୍ଲବରେ ସାମିଲ ହୋଇଛନ୍ତି । ପୂର୍ବରୁ ମିତାଲି ରାଜ (୧୦,୮୬୮), ସୁଜି ବେଟ୍ସ (୧୦,୬୫୨) ଓ ଚାର୍ଲୋଟେ ଏଡୱାର୍ଡ୍ସ (୧୦,୨୭୩) ଏହି କ୍ଲବରେ ରହିଛନ୍ତି ।

**୩୧୦୭ ରନ** : ମହିଳା ଟି-୨୦ରେ ପାର୍ଟନରସିପ୍‌ରେ ମନ୍ଧାନା-ଶେଫାଳି ଯୋଡ଼ି ୩୦୦୦ ରନ ଅତିକ୍ରମ କରିଛନ୍ତି । ଏହି ଯୋଡ଼ି ବର୍ତ୍ତମାନ ଟି-୨୦ରେ ପାର୍ଟନରସିପ୍‌ରେ ମୋଟ୍ ୩୧୦୭ ରନ ସଂଗ୍ରହ କରିଛନ୍ତି । ତାଙ୍କ ପଛକୁ ଅଷ୍ଟ୍ରେଲିଆର ଆଲିସା ହେଲୀ-ବେଥ୍ ମୁନୀ ଯୋଡ଼ି (୨୭୨୦ ରନ) ରହିଛନ୍ତି ।

**୨୪ଥର** : ମନ୍ଧାନା ଓ ଶେଫାଳି ଯୋଡ଼ି ଟି-୨୦ କ୍ରିକେଟରେ ରେକର୍ଡ ୨୪ଥର ଲାଗି ଓପନିଂ ୱିକେଟ ଭାଗୀଦାରିରେ ୫୦ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି । ହେଲୀ-ମୁନୀ ଯୋଡ଼ି ୨୦ଥର ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

## ଅଷ୍ଟ୍ରେଲିଆନ୍ କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ବ୍ରେଟ୍ ଲି



ସିଡ୍‌ନୀ, ୨୮ ।୧୨ (ଏଜେନ୍ସି): ମହାନ ଦ୍ରୁତ ବୋଲର ବ୍ରେଟ୍ ଲି ଅଷ୍ଟ୍ରେଲିଆନ୍ କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି । ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇବାରେ ୪୯ ବର୍ଷୀୟ ଲି ଅଷ୍ଟ୍ରେଲିଆର ୬୨ତମ କ୍ରିକେଟର୍ ହୋଇଛନ୍ତି । କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି । ୧୯୯୯ରେ ମେଲବୋର୍ଣ୍ଣରେ ଅନୁଷ୍ଠିତ ଭାରତ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ଖେଳି ଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ । ୧୩ ବର୍ଷର ଲମ୍ବା କ୍ୟାରିୟରରେ ଲି ଅଷ୍ଟ୍ରେଲିଆ ପାଇଁ ୩ଟି ଯାକ ଫର୍ମାଟରେ ମୋଟ୍ ଉପରେ ୩୨୨ଟି ମ୍ୟାଚ୍ ଖେଳି ୭୧୮ ଟି ୱିକେଟ୍ ନେଇଛନ୍ତି । ଯେଉଁଥିରେ ୭୬ଟି ଟେଷ୍ଟରେ ୩୧୦ଟି ଓ ୨୨୧ଟି ଦିନିକିଆରେ ୩୮୦ଟି ୱିକେଟ୍ ନେଇଛନ୍ତି । ସେହିଭଳି ଲି ୨୦୦୩ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ । ଏହି ବିଶ୍ୱକପ୍‌ର ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲରେ ସେ ମାର୍ଭନ ଅଟାପାଟୁଙ୍କୁ ୧୬୦.୧ କିମି ବେଗରେ ବଲ୍ ପକାଇ ବେଶ୍ ଚର୍ଚ୍ଚାରେ ରହିଥିଲେ । ଏହାପରେ ଲି ତାଙ୍କ କ୍ୟାରିୟରରେ ଦ୍ୱିତୀୟଥର ଲାଗି ୧୬୦ କିମିରୁ ଉର୍ଦ୍ଧ୍ୱବେଗରେ ବଲ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୦୦୫ରେ ବୋଲିଂ କରିଥିଲେ । ଏହି ବଲ୍‌ର ବେଗ ୧୬୦.୮ କିମି ରହିଥିଲା ।

■ ଭାରତ ପାଇଁ ଖେଳିବା ପଡ଼ିଲା ମହଙ୍ଗା

## ପାକିସ୍ତାନର ରାଜପୁତ ବାସନ୍ଦ



ଲାହୋର, ୨୮ ।୧୨ (ଏଜେନ୍ସି): ପାକିସ୍ତାନ କବାଡ଼ି ଦଳର ପରିଚିତ ଚେହେରା ଉବେଦୁଲ୍ଲା ରାଜପୁତ ଅନିର୍ଦ୍ଦିଷ୍ଟକାଳ ଲାଗି ବାସନ୍ଦ ହୋଇଛନ୍ତି । ପାକିସ୍ତାନ କବାଡ଼ି ମହାସଂଘ (ପିକେଏଫ୍) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି । ଚଳିତ ମାସ ପ୍ରାରମ୍ଭରେ ବାହାରିନରେ ଅନୁଷ୍ଠିତ ଏକ ଘରୋଇ କବାଡ଼ି ଟୁର୍ଣ୍ଣାମେଣ୍ଟ ଜିସିସି କପ୍‌ରେ ଉବେଦୁଲ୍ଲା ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ଭାରତୀୟ ଜର୍ସି ପରିଧାନ କରି ଭାରତୀୟ ପତାକା ତଳେ ଖେଳୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ପାକିସ୍ତାନରେ ଦାବି ଉଠିଥିଲା । ଯେଉଁଥି ପାଇଁ ପିକେଏଫ୍ ପକ୍ଷରୁ ଗତକାଲି ଏକ ଜରୁରୀକାଳୀନ ବୈଠକ ବସିଥିଲା । ଏଥିରେ ରାଜପୁତଙ୍କ ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାସନ୍ଦାଦେଶ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ପିକେଏଫ୍ କର୍ତ୍ତୃପକ୍ଷଙ୍କଠାରୁ ବାଧ୍ୟତାମୂଳକ ନୋ-ଅବଜେସନ ସାର୍ଟିଫିକେଟ୍ (ଏନ୍‌ଓସି) ନ ପାଇ ଟୁର୍ଣ୍ଣାମେଣ୍ଟ ଖେଳିବା ଲାଗି ବିଦେଶ ଯାତ୍ରା କରିଥିବାରୁ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ବୋଲି ସମ୍ପାଦକ ରାଣା ସରୱାର କହିଛନ୍ତି । ଶୃଙ୍ଖଳାଗତ କମିଟି ସାମ୍ନାରେ ଆବେଦନ କରିବାର ଅଧିକାର ରାଜପୁତଙ୍କ ରହିଛି ବୋଲି ସରୱାର କହିଛନ୍ତି ।

## ମହିଳା ହକି ଇଣ୍ଡିଆ ଲିଗ୍ ଉଦ୍‌ଘାଟିତ

ରାଞ୍ଚି, ୨୮ ।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଚ୍)ର ଦ୍ୱିତୀୟ ସଂସ୍କରଣ ରବିବାର ରାଞ୍ଚିରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ନବାଗତ ତଥା ଘରୋଇ ରାଞ୍ଚି ରୟାଲ୍ସ ୨-୦ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି । ଅଧିନାୟିକା ନବନୀତ୍ କୌର ଓ ତେରେସା ଭିଆନା ରାଞ୍ଚି ପାଇଁ ଏହି ଦୁଇଟି ଗୋଲ୍ ଦେଇଥିଲେ । ସୋମବାର ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ ଓ ଶାରଚୀ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ପ୍ରକାଶଯୋଗ୍ୟ, ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ପ୍ରଥମ ସଂସ୍କରଣ ପରେ ଓହରିଯାଇଥିଲା ।

**ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନ**

## ରୌପ୍ୟ ଜିତି ବର୍ଷକୁ ସ୍ମରଣୀୟ କଲେ ତନ୍ୱୀ

ଭୁବନେଶ୍ୱର, ୨୮ ।୧୨ (ସମିସ): ଓଡ଼ିଶାର ପ୍ରତିଭାବାନ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରି ଦମ୍‌ଦାର ପ୍ରଦର୍ଶନ ସହ ବର୍ଷ ୨୦୨୫କୁ ବିଦାୟ ଜଣାଇଛନ୍ତି । ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ରବିବାର ଶେଷ ହୋଇଥିବା ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ର ୮୭ତମ ସଂସ୍କରଣରେ ତନ୍ୱୀ ରନର୍ସଅପ୍ ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି । ୧୪ ବର୍ଷୀୟା ତନ୍ୱୀଙ୍କ କ୍ୟାରିୟରରେ ସିନିଅରବର୍ଗରେ ଏହା ପ୍ରଥମ ରୌପ୍ୟ ପଦକ ସଫଳତା ଥିଲା । ଏଥିପୂର୍ବରୁ ଡିସେମ୍ବର ପ୍ରାରମ୍ଭରେ କଳିଙ୍ଗ ଷ୍ଟାଡିୟମସ୍ଥିତ 'ଦି ସଟଲ୍'ରେ ଅନୁଷ୍ଠିତ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ଚାମ୍ପିଅନସିପ୍‌ରେ ସେ ଡବଲ୍ ଟାଇଟଲ୍ ହାସଲ କରିଥିଲେ । ସିନିଅରବର୍ଗରେ ତନ୍ୱୀଙ୍କ ଏହି ରୌପ୍ୟ ସଫଳତା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି । ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ମୁକାବିଲା ଘରୋଇ ଆନ୍ଧ୍ର ସଟଲର୍ ୧୯ ବର୍ଷୀୟା ସୂର୍ଯ୍ୟା ଚାରିସ୍ମାଙ୍କ ସହ ହୋଇଥିଲା । ଟୁର୍ଣ୍ଣାମେଣ୍ଟ ସାରା ଏକାଧିକ ବିପର୍ଯ୍ୟୟ ଘଟାଇଥିବା ତନ୍ୱୀ ଏହି ମ୍ୟାଚର ପ୍ରଥମ ଗେମ୍‌କୁ ୨୧-୧୭ରେ ବାଜିମାତ୍ କରିନେଇଥିଲେ । କିନ୍ତୁ ଘରୋଇ ପରିବେଶର ଫାଇଦା ଉଠାଇ ସୂର୍ଯ୍ୟା ପରବର୍ତ୍ତୀ ଦୁଇଟି ଗେମ୍‌କୁ ଯଥାକ୍ରମେ ୨୧-୧୨, ୨୧-୧୪ରେ ବିଜୟୀ ହେବା ସହ ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ । ଏହି ମ୍ୟାଚର ଫଳାଫଳ ବାହାରିବାକୁ ୫୮ ମିନିଟ୍ ସମୟ ଲାଗିଥିଲା । ତନ୍ୱୀ ଏଥିପୂର୍ବରୁ ଶନିବାର ସେମିଫାଇନାଲରେ ୧୮-୨୧, ୨୧-୧୨, ୨୧-୧୫ ଗେମରେ ମହାରାଷ୍ଟ୍ରର ଶ୍ରୁତି ମୁନଦାଦାଙ୍କୁ ପରାସ୍ତ କରି ପ୍ରଥମଥର ଲାଗି ସିନିଅର ଫାଇନାଲରେ ପହଞ୍ଚିବାର ସୌଭାଗ୍ୟ ଲାଭ କରିଥିଲେ ।



ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ରିତଭିକ ସଞ୍ଜୀବ ୨୧-୧୬, ୨୨-୨୦ ଗେମରେ ଭରତ ରାଘବକୁ ହରାଇ ଟାଇଟଲ୍ ହାସଲ କରିଛନ୍ତି । ମହିଳା ଡବଲ୍ସରେ ଶିଖା ଗୌତମ ଓ ଅଶ୍ୱିନି ଭଟ ଚାମ୍ପିଅନ ହୋଇଛନ୍ତି ।

## ୧୫ ବଲ୍‌ରେ ଲୌରାଙ୍କ ରେକର୍ଡ ଅର୍ଦ୍ଧଶତକ



ହାମିଲଟନ୍, ୨୮ ।୧୨ (ଏଜେନ୍ସି): ଅଷ୍ଟ୍ରେଲିଆର ଲୌରା ହାରିସ ମହିଳା ଟି-୨୦ରେ ଦ୍ରୁତତମ ଶତକ ହାସଲ କରିବାରେ ଯୁଗ୍ମଭାବେ ଇଲଣ୍ଡର ମାରିଏ କେଲୀଙ୍କ ସହ ସମକକ୍ଷ ହୋଇଛନ୍ତି । ନ୍ୟୁଜିଲାଣ୍ଡରେ ଚାଲିଥିବା ମହିଳା ଟି-୨୦ ଲିଗ୍ ଓମେନ୍ସ ସୁପର୍ ସ୍ମାଶ୍‌ରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଲୌରା ଓଟାଗୋ ସ୍ପାର୍କ୍ସ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି କାଣ୍ଟବେରୀ ବିପକ୍ଷରେ ମାତ୍ର ୧୫ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଫଳରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ କେଲିଙ୍କ ସହ ଲୌରା ତାଲିକାରେ ମିଳିତ ଭାବେ ଶୀର୍ଷରେ ରହିଛନ୍ତି । ୨୦୨୨ରେ କେଲି କାଉଣ୍ଟି କ୍ରିକେଟ୍‌ର ଏକ ମ୍ୟାଚରେ ୱରୱିକଶାୟର ପକ୍ଷରୁ ଖେଳି ଗ୍ଲୋସେଷ୍ଟରଶାୟର ବିପକ୍ଷରେ ୧୫ଟି ବଲରେ ଅର୍ଦ୍ଧଶତକ ମାରିଥିଲେ ।

**ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ୍**

## ସ୍ପୋର୍ଟ୍ସ ହଷ୍ଟେଲ, ୱାଇବିସି ଚାମ୍ପିଅନ



ଭୁବନେଶ୍ୱର, ୨୮ ।୧୨ (ସମିସ): ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ୟୁନିଟ୍-୧ ବାସ୍କେଟବଲ କମ୍ପ୍ଲେକ୍ସରେ ରବିବାର ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ ସହିଦ ନଗରର ଯୁବ ବାସ୍କେଟବଲ କ୍ଲବ (ୱାଇବିସି) ୬୯-୬୫ ପଏଣ୍ଟରେ କଟକ ବାସ୍କେଟବଲ ଆସୋସିଏସନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ସେହିଭଳି ମହିଳା ବିଭାଗରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ବାଜିମାତ୍ କରିନେଇଛି । ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ୪୦-୩୧ ପଏଣ୍ଟରେ ୟଙ୍ଗଷ୍ଟାର ବାସ୍କେଟବଲ କ୍ଲବକୁ ପରାସ୍ତ କରିଥିଲା । ପୁରୁଷ ବିଭାଗରେ ଭାଗୀରଥି ଗୌତମଙ୍କୁ ଶ୍ରେଷ୍ଠ ଖେଳାଳି ଓ ଶୁଭମ ବେହେରାଙ୍କୁ ବେଷ୍ଟ ପ୍ରମିଜିଂ ପ୍ଲେୟର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ମହିଳାରେ ନବ୍ୟା ଛୁଆଳସିଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ । ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଦୁର୍ଗା ସାମନ୍ତରାୟ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

**ପୂର୍ବାଞ୍ଚଳ ଜୁନିଅର ବାଳିକା ଅସ୍ମିତା ହକି**

## ବିହାରକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୮ ।୧୨ (ସମିସ): ଆସାମର ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବଡ଼ ବିଜୟ ହାସଲ କରିଛି । ରବିବାର ପୁଲ୍ ପର୍ଯ୍ୟାୟ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୭-୦ ଗୋଲ୍‌ରେ ବିହାରକୁ ଏକପାଖିଆ ଭାବେ ହରାଇଥିଲା । ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଆସାମକୁ ଭେଟିବ । ପ୍ରକାଶଯୋଗ୍ୟ, ନିକଟରେ ଶେଷ ହୋଇଥିବା ଏହି ହକି ଚାମ୍ପିଅନସିପ୍‌ର ସବ୍-ଜୁନିଅର ବାଳିକା ବିଭାଗରେ ଓଡ଼ିଶା ଦଳ ଚାମ୍ପିଅନ ହୋଇଥିଲା । ଓଡ଼ିଶା ସବ୍‌ଜୁନିଅର ବାଳିକା ଦଳ ଫାଇନାଲରେ ୪-୩ ଗୋଲରେ ମିଜୋରାମକୁ ପରାସ୍ତ କରିଥିଲା ।

**କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଯାପିତ**

## ଗଣେଶ୍ୱରପୁର, ନୂଆହାଟ ଚାମ୍ପିଅନ



କଟକ,୨୮ ।୧୨(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଦୁଇମାସ ଧରି ଚାଲିଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ)ର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଛି । ଅନୁଗୋଳରେ ସୁପରଲିଗ୍ ଖେଳାଯାଇଥିଲା । ପ୍ରତିଯୋଗିତାର ବାଳକ ବର୍ଗରେ ପୁରୀର ଗଣେଶ୍ୱରପୁର ପଞ୍ଚାୟତ ଚାମ୍ପିଅନ ହୋଇଥିବାବେଳେ ଖୋର୍ଦ୍ଧାର ରଜାସ୍ ପଞ୍ଚାୟତ ରନର୍ସଅପ ହୋଇଛି । ସେହିପରି ବାଳିକା ବର୍ଗ ଫାଇନାଲରେ ଢେଙ୍କାନାଳର ପାଇକପୁରୁଣାକୋଟକୁ ହରାଇ ଅନୁଗୋଳର ନୂଆହାଟ ପଞ୍ଚାୟତ ଟାଇଟଲ୍ ଜିତିଛି । ବାଳକରେ ପୁରୀର ରଶ୍ମୀରଞ୍ଜନ ସାହୁ ଏବଂ ବାଳିକା ବର୍ଗରେ ରୋଜାଲିନ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ରାଜ୍ୟର ବିଭିନ୍ନ ଜୋନ୍‌ରେ ପ୍ରତିଯୋଗିତା ଆୟୋଜନ ପରେ ଉଭୟ ବାଳକ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୧୬ଟି ଦଳ ସୁପରଲିଗ୍‌ରେ ପ୍ରବେଶ କରିଥିଲେ । କଳିଙ୍ଗ ଭଲିବଲ୍ ବିକାଶ ପରିଷଦ ଓ ଅନୁଗୋଳର ଭଲିବଲ୍ ହୋମ୍ ମିଳିତ ସହଯୋଗରେ ତିନିଦିନ ଧରି ପ୍ରତିଯୋଗିତାର ଶେଷପର୍ଯ୍ୟାୟ ଆୟୋଜନ ହୋଇଥିଲା । ଭାରତୀୟ ଦଳର ପୂର୍ବତନ ଅଧିନାୟକ ଅଭିଜିତ ଭଟ୍ଟାଚାର୍ଯ୍ୟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡାନି ଫାଉଣ୍ଡେସନର ସିଇଓ ରାଜେଶ ରାଜଗୋପାଳନ ସ୍ୱତନ୍ତ୍ର ଅତିଥି ଭାବେ ସାମିଲ ହୋଇଥିଲେ । କେଭିଡିସି ସଭାପତି ଡଃ ଅଭିଳାଶ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଶତ୍ରୁଘ୍ନ ନାୟକ, ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସମ୍ପାଦକ ରାଜୀବ ସାହୁ, କଟକ ଜିଲ୍ଲା ସମ୍ପାଦକ ସରୋଜ ଖଟୁଆ, ସଭାପତି ଦେବାଶିଷ ସ୍ୱାଇଁ, ଯାଜପୁର ଜୋନ୍‌ର ଦିବ୍ୟବ୍ରତ ପଣ୍ଡାଙ୍କ ସମେତ ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀୟା ମଜୁମଦାର, ସାହିଲ ଦ୍ୱିବେଦୀ, ଅନୁଗୋଳ ଭଲିବଲ ହୋମ୍‌ର ପ୍ରତିଷ୍ଠାତା ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**ବିଜୟ ହଜାରେ ଟ୍ରଫି**

## ଆଜି ଆନ୍ଧ୍ରକୁ ଭେଟିବ ଓଡ଼ିଶା

କଟକ,୨୮ ।୧୨(ସମିସ): ଚଳିତ ବିଜୟ ହଜାରେ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍ ସୋମବାର ଖେଳାଯିବ । ବେଙ୍ଗାଲୁରୁରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ । ଚଳିତ ସିଜନରେ ଉଭୟ ଦଳ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଏବଂ ପରାଜୟ ସହ ୪ ପଏଣ୍ଟ ହାସଲ କରିଛନ୍ତି । ପ୍ରଥମ ଦୁଇ ମୁକାବିଲାରେ ପ୍ରଭାବଶାଳୀ ପ୍ରଦର୍ଶନ କରିବା ସହ ସର୍ଭିସେସକୁ ହରାଇ ଆଗକୁ ବଢ଼ିଥିବା ଓଡ଼ିଶା ଆନ୍ଧ୍ରପ୍ରଦେଶ ବିପକ୍ଷରେ ବିଜୟ ଆଶା ରଖିଛି ବୋଲି ଅଧିନାୟକ ବିପ୍ଳବ ସାମନ୍ତରାୟ କହିଛନ୍ତି । ଦଳର ବ୍ୟାଟିଂ ଲାଇନଅପରେ ପରିବର୍ତ୍ତନ ଅଣାଯାଇ ପାରେ ବୋଲି ସେ ଜଣାଇଛନ୍ତି । ପ୍ରକାଶଥାଉକି, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଗତ ୧୦ବର୍ଷ ଭିତରେ ତିନିଥର ମୁହାଁମୁହିଁ ହୋଇଛନ୍ତି । ୨୦୨୧ରେ ଖେଳାଯାଇଥିବା ଶେଷ ମୁକାବିଲାରେ ଓଡ଼ିଶା ବିଜୟ ହାସଲ କରିଥିଲା ।

**ମୁକ୍ତେଶ୍ୱର କପ୍**

## ପାରାମାଉଣ୍ଟ-ରାମେଶ୍ୱର ପ୍ରଥମ ସେମି ଆଜି

ଭୁବନେଶ୍ୱର, ୨୮ ।୧୨ (ସମିସ)

ଚତୁର୍ଥ ଦଳ ଭାବେ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ରବିବାର ଖେଳାଯାଇଥିବା ଅନ୍ତିମ କ୍ୱାର୍ଟର ଫାଇନାଲ ମୁକାବିଲାରେ ମୁକ୍ତେଶ୍ୱର ୫ ୱିକେଟ୍‌ରେ ଜୁଭେନାଇଲ କ୍ଲବକୁ ପରାସ୍ତ କରିଥିଲା ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜୁଭେନାଇଲ ଦଳ ୩୦ ଓଭରରେ ୯ ୱିକେଟ୍ ହରାଇ ୧୨୭ ରନ କରିଥିଲା । ଦଳପକ୍ଷରୁ ଗୋପାଳ ମୁର୍ମୁ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ପ୍ରତିପକ୍ଷ ମୁକ୍ତେଶ୍ୱରର ସ୍ପିନର ଆଦିତ୍ୟ ସାମନ୍ତରାୟ ୩ଟି, ଭୁବନେଶ ସାମଲ ୨ଟି ଏବଂ ଏଲ୍‌ଏସ୍ ପାର୍ଥ ଗୋଟିଏ ୱିକେଟ୍ ନେଇଥିଲେ । ଜବାବରେ ମୁକ୍ତେଶ୍ୱର ଦଳ ୨୭.୫ ଓଭରରେ ୯ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ପାର୍ଥ ୩୬ ବଲରେ ୩୬ ରନ କରିଥିଲେ ।



ଅଲରାଉଣ୍ଡ ପ୍ରଦର୍ଶନ ଲାଗି ପାର୍ଥଙ୍କୁ ଅତିଥି ସଞ୍ଜୀବ ହଂସ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ । ସୋମବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ପାରାମାଉଣ୍ଟ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ । ସେହିଭଳି ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାର୍ ଓ ମୁକ୍ତେଶ୍ୱର ସାମ୍ନାସାମ୍ନି ହେବେ ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି । ଟେଲିଭିଜନ ରିପୋର୍ଟିଂରେ ଅନ୍ୟୂନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS